READ & SHARE
www.ekamaatra.com
ekamaatra@gmail.com
taraknews1@gmail.com
ekamaatraodia
ekamaatranews

EKAMAATRA

# ଏକମାତ୍ର

ଅନୁସନ୍ଧାନ ପରେ ଖବର

RNI Regd. No. ODIODI/2017/71524



ବର୍ଷ-୭ | ସଂଖ୍ୟା-୪୮ | ୧୧ - ୧୭ ଡିସେମ୍ବର, ୨୦୨୩ | ଭୁବନେଶ୍ୱର | Monday Weekly | VOL-7 | ISSUE-48 | 11th - 17th DECEMBER, 2023 | BHUBANESWAR | ₹ 5/- (8 Pages)

# ଟଙ୍କାର ପାହାଡ ଉପରେ ସାହୁ ବ୍ରଦର୍ସ

**ଭୁବନେଶ୍ୱର :** ଝାଡ଼ଖଣ୍ଡର ମଦ ବ୍ୟବସାୟୀ 'ସାହୁ ବ୍ରଦର୍ସ ଆଣ୍ଡ କୋ' ସହ ବିଜେଡିର ମନ୍ତ୍ରୀ ଓ ବିଧାୟକମାନଙ୍କର କି ସମ୍ପର୍କ ରହିଛି ? ଓଡ଼ିଶାରେ ଆୟକର ଚଢ଼ଉବେଳେ ସମ୍ପୃକ୍ତ ମଦ ବ୍ୟବସାୟୀଙ୍କଠୁ ଜବତ ନଗଦ ୫୦୦କୋଟି ଟଙ୍କା ଶାସକ ବିଜେଡିର ନୁହେଁ ତ ? ନିର୍ବାଚନ

## ଅଣଓଡ଼ିଆ ମଦ ବେପାରୀଙ୍କ ପଛରେ କିଏ ?

ପରିଚାଳନା ପାଇଁ ବିଜେଡି ଏହି ଟଙ୍କା ଗଚ୍ଛିତ ରଖିନଥିଲା ତ ? ଏଭଳି କିଛି ପ୍ରଶ୍ନ ପଚାରି ଶାସକ ବିଜେଡିକୁ ଟାର୍ଗେଟ୍ କରିଛି ବିଜେପି। ଆଉ ରାଜ୍ୟ ସରକାର ଯଦି ସ୍ୱଚ୍ଛ ତା'ହେଲେ ଏହି ମାମଲାର ତଦନ୍ତ ଭାର ସିବିଆଇକୁ ତୁରନ୍ତ ପ୍ରଦାନ କରନ୍ତୁ ବୋଲି ଦାବି କରିଛି। ରାଜ୍ୟ ବିଜେପି କାର୍ଯ୍ୟାଳୟରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ବିଜେପି ରାଜ୍ୟ ମୁଖପାତ୍ର ମନୋଜ ମହାପାତ୍ର କହିଛନ୍ତି ଯେ, ଅଣଓଡ଼ିଆ ବ୍ୟବସାୟୀମାନେ ଓଡ଼ିଶାର ଖଣି,



ଚିଟଫଣ୍ଡକୁ ଲୁଟ୍ କରିଥିଲେ କିନ୍ତୁ ଏବେ ଅଣଓଡ଼ିଆ ମଦବେପାରୀମାନେ ଓଡ଼ିଶାକୁ ଲୁଟ୍ କରୁଛନ୍ତି। ଗତ ୩ ଦିନ ହେଲାଣି ଜଣେ ଅଣଓଡ଼ିଆ ମଦ ବେପାରୀଙ୍କଠାରୁ ୫୦୦କୋଟିରୁ ଉର୍ଦ୍ଧ୍ୱ ଟଙ୍କା ଜବତ୍ କରାଯାଇଛି ଏବଂ ଏହା ଆଜି ମଧ୍ୟ ଜାରି ରହିଛି। ବାର୍ଷିକ ୧୨୦ କୋଟି ଟଙ୍କାର କାରବାର କରୁଥିବା 'ସାହୁ ବ୍ରଦର୍ସ ଆଣ୍ଡ କୋ'ଙ୍କ ନିକଟକୁ ନଗଦ ୫୦୦ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ଆସିଲା କେଉଁଠୁ ? ଏତେ ଟଙ୍କା କେଉଁଠୁ ଆସିଲା ଓ ଗୋଟିଏ ଜାଗାରେ କିପରି ଠୁଳ ହେଲା ? ଏହି ଜବତ ଟଙ୍କା 'ସାହୁ ବ୍ରଦର୍ସ ଆଣ୍ଡ କୋ'ଙ୍କର ନା ଏଥିରେ କାହାର କଳାଟଙ୍କା ସାମିଲ ଅଛି ବୋଲି ସେ ପ୍ରଶ୍ନ କରିଛନ୍ତି। ଶ୍ରୀ ମହାପାତ୍ର ସିଧାସଳଖ ବିଜେଡି ମନ୍ତ୍ରୀମାନଙ୍କ ଆଡ଼କୁ ଅଙ୍ଗୁଳି ନିର୍ଦ୍ଦେଶ କରି କହିଛନ୍ତି ଯେ, 'ସାହୁ ବ୍ରଦର୍ସ ଆଣ୍ଡ କୋ' ସହ ବୌଦ୍ଧ, ସୋନପୁର, ଟିଟିଲାଗଡ଼, ରାୟଗଡ଼ାରୁ ପ୍ରତିନିଧିତ୍ୱ କରୁଥିବା ମନ୍ତ୍ରୀମାନଙ୍କ ସମ୍ପର୍କ ରହିଛି। ବରଗଡ଼ର ଜଣେ ପୂର୍ବତନ ମନ୍ତ୍ରୀ ତଥା ବର୍ତ୍ତମାନର ବିଜେଡି ବିଧାୟକଙ୍କର ବି ସମ୍ପର୍କ ଅଛି। ମଦ ବ୍ୟବସାୟୀଙ୍କ ସହ ➤ ପୃ-୬

## ଲୁଟ୍ ଟଙ୍କା ଫେରାଇବାକୁ ହେବ : ମୋଦି



**ନୂଆଦିଲ୍ଲୀ :** ଝାରଖଣ୍ଡରୁ ରାଜ୍ୟସଭାକୁ ଯାଇଥିବା ସାଂସଦ ଧୀରଜ ସାହୁଙ୍କ ୧୦ ଠିକଣାରେ ଆୟକର ରେଡ କରିଛି। ଓଡ଼ିଶାର ବିଭିନ୍ନ ସ୍ଥାନରେ ଆୟକର ବିଭାଗ ରେଡ୍ କହି ଶହଶହ କୋଟି ଟଙ୍କା ଜବତ କରି ସାରିଲାଣି। ଝାଡ଼ଖଣ୍ଡର ସାହୁ ଫ୍ୟାମିଲି ମାଲିକାନାରେ ଥିବା ବୌଦ୍ଧ ଡିଷ୍ଟିଲେରୀ ଓ ଅନ୍ୟାନ୍ୟ କମ୍ପାନୀ ଉପରେ ଆୟକର ଚଢ଼ଉରୁ ଆଖି ଖୋସି ହୋଇଯିବା ଭଳି ନଗଦ ଟଙ୍କା ମିଳିଛି। ବଲାଙ୍ଗିରର ସୁଦପଡ଼ା ଦେଶୀ ମଦ ଭାଟିରୁ ବୁଧବାର ପ୍ରାୟ ନଗଦ ୨୦୦କୋଟି ଟଙ୍କା ଆୟକର ବିଭାଗ ଜବତ କରିଥିଲା। ସେହିପରି ଗୁରୁବାର ଆଉ ୫୦ରୁ ୬୦କୋଟି ଟଙ୍କା ଜବତ ହୋଇଥିଲା। ସେହିପରି ଶୁକ୍ରବାର ଦିନ ୩୭ କୋଟି ଟଙ୍କା ଜବତ ହୋଇଛି। ତେବେ ଓଡ଼ିଶାରେ ଗ୍ରେନ୍ ବେସଡ୍ (ଶସ୍ୟ ଆଧାରିତ) ମଦ ପ୍ରସ୍ତୁତ କରୁଥିବା ଏକମାତ୍ର କମ୍ପାନୀ ବୌଦ୍ଧ ଡିଷ୍ଟିଲେରୀ କିଭଳି ଏତେ କମ୍ ➤ ପୃ-୬

### ସଦସ୍ୟତା ଯିବା ପରେ ଗର୍ଜିଲେ ମହୁଆ

# ଜବାବ ଦେଲେ ଅପରାଜିତା

**ଭୁବନେଶ୍ୱର :** ଟିଏମ୍‌ସି ସାଂସଦ ମହୁଆ ମଇତ୍ରଙ୍କୁ ଲୋକସଭାରୁ ବହିଷ୍କୃତ କରାଯାଇଛି। ବହିଷ୍କୃତ ପରେ ସଂସଦ ବାହାରେ ଗଣମାଧ୍ୟମ ଆଗରେ ଗର୍ଜିଛନ୍ତି ମହୁଆ। ମୋ ବିରୋଧରେ କୌଣସି ପ୍ରମାଣ ନାହିଁ ବୋଲି କହିଥିଲେ ମହୁଆ। ତାହାର ଜବାବ ଦେଇଛନ୍ତି ଏଥିକ୍ସ କମିଟିର ଅନ୍ୟତମ ସଦସ୍ୟ ତଥା ଭୁବନେଶ୍ୱର ସାଂସଦ ଅପରାଜିତା ଷଡଙ୍ଗୀ। ଗଣମାଧ୍ୟମକୁ ଶ୍ରୀମତୀ ଷଡଙ୍ଗୀ କହିଛନ୍ତି, ମହୁଆ ମଇତ୍ର ୪୭ ଥର ନିଜର ଲଗ୍‌ଇନ୍ କ୍ରେଡେନ୍ସିଆଲ୍‌କୁ ନେଇ ଦୁବାଇରୁ ପ୍ରଶ୍ନପତ୍ର ଅପ୍‌ଲୋଡ୍ କରାଇଛନ୍ତି। ଦର୍ଶନ ହିରାନନ୍ଦାନୀଙ୍କ କର୍ମଚାରୀମାନେ ପ୍ରଶ୍ନପତ୍ର ଅପ୍‌ଲୋଡ କରିଛନ୍ତି। ଏକଥା ସେ କମିଟି ଆଗରେ ସ୍ୱୀକାର କରିଛନ୍ତି। ତା'ଛଡ଼ା ଗୋଟିଏ ଦିନରେ ବିଭିନ୍ନ ସ୍ଥାନରୁ ତାଙ୍କର ପ୍ରଶ୍ନ ମେମ୍ବର୍ସ ପୋର୍ଟାଲରେ ଅପ୍‌ଲୋଡ ହୋଇଛି। ୟୁଏସ୍ ନ୍ୟୁ ଜର୍ସି, ବେଙ୍ଗାଲୁରୁ, ଦିଲ୍ଲୀରୁ ପ୍ରଶ୍ନପତ୍ର ଅପ୍‌ଲୋଡ ହୋଇଛି। ଏହା ପୂରା ବେଆଇନ୍। ଆମେ




ସାଂସଦ ହୋଇଛୁ ମାନେ ନିୟମ ଭିତରେ ରହିବାର ରହିଛି ବୋଲି ଶ୍ରୀମତୀ ଷଡଙ୍ଗୀ କହିଛନ୍ତି। ପ୍ରଶ୍ନ ପଚାରିବା ପାଇଁ ଟଙ୍କା ନେବା ନେଇ ପ୍ରଶ୍ନରେ ସାଂସଦ ଅପରାଜିତା ଷଡଙ୍ଗୀ କହିଛନ୍ତି, ସତ୍ୟପାଠରେ ସବୁକିଛି ଲେଖାଯାଇଛି। ସତ୍ୟପାଠକୁ ଦୁବାଇରେ ଥିବା ଡେପୁଟି କାଉନ୍‌ସିଲ୍ ଜେନେରାଲଙ୍କୁ ଦେଖାଯାଇଥିଲା। ସେହି ସମୟରେ ବହୁ ଉପହାର ଦିଆଯାଇଛି ଓ ନିଆଯାଇଛି। ଏହାଛଡ଼ା ପଇସା କଥା ମଧ୍ୟ ଲେଖାଯାଇଛି। ସେହି ସତ୍ୟପାଠକୁ ଆଧାର କରି ରିପୋର୍ଟ ପ୍ରସ୍ତୁତ କରାଯାଇଥିଲା ବୋଲି ଶ୍ରୀମତୀ ଷଡ଼ଙ୍ଗୀ କହିଛନ୍ତି। ସେ କହିଛନ୍ତି, ଏଥିକ୍ସ କମିଟିର ବୈଠକ ତିନି ଥର ବସିଥିଲା। ଅଭିଯୋଗକାରୀ ଜୟ ଦେହାଦ୍ରାଇ ଓ ➤ ପୃ-୬

# ୨୬ରେ ବିଜେଡିର ପ୍ରତିଷ୍ଠା ଦିବସ

### ଜନସେବା ମନ୍ତ୍ରକୁ ତୃଣମୂଳ ସ୍ତରରେ ଅଧିକ ଗୁରୁତ୍ୱ ଦେବାକୁ ରୋଡମ୍ୟାପ୍

**ଭୁବନେଶ୍ୱର:** ଡିସେମ୍ବର ୨୬ରେ ବିଜେଡିର ପ୍ରତିଷ୍ଠା ଦିବସ। ଲୋକପ୍ରିୟ ଓ ଶକ୍ତିଶାଳୀ ଆଞ୍ଚଳିକ ଦଳ ଭାବେ ସାରାଦେଶରେ ବିଜେଡି ମାନ୍ୟତା ପାଇଛି। ପ୍ରତିଷ୍ଠା ଦିବସକୁ ଜନସେବା ଉତ୍ସବ ଭାବେ ପୂରା ରାଜ୍ୟରେ ପାଳନ କରିବାକୁ ଆରମ୍ଭ ହୋଇଛି ପ୍ରସ୍ତୁତି। ନବୀନ ପଟ୍ଟନାୟକଙ୍କ ୨୬ ବର୍ଷର ଜନସେବାକୁ ତ୍ୱରାନ୍ୱିତ ଓ ଅଧିକ ବ୍ୟାପକ କରିବ ଦଳ। ପ୍ରତିଷ୍ଠା ଦିବସରେ ବିଜେଡି ନେତା ଓ କର୍ମୀଙ୍କୁ ୨୪ ନିର୍ବାଚନ ପାଇଁ ସୁପ୍ରିମୋ ତଥା ମୁଖ୍ୟମନ୍ତ୍ରୀ ଗୁରୁମନ୍ତ୍ର ଦେବେ। ପ୍ରତିଷ୍ଠା ଦିବସ ପାଇଁ ବିଜେଡିର ପ୍ରସ୍ତୁତି। ଖୁବଶୀଘ୍ର ବସିବ ଦଳୀୟ ପଦାଧିକାରୀ ବୈଠକ। ୧୯୯୭ ଡିସେମ୍ବର ୨୬ ତାରିଖରେ ପ୍ରତିଷ୍ଠା ହୋଇଥିଲା ବିଜେଡି। ପ୍ରତିଷ୍ଠା ଦିବସ ପାଳନ ପାଇଁ ପ୍ରସ୍ତୁତ ହେବ ରୋଡମ୍ୟାପ୍। ଜନସେବାକୁ ଅଧିକ ତ୍ୱରାନ୍ୱିତ ଓ ବ୍ୟାପକ କରିବା



ଉପରେ ଫୋକସ୍। ଜନସେବାରେ ଆଉ ଏକ ବର୍ଷ ଅତିକ୍ରମ କରିବ ବିଜେଡି। ୨୬ ବର୍ଷର ଜନସେବା ମନ୍ତ୍ରକୁ ଦଳ ତୃଣମୂଳ ସ୍ତରରେ ଅଧିକ ଗୁରୁତ୍ୱ ଦେବାକୁ ପ୍ରତିଷ୍ଠା ଦିବସରେ ରୋଡମ୍ୟାପ୍ ପ୍ରସ୍ତୁତ କରିବ। ଜିଲ୍ଲାରୁ ରାଜ୍ୟ ସ୍ତରଯାଏ ପ୍ରତିଷ୍ଠା ଦିବସ ପାଳନ କରିବାକୁ ବିଜେଡି ପ୍ରସ୍ତୁତି ଆରମ୍ଭ କରିଛି। ଖୁବଶୀଘ୍ର ଦଳୀୟ ପଦାଧିକାରୀ ବୈଠକରେ ରଣନୀତି ପ୍ରସ୍ତୁତ କରାଯିବ। ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ନାଁରେ ଗଠିତ ବିଜୁ ଜନତା ଦଳ ➤ ପୃ-୬

### ବିଳମ୍ବିତ ରାତି ପର୍ଯ୍ୟନ୍ତ ଅନିଦ୍ରା ଆଣିପାରେ ବିପଦ

# ମେଦବହୁଳ, ମଧୁମେହ ଆଶଙ୍କା

**ନୂଆଦିଲ୍ଲୀ :** ବିଳମ୍ବିତ ରାତି ପର୍ଯ୍ୟନ୍ତ ଅନିଦ୍ରା ରହିବା ଲୋକଙ୍କ ଆଧୁନିକ ଜୀବନଶୈଳୀର ଏକ ଅଂଶ। ଅଧିକାଂଶ ଲୋକ ବିଳମ୍ବିତ ରାତି ପର୍ଯ୍ୟନ୍ତ ଜାଗ୍ରତ ରୁହନ୍ତି। କାମ ହେଉ, ପାର୍ଟି ହେଉ କିମ୍ବା ଫୋନ୍ ବ୍ୟବହାର ଏହି କାରଣରୁ ସ୍ୱାସ୍ଥ୍ୟ ସମସ୍ୟା ଦେଖାଦିଏ। ଯଦି ଆପଣ ମଧ୍ୟ ପ୍ରତିଦିନ ବିଳମ୍ବିତ ରାତିରେ ଜାଗ୍ରତ ରୁହନ୍ତି, ତେବେ ଏହି ଅଭ୍ୟାସ ଶୀଘ୍ର ଉନ୍ନତ ହେବା ଉଚିତ୍। ବିଳମ୍ବିତ ରାତିରେ ରହିବା କେବଳ ଆପଣଙ୍କ ମାନସିକ ଉପରେ ଖରାପ ପ୍ରଭାବ ପକାଇବ ନାହିଁ ବରଂ ଆପଣଙ୍କ ଶାରୀରିକ ସ୍ୱାସ୍ଥ୍ୟ ଉପରେ ମଧ୍ୟ ଖରାପ ପ୍ରଭାବ ପକାଇଥାଏ। ଯଦି ଦୀର୍ଘ ସମୟ ଧରି ଶୋଇବା ରୁଟିନ୍ ବିଚଳିତ ରହେ, ତେବେ ଏହା ଗୁରୁତର ରୋଗର କାରଣ ହୋଇପାରେ। ସଫଦରଗଞ୍ଜ ହସ୍ପିଟାଲର ଡାକ୍ତର ଦୀପକ ସୁମନ କହିଛନ୍ତି ଯେ



ରାତି ୧୧ଟା ପର୍ଯ୍ୟନ୍ତ ଶୋଇବା ଭଲ। ଏହାଠାରୁ ଅଧିକ ସମୟ ଜାଗ୍ରତ ରହିବା ସ୍ୱାସ୍ଥ୍ୟ ପାଇଁ ଅନେକ କ୍ଷତି କରିପାରେ। ଯେଉଁ ଲୋକମାନେ ବିଳମ୍ବିତ ରାତି ପର୍ଯ୍ୟନ୍ତ ଜାଗ୍ରତ ରୁହନ୍ତି, ସେମାନଙ୍କର ଶୋଇବା ଅବସ୍ଥା ବ୍ୟାକୁଳିତ ହୁଏ ଏବଂ ଏହି କାରଣରୁ ଅନିଦ୍ରା ସମସ୍ୟା ଦେଖାଦେଇଥାଏ। ଅନିଦ୍ରା ଚାପ ସ୍ତରକୁ ବି କମ କରେ ଯେଉଁ କାରଣରୁ ଚିନ୍ତା ସମସ୍ୟା ଇତ୍ୟାଦି ମୁଡ୍ ସୁଇଙ୍ଗ୍ ହେବାର ସମ୍ଭାବନା ଥାଏ। ଏଥି ସହିତ, ରାତିରେ ଉଠିବା ମଧ୍ୟ ସକାଳର ନିତ୍ୟକର୍ମକୁ ନଷ୍ଟ କରିଥାଏ, ଯାହା ମୋଟାପଣର ସମସ୍ୟା ସୃଷ୍ଟି କରିପାରେ ଏବଂ ମଧୁମେହ ହେବାର ଆଶଙ୍କା ବି ବଢାଇଥାଏ। ରାତି ୮ଟା ସୁଦ୍ଧା ଖାଦ୍ୟ ଖାଇବା ଉଚିତ୍। ଆପଣ ଶୋଇବା ଏବଂ ଖାଇବା ସମୟ ମଧ୍ୟରେ ୩ ଘଣ୍ଟାର ବ୍ୟବଧାନ ରହିବା ଉଚିତ। ଯଦି ଆପଣ ରାତିରେ ଅଧିକ ଖାଆନ୍ତି ଏବଂ ତୁରନ୍ତ ଶୋଇବାକୁ ଯାଆନ୍ତି, ତେବେ ହଜମ ପ୍ରକ୍ରିୟା ମଧ୍ୟ ଆରମ୍ଭ ହେବାକୁ ଲାଗେ। ଯଦିଓ ଆପଣ ରାତିରେ ଖାଦ୍ୟ ଖାଉଛନ୍ତି, ସୁସ୍ଥ ଏବଂ ହାଲୁକା ଖାଇବାକୁ ଚେଷ୍ଟା କରନ୍ତୁ। ଆପଣଙ୍କ ଖାଦ୍ୟରେ ଏପରି ଖାଦ୍ୟ ➤ ପୃ-୬

### ଭାରତକୁ ଅବୈଧ ପ୍ରବାସୀଙ୍କ ଆଗମନ

# ସୂଚନା ମାଗିଲେ ସୁପ୍ରିମ୍‌କୋର୍ଟ



**ନୂଆଦିଲ୍ଲୀ:** ୧୯୭୧ରେ ବାଂଲାଦେଶ ଗଠନ ପରେ ଭାରତକୁ ଅବୈଧ ପ୍ରବାସୀଙ୍କ ଆଗମନ ଏବଂ ସୀମାବର୍ତ୍ତୀ ରାଜ୍ୟଗୁଡ଼ିକ ଦ୍ୱାରା ଏହି ସମସ୍ୟାର ମୁକାବିଲା ପାଇଁ ନିଆଯାଇଥିବା ପଦକ୍ଷେପ ସମ୍ପର୍କରେ ସୂଚନା ପ୍ରଦାନ କରିବାକୁ ସୁପ୍ରିମ୍‌କୋର୍ଟ କେନ୍ଦ୍ର ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ବେଆଇନ ଇମିଗ୍ରେସନ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଏବଂ ଏହା କେବଳ ଆସାମରେ ସୀମିତ ନୁହେଁ ବରଂ ସମଗ୍ର ଦେଶକୁ ଚିନ୍ତିତ କରିଛି କାରଣ ଏହା ସମ୍ବଳ ଉପରେ ଚାପ ସୃଷ୍ଟି କରୁଛି ବୋଲି କୋର୍ଟ କହିଛନ୍ତି। ଧାରା ୬ଏକୁ ସାମ୍ବିଧାନିକ ➤ ପୃ-୬

## ବକ୍ରବାଣୀ



ଦେଖି ଶାସନର ଓଲଟା ଗତି
ରାଜନେତା ଯେବେ ଟେଣ୍ଟ ବାନ୍ଧିଲେ
ଓଡ଼ିଆ ପୁଅର ଫାଟିଲା ଛାତି
ବାବୁ ବାବୁଆଣୀ ଶାସନ କଲେ
କି ଥିଲା ରାଇଜ କି ହେଲା ଆଜ
ଓଡ଼ିଶା ରାଇଜେ ନାହାଁନ୍ତି ନେତା
ଆମ ସ୍ୱାଭିମାନ ପଡ଼ିଚି ବନ୍ଧା
ପଶୁନି କାଇଁକି ଆମରି ଚେତା
ଅଣଓଡ଼ିଆଙ୍କୁ ସଲାମ୍ ଦେଇ
ଖୁସିରେ ଡିଅଁନ୍ତି ଫଟୋଟେ ନେଇ।

— ଟୁଟୁ

### ରାଜ୍ୟରେ କମିଛି ପ୍ରଜନନ ହାର

# ବଢ଼ି ଚାଲିଛି ଯୁବକ, ବୟସ୍କଙ୍କ ସଂଖ୍ୟା

**ଭୁବନେଶ୍ୱର :** ଓଡ଼ିଶାର ଜନସଂଖ୍ୟାରେ ଶିଶୁ, ଯୁବକ ଓ ବୟସ୍କଙ୍କ ସଂଖ୍ୟାରେ ଅହେତୁକ ପରିବର୍ତ୍ତନ ରାଜ୍ୟ ପାଇଁ ହୋଇପାରେ ବଡ଼ ବିପଦ। ପ୍ରତି ୨ ବର୍ଷରେ ଥରେ ଆୟୋଜିତ ଓଡ଼ିଶା ବିକାଶ କନକ୍ଲେଭ୍ ୨୦୨୩ରେ ଏଭଳି ଚର୍ଚ୍ଚା ଚିନ୍ତାର କାରଣ ପାଲଟିଛି। ଚଳିତ ବର୍ଷର ଥିମ୍ ରହିଥିଲା ଓଡ଼ିଶା @୨୦୩୬। ପରିବର୍ତ୍ତନଶୀଳ ଜନସଂଖ୍ୟା ଓ ବିକାଶ, ପରିବର୍ତ୍ତିତ ଜନସଂଖ୍ୟାର ଆବଶ୍ୟକତାକୁ ମେଣ୍ଟାଇବା ପାଇଁ ଭବିଷ୍ୟତର କାର୍ଯ୍ୟପନ୍ଥା ସ୍ଥିର କରିବା ଭଳି ବିଭିନ୍ନ ପ୍ରସଙ୍ଗରେ ଆଲୋଚନା ହୋଇଥିଲା। ୨୦୨୧ ମସିହାରେ ରାଜ୍ୟରେ ୫ରୁ ୧୪ ବର୍ଷ ବୟସ୍କ ଶିଶୁଙ୍କ ସଂଖ୍ୟା ୧୬ ପ୍ରତିଶତ ଥିବାବେଳେ ୨୦୩୬ ସୁଦ୍ଧା ସେଥିରେ ୩ ପ୍ରତିଶତ ହ୍ରାସ ପାଇ ୧୩ ପ୍ରତିଶତରେ



ପହଞ୍ଚିବ ବୋଲି ସୂଚନା ମିଳିଛି। ସର୍ଭେ ରିପୋର୍ଟ ଅନୁସାରେ, ରାଜ୍ୟରେ ୨୭ଜିଲ୍ଲାରେ ପ୍ରଜନନ ହାର ହ୍ରାସ ହେଉଥିବା ବେଳେ ମାତ୍ର ତିନୋଟି ଜିଲ୍ଲାର ପ୍ରଜନନ ହାର ଜାତୀୟ ହାର ତୁଳନାରେ ଅଧିକ ରହିଛି। ତେଣୁ ୨୦୩୬ ବେଳକୁ ରାଜ୍ୟର ୨୭ ଜିଲ୍ଲାରେ ପ୍ରତି ଦମ୍ପତି ୨ ସନ୍ତାନରୁ କମ୍ ଓ ୧୪ ଜିଲ୍ଲାରେ ଏହି ସଂଖ୍ୟା ୧ରୁ କମ୍ ରହିବ ବୋଲି ଆଶଙ୍କା କରାଯାଇଛି। ଏଭଳି ସ୍ଥିତି ଯୋଗୁଁ ଆଗାମୀ ୧୦ ବର୍ଷ ମଧ୍ୟରେ ରାଜ୍ୟର ୩୦ପ୍ରତିଶତ ପରିବାରରେ ଗୋଟିଏ ସନ୍ତାନ ହେବ। କିନ୍ତୁ ନବରଙ୍ଗପୁର ଓ ରାୟଗଡ଼ା ଜିଲ୍ଲାରେ ଏହାର ବ୍ୟତିକ୍ରମ ଦେଖାଦେଇପାରେ। କାରଣ ଏହି ଦୁଇ ଜିଲ୍ଲାରେ ଦମ୍ପତି ୨ରୁ ଅଧିକ ସନ୍ତାନ ପାଇଁ ଇଚ୍ଛା ପ୍ରକାଶ କରୁଥିବା ସୂଚନା ମିଳିଛି। ଏହି ପ୍ରଜନନ ହାର ବ୍ୟତିକ୍ରମ ଆସନ୍ତା ୨୦ବର୍ଷ ପରେ ଓଡ଼ିଶା ପାଇଁ ଚିନ୍ତାର କାରଣ ପାଲଟିବ ବୋଲି ବିଶେଷଜ୍ଞମାନେ ଚିନ୍ତା ପ୍ରକଟ କରିଛନ୍ତି। ଅନ୍ୟପଟେ ପ୍ରଜନନ ହ୍ରାସ ଓ ଆୟୁଷ ବୃଦ୍ଧି ମଧ୍ୟରେ ଓଡ଼ିଶାର ବୃଦ୍ଧାବୃଦ୍ଧାମାନଙ୍କ ସଂଖ୍ୟା ହାର ଦେଶ ତୁଳନାରେ ଓଡ଼ିଶାରେ ୪ପ୍ରତିଶତ ଅଧିକ ରହିଛି। ବିଶେଷକରି ୬୦ ବର୍ଷରୁ ଅଧିକ ବୟସର ଜନସଂଖ୍ୟା ୨୦୧୧ରେ ୩.୯ ନିୟୁତରୁ ୨୦୩୬ ସୁଦ୍ଧା ୮ନିୟୁତକୁ ବୃଦ୍ଧି ପାଇବାକୁ ଯାଉଛି ବୋଲି ତଥ୍ୟ ରହିଛି। ➤ ପୃ-୬

### ଶ୍ରୀମନ୍ଦିରରେ ନୂଆ ବର୍ଷରୁ ନୂଆ ନିୟମ

# ସମ୍ପୂର୍ଣ୍ଣ ବନ୍ଦ ହେବ ପାନ ଓ ଗୁଟୁଖା

**ପୁରୀ :** ନୂଆବର୍ଷରୁ ଶ୍ରୀମନ୍ଦିରରେ ପାନ, ଗୁଟ୍‌ଖା ସମ୍ପୂର୍ଣ୍ଣ ବନ୍ଦ ରହିବ। ଶାଳୀନତାପୂର୍ଣ୍ଣ ପୋଷାକ ପରିଧାନ ନିୟମ କଡ଼ାକଡି ଲାଗୁ ହେବ। ଦିବ୍ୟାଙ୍ଗ ଭକ୍ତଙ୍କ ପାଇଁ ଉତ୍ତର ଦ୍ୱାରରେ ରାମ୍ପ ବ୍ୟବସ୍ଥା ହେବ। ୩୧ ତାରିଖ ରାତିରେ ଆବଶ୍ୟକ ହେଲେ ରାତ୍ର ପହୁଡ଼ ହେବନି। ଶ୍ରୀମନ୍ଦିର ନୀତି ସବ୍ କମିଟି ବୈଠକରେ ଏନେଇ ନିଷ୍ପତ୍ତି ହୋଇଛି। ବୈଠକ ପରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ରଞ୍ଜନ ଦାସ ଏହି ସୂଚନା ଦେଇଛନ୍ତି। ଆଜି ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟରେ ନୀତି ସବ୍ କମିଟି ବୈଠକ ବସିଥିଲା। ଏଥିରେ ଆସନ୍ତା ୧୬ରୁ ଜାନୁଆରୀ ୧୪ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ଶ୍ରୀଜୀଉଙ୍କ ପହିଲି ଭୋଗ ନୀତି ସମ୍ପର୍କରେ ଆଲୋଚନା ହୋଇଥିଲା। ଏହାଛଡ଼ା ୧୫ ତାରିଖରେ ପଡୁଥିବା ଧନୁ ସଂକ୍ରାନ୍ତି ଓ



ଜାନୁଆରୀ ୨୫ ତାରିଖରେ ହେବାକୁ ଥିବା ଦେବାଭିଷେକ ନୀତି ସମ୍ପର୍କରେ ଆଲୋଚନା କରାଯାଇ ନୀତି ନିର୍ଘଣ୍ଟ ଚୂଡାନ୍ତ ହୋଇଥିଲା। ପହିଲି ଭୋଗ ଆରମ୍ଭ ହେବା ଦିନଠାରୁ ରାତି ୨ଟାରେ ସିଂହଦ୍ୱାର ଫିଟାଯାଇ ଭୋର ୫ଟା ୨୦ରୁ ୬ଟା ମଧ୍ୟରେ ପହିଲି ଭୋଗ ନୀତି ସମ୍ପନ୍ନ ହେବ। ପହିଲି ଭୋଗ ➤ ପୃ-୬

# ସରକାରୀ ହସ୍ପିଟାଲ ଉପରେ ଲୋକଙ୍କ ଆସ୍ଥା ବଢିଛି : ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର :** ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡିଓ କନ୍‌ଫରେନ୍ସ ଜରିଆରେ ତାଳଚେରଠାରେ ୩୩୦ ଶଯ୍ୟା ବିଶିଷ୍ଟ ପବିତ୍ର ମୋହନ ପ୍ରଧାନ ସରକାରୀ ହସ୍ପିଟାଲ ଉଦ୍ଘାଟନ କରିଛନ୍ତି। ଏହି ହସ୍ପିଟାଲ ପ୍ରତିଷ୍ଠା କ୍ଷେତ୍ରରେ କେନ୍ଦ୍ର ସରକାରଙ୍କ ସହଯୋଗ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ମୁଖ୍ୟମନ୍ତ୍ରୀ ନବୀନପଟ୍ଟନାୟକ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ତାଳଚେର ହେଉଛି ସଂଗ୍ରାମ ଓ ସ୍ୱାଭିମାନର ଭୂମି। ମହାନ ସଂଗ୍ରାମୀ ନେତା ପବିତ୍ର ମୋହନ ପ୍ରଧାନ ଏ ମାଟିରେ ଜନ୍ମ ନେଇଥିଲେ। ସ୍ୱାଧୀନତା ସଂଗ୍ରାମଠାରୁ ଆରମ୍ଭକରି ରାଜ୍ୟର ବିକାଶ କ୍ଷେତ୍ରରେ ସେ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ରଖିଯାଇଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଏହି ଅବସରରେ ସ୍ୱର୍ଗତ ପ୍ରଧାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରି ଏହି ହସ୍ପିଟାଲକୁ ଆଗାମୀ ଦିନରେ ଏକ ମେଡିକାଲ୍ କଲେଜରେ ପରିଣତ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ସ୍ୱାସ୍ଥ୍ୟସେବା ସବୁବେଳେ ଆମର ଫୋକସ୍ ହୋଇ ରହିଛି। ରାଜ୍ୟରେ ଗତ କିଛି ବର୍ଷ ମଧ୍ୟରେ ମେଡିକାଲ୍ କଲେଜ ସଂଖ୍ୟା ବଢିଛି। ଡାକ୍ତର ଓ ସ୍ୱାସ୍ଥ୍ୟ



କର୍ମଚାରୀମାନଙ୍କ ସଂଖ୍ୟା ବଢିଛି। ନୂଆ ନୂଆ ଚିକିତ୍ସା ସେବା ମଧ୍ୟ ଉପଲବ୍ଧ ହେଉଛି। ସରକାରୀ ହସ୍ପିଟାଲ ଉପରେ ଏବେ ଲୋକଙ୍କ ଆସ୍ଥା ବଢିଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଉପରେ ଆଲୋକପାତ କରି ସେ କହିଲେ ଯେ ଏ ଯୋଜନାରେ ପ୍ରତିମାସରେ ଲକ୍ଷ ଲକ୍ଷ ଲୋକ ଉତ୍ତମ ଚିକିତ୍ସା ସେବା ପାଉଛନ୍ତି। ସ୍ୱାସ୍ଥ୍ୟ କ୍ଷେତ୍ରରେ ଆଜି ଯେଉଁ ରୂପାନ୍ତର ଆସିଛି ତାହା ଲୋକମାନଙ୍କ ସହଯୋଗ ଯୋଗୁ ସମ୍ଭବ ହୋଇଛି ବୋଲି ସେ କହିଥିଲେ ଏବଂ ଏଥିପାଇଁ ସେ ଜନସାଧାରଣଙ୍କୁ ଧନ୍ୟବାଦ ଦେଇଥିଲେ। ପ୍ରତି ଜୀବନ ମୂଲ୍ୟବାନ ମନ୍ତ୍ରକୁ ଆଦର୍ଶ କରି ଏହି ହସ୍ପିଟାଲ ଲୋକଙ୍କୁ ଉତ୍ତମ ସ୍ୱାସ୍ଥ୍ୟସେବା ଯୋଗାଇଦେବାରେ ସଫଳ ହେବ ବୋଲି ସେ ଆଶା ଓ ବିଶ୍ୱାସ ପ୍ରକଟ କରିଥିଲେ। କାର୍ଯ୍ୟକ୍ରମରେ ଯୋଗ ଦେଇ କେନ୍ଦ୍ର କୋଇଲା ମନ୍ତ୍ରୀ ପ୍ରହ୍ଲାଦ ଯୋଶୀ କହିଥିଲେ ଯେ, ଏହି ହସ୍ପିଟାଲ ତାଳଚେର ଓ ଅନୁଗୋଳବାସୀଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇଦେବା ପାଇଁ ବହୁ ଉପଯୋଗୀ ହେବ। ଏହି ହସ୍ପିଟାଲ ପାଇଁ କୋଲ ଇଣ୍ଡିଆର ବହୁ ଅବଦାନ ରହିଛି ଏବଂ ଆଗାମୀ ଦିନରେ ଏହି ହସ୍ପିଟାଲକୁ ମେଡିକାଲ୍ କଲେଜରେ ପରିଣତ କରିବା ପାଇଁ କୋଲ ଇଣ୍ଡିଆ ସମସ୍ତ ସହଯୋଗ ଦେବ। ଏହି ହସ୍ପିଟାଲ ପାଇଁ ସମସ୍ତ ସହାୟତା ଓ ସହଯୋଗ ଯୋଗାଇ ଦେଇଥିବାରୁ ଓଡିଶା ସରକାର ବିଶେଷକରି ➤ ପୃ-୬

## କେମିତି କଟିବ ଏ ସପ୍ତାହ

**ମେଷ** ସରକାରୀ କାମର ସମାଧାନ ହେବ। ପରୀକ୍ଷା ଓ ପଦୋନ୍ନତି ଯୋଗ ଅଛି। ଅଚାନକ ଧନ ପ୍ରାପ୍ତି ଯୋଗ ଅଛି। କାର୍ଯ୍ୟକ୍ଷେତ୍ରରେ ସମ୍ମାନ ଯୋଗ ଅଛି। ଜୀବନସାଥୀଙ୍କ ଉପହାର ଦେଇପାରନ୍ତି। ଗୃହରେ ଶାନ୍ତି ବଜାୟ ରହିବ।

**ବୃଷ** ଧନର ପ୍ରାପ୍ତି ସୁନ୍ଦର ଯୋଗ ଅଛି। ଗାଡି ଚାଳନାରେ ସଂଯତ ରହନ୍ତୁ। କାର୍ଯ୍ୟକ୍ଷେତ୍ରରେ ବାଦବିବାଦ ହୋଇପାରେ। ପ୍ରେମୀ ଓ ଜୀବନସାଥୀଙ୍କର ଅଟକିଥିବା କାମ ପୂରା ହେବ। ବିଦେଶ ଭ୍ରମଣର ଯୋଗ ରହିଛି।

**ମିଥୁନ** ସଫଳତାର ସହ ପୁରୁଣା କାମ ହେବ। ଧନପ୍ରାପ୍ତି ଯୋଗ ଅଛି। ଖର୍ଚ୍ଚର ଅନେକ ସୁଯୋଗ ଆସିବ। କାର୍ଯ୍ୟକ୍ଷେତ୍ରରେ ନୂଆ କାମ ପାଇବେ। ଜୀବନସାଥୀଙ୍କ ସହ ସୁନ୍ଦର ସମ୍ପର୍କ ରହିବ। ପରିବାରରେ ଖୁସି ଆସିବ।

**କର୍କଟ** ବାଣୀରେ ଲଗାମ ଦିଅନ୍ତୁ। ମାଆଙ୍କ ସହ ବିବାଦ ରହିପାରେ। ରକ୍ତଚାପ ବଢ଼ିପାରେ। ଧନହାନୀ ଯୋଗ ଅଛି। କାର୍ଯ୍ୟକ୍ଷେତ୍ରରେ ସ୍ତ୍ରୀ ଲୋକଭ୍‌କ ସହ ବିବାଦ ହୋଇପାରେ। ନୂତନ ଗୃହ କିଣି ପାରନ୍ତି।

**ସିଂହ** ରୋକିଥିବା କାମ ପୁରା ହେବ। ଆର୍ଥିକ ସ୍ଥିତି ଉତ୍ତମ ରହିବ ଓ ଉପହାର ପାଇପାରନ୍ତି। କାର୍ଯ୍ୟକ୍ଷେତ୍ରରେ ସମ୍ମାନିତ ହୋଇପାରନ୍ତି। ଶ୍ୱଶୁର ଘରକୁ ଭ୍ରମଣରେ ଯାଇପାରନ୍ତି। ନୂତନ ବସ୍ତ୍ର କ୍ରୟ କରିପାରନ୍ତି।

**କନ୍ୟା** ଧନ ସମ୍ବନ୍ଧୀୟ ସୂଚନା ପାଇପାରନ୍ତି। ଆୟ ଓ ବ୍ୟୟ ହେବ। କ୍ୟାରିୟରରେ ପରିଶ୍ରମ କରିପାରନ୍ତି। ପାର୍ଟନରଙ୍କ ଧନହାନୀ ଯୋଗ ଅଛି। ବିଦେଶ ଭ୍ରମଣ କରିପାରନ୍ତି। ଗୃହରେ କିଛି ମାଙ୍ଗଳିକ କାର୍ଯ୍ୟ ଅନୁଷ୍ଠିତ ହେବ।

**ତୁଳା** ଗୃହ ମରାମତି ଯୋଗ ଅଛି। ବିଦେଶରୁ ଶୁଭ ସୂଚନା ପାଇବେ। ଧନ ସମ୍ବନ୍ଧୀୟ ଶୁଭ ସୂଚନା ପାଇବେ। ସ୍ଥାନ ପରିବର୍ତ୍ତନ ଯୋଗ ଅଛି। ପ୍ରେମୀ ମାନେ ସୁନ୍ଦର ସମୟ କଟାଇବେ ଓ ଉପହାର ଦେଇ ପାରନ୍ତି।

**ବିଛା** ବଡ କାମ ଓ ବଡ ଧନପ୍ରାପ୍ତି କରିପାରନ୍ତି। ଭୂମିରେ ଧନ ବିନିଯୋଗ କରିବେ। କାର୍ଯ୍ୟକ୍ଷେତ୍ରରେ ସମ୍ମାନିତ ହେବେ। ଜୀବନସାଥୀଙ୍କ ଠାରୁ ଭଲ ଖବର ପାଇବେ। ବିଦେଶ ଭ୍ରମଣ କରିପାରନ୍ତି।

**ଧନୁ** ହଠାତ୍ ସବୁକାମ କରିବାକୁ ପଡିପାରେ। ଆଶ୍ଚର୍ଯ୍ୟ ଲାଗିବ। ପଦୋନ୍ନତି ହୋଇପାରେ। ସବୁକାମରୁ ଭଲ ଖବର ପାଇପାରନ୍ତି। ଜୀବନସାଥୀଙ୍କ ପୁରୁଣା ଦାବି କରିବେ।

**ମକର** ସପ୍ତାହ ସଙ୍ଘର୍ଷମୟ ରହିବ। ଘର ତିଆରି କାମ କରନ୍ତୁ ନାହିଁ। ଆୟ ତୁଳନାରେ ବ୍ୟୟ ବଢ଼ିବ। କାର୍ଯ୍ୟ କ୍ଷେତ୍ରରେ ଅସହଯୋଗ ପାଇବେ। ଦମ୍ପତ୍ତିଙ୍କର ମତାନ୍ତର ହୋଇପାରେ। ପ୍ରେମୀ ଯୁଗଳଙ୍କ ପାଇଁ ଭଲ ସମୟ।

**କୁମ୍ଭ** ଭୂମି ବାହାନ ଆଦି କିଣିପାରନ୍ତି। ଧନ ସ୍ଥିତି ମଧ୍ୟମ ରହିବ। କାର୍ଯ୍ୟକ୍ଷେତ୍ରରେ ସଫଳତା ପାଇଷବ। ଘରେ କୌଣସି ମାଙ୍ଗଳିକ କାର୍ଯ୍ୟ କରିପାରନ୍ତି। ବିଦେଶ ଭ୍ରମଣର ଯୋଗ ରହିଛି। ଦାମ୍ପତ୍ୟ ଜୀବନ ସୁଖମୟ ହେବ। ପରିବାରେ ଶାନ୍ତି ବଜାୟ ରହିବ।

**ମୀନ** କୌଣସି ମହିଳାଙ୍କ ସହ ବିବାଦ ହୋଇପାରେ। ସପ୍ତାହଟି ବ୍ୟସ୍ତତାରେ କଟିବ। ମାଆ ଓ ପାର୍ଟନରଙ୍କ ମଧ୍ୟରେ ବଡ ବିବାଦ ହୋଇପାରେ। ଜୀବନସାଥୀଙ୍କ ସହ ନଦୀ ବା ସମୁଦ୍ର ପାଖକୁ ଯାଇ ପାରନ୍ତି। ବିଦେଶ ଭ୍ରମଣର ଯୋଗ ଅଛି।

**ଅନ୍ନପୂର୍ଣ୍ଣା ଖୁଣ୍ଟିଆ**
ଜ୍ୟୋତିର୍ବିଦ୍
ଭୁବନେଶ୍ୱର

### ଅନ୍‌ଲାଇନ୍ ଠକେଇରେ କେନ୍ଦ୍ରର କଡ଼ା କାର୍ଯ୍ୟାନୁଷ୍ଠାନ

# ବେଆଇନ ପୁଞ୍ଜି ବିନିଯୋଗରେ ଲାଗିବ ରୋକ୍

**ନୂଆଦିଲ୍ଲୀ :** ସମ୍ପ୍ରତି ଦେଶରେ ବଢ଼ିବାରେ ଲାଗିଛି ସାଇବର ଅପରାଧ ବା ଅନ୍‌ଲାଇନ୍ ଠକେଇ। ଅଜ୍ଞତାରୁ ସାଇବର ଅପରାଧିଙ୍କ ଜାଲରେ ପଡି ସାଧାରଣ ଲୋକେ ସର୍ବସ୍ୱ ହରାଇ ହେଉଛନ୍ତି ତଳିତଳାନ୍ତ। ଏହାକୁ ନଜରରେ ରଖି କେନ୍ଦ୍ର ସରକାର ବେଆଇନ ପୁଞ୍ଜି ବିନିଯୋଗ ଏବଂ ପାର୍ଟ ଟାଇମ୍ ଚାକିରି ଠକେଇ ସହ ଜଡିତ ୱେବ୍‌ସାଇଟ ଗୁଡିକ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। ଏହି ଅନୁଯାୟୀ, ୧୦୦ ୱେବ୍‌ସାଇଟ୍‌କୁ ସରକାର ବ୍ଲକ୍ କରିଛନ୍ତି। କେନ୍ଦ୍ର ଗୃହ ମନ୍ତ୍ରଣାଳୟ ଅଧୀନସ୍ଥ ଭାରତୀୟ ସାଇବର କ୍ରାଇମ ସମନ୍ୱୟ କେନ୍ଦ୍ରର ନ୍ୟାସନାଲ ସାଇବର କ୍ରାଇମ ଥ୍ରେଟ୍ ଆନାଲିଟିକ୍ସ ୟୁନିଟ୍ (ଏନ୍‌ସିଟିଏୟୁ) ସହାୟତାରେ ୧୦୦ଟି ୱେବ୍‌ସାଇଟ୍ ଚିହ୍ନଟ କରି ସେଗୁଡିକୁ ବ୍ଲକ୍ କରିଛି। ସାଇବର ଅପରାଧର ମୁକାବିଲା ପାଇଁ ସରକାର ନୂତନ ପଦ୍ଧତି ଅବଲମ୍ବନ କରୁଛନ୍ତି। ବାସ୍ତବରେ ଏହି ସାଇଟଗୁଡିକ ଉପଭୋକ୍ତାମାନଙ୍କୁ ବିଭ୍ରାନ୍ତ କରିବା ସହ ଆର୍ଥିକ ଠକେଇ ମଧ୍ୟ କରୁଥିଲେ। ସରକାରୀ ବିବୃତ୍ତି ଅନୁଯାୟୀ, ଏହି ୱେବ୍‌ସାଇଟ୍ ଗୁଡିକ ବିଦେଶରୁ ପରିଚାଳିତ ହେଉଥିଲା ଏବଂ ଭାରତରେ



ଏହାର ଏକ ବଡ଼ ନେଟ୍‌ୱାର୍କ ଥିଲା। ଗତ ସପ୍ତାହରେ ଗୃହ ମନ୍ତ୍ରଣାଳୟର ଏକ ୟୁନିଟ୍ ଜାତୀୟ ସାଇବର କ୍ରାଇମ ଥ୍ରେଟ୍ ଆନାଲିଟିକ୍ସ ୟୁନିଟ୍ ସହାୟତାରେ ଏହା ଚିହ୍ନଟ କରିଥିଲା। ଏହି ଅବଧି ମଧ୍ୟରେ, ୧୦୦ ୱେବ୍‌ସାଇଟ୍ ଚିହ୍ନଟ କରାଯାଇଥିଲା ଯେଉଁଗୁଡିକ ନିବେଶ ଏବଂ ଟାସ୍କ-ଆଧାରିତ ପାର୍ଟ ଟାଇମ୍ ଚାକିରି ଠକେଇ ସହ ଜଡିତ ଥିଲା। କେନ୍ଦ୍ର ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରଣାଳୟ ସୂଚନା ପ୍ରଯୁକ୍ତି ଅଧିନିୟମ ୨୦୦୦ ଅନୁଯାୟୀ ଏହି ସମସ୍ତ ୱେବ୍ସାଇଟକୁ ଅବରୋଧ କରିଥିଲା। ଏହି ୱେବ୍‌ସାଇଟ୍ ଗୁଡିକ ସଂଗଠିତ ବେଆଇନ ପୁଞ୍ଜି ବିନିଯୋଗ ଏବଂ ଆର୍ଥିକ ଅପରାଧ ସହ ଜଡିତ ଥିବା ଜଣାପଡିଛି। ଅନୁସନ୍ଧାନ ବେଳେ ଆହୁରିମଧ୍ୟ ଜଣାପଡିଛି ଯେ ଏହି ୱେବ୍‌ସାଇଟ୍ ଗୁଡିକୁ ବିଦେଶରୁ ପରିଚାଳନା କରାଯାଉଛି। ଅପରାଧ କରିବା ପାଇଁ ଡିଜିଟାଲ ବିଜ୍ଞାପନ, ଚାଟ୍ ମେସେଞ୍ଜର ଏବଂ ଭଡା ଆକାଉଣ୍ଟକୁ ବ୍ୟବହାର କରାଯାଉଛି। ବିନା ଅନୁମତିରେ କାର୍ଡ ନେଟ୍‌ୱାର୍କ, କ୍ରିପ୍ଟୋକରେନ୍ସି ଏବଂ ବିଦେଶର ଏଟିଏମ୍‌ରୁ ଟଙ୍କା ମଧ୍ୟ ପ୍ରତ୍ୟାହାର କରାଯାଇଥାଏ। ପୂର୍ବରୁ ମନ୍ତ୍ରଣାଳୟ ବିଦେଶରୁ ପରିଚାଳିତ ୨୩୨ଟି ଆପ୍‌କୁ ବ୍ଲକ୍ କରିଥିଲା। ଏଥିରେ ଚାଇନିଜ୍ ଆପ୍ ମଧ୍ୟ ଅନ୍ତର୍ଭୁକ୍ତ ହୋଇଥିଲା ଯେଉଁଗୁଡିକ ବେଟିଂ, ଜୁଆ ଏବଂ ବେଆଇନ ଋଣ ସେବା ଯୋଗାଇଥାଏ।

## ଚେନ୍ନାଇରେ ହେବ ଦେଶର ପ୍ରଥମ ସହରାଞ୍ଚଳ ବନ୍ୟା ପ୍ରଶମନ ପ୍ରକଳ୍ପ

**ନୂଆଦିଲ୍ଲୀ :** ସାମୁଦ୍ରିକ ଝଡ଼ ମିଗଜୋମ୍ ଫଳରେ ଚେନ୍ନାଇ ମହାନଗରୀରେ ବ୍ୟାପକ କ୍ଷୟକ୍ଷତି ହୋଇଛି। ଏଭଳି ସ୍ଥିତିରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଚେନ୍ନାଇ ସହରରେ ଏକ ବନ୍ୟା ପ୍ରଶମନ ପ୍ରକଳ୍ପ ନିର୍ମାଣ ପାଇଁ ୫୬୧.୨୯ କୋଟି ଟଙ୍କା ମଞ୍ଜୁର କରିଛନ୍ତି। ଦେଶରେ ଏହା ପ୍ରଥମ ସହରାଞ୍ଚଳ ବନ୍ୟା ପ୍ରଶମନ ପ୍ରକଳ୍ପ। ଚେନ୍ନାଇ ବାରମ୍ବାର ପ୍ରତିକୂଳ ପାଣିପାଗ ଜନିତ ବିପର୍ଯ୍ୟୟର ସାମ୍ନା କରୁଛି। ପ୍ରବଳ ବର୍ଷା ଫଳରେ ସହରରେ ବନ୍ୟା ଭଳି ସ୍ଥିତି ଉପୁଜୁଛି। ଏଭଳି ସ୍ଥିତିର ଜରୁରୀ ମୁକାବିଲା ପାଇଁ ପ୍ରଧାନମନ୍ତ୍ରୀ ଉଚ୍ଚାଭିଳାଷୀ ସହରାଞ୍ଚଳ ବନ୍ୟା ପ୍ରଶମନ ପ୍ରକଳ୍ପକୁ ମଞ୍ଜୁରି ଦେଇଛନ୍ତି। ଏଥିପାଇଁ ଜାତୀୟ ବିପର୍ଯ୍ୟୟ ପ୍ରଶମନ ପାଣ୍ଠି (ଏନଡିଏମଏଫ)ରୁ ୫୬୧.୨୯ କୋଟି ଟଙ୍କା ପ୍ରଦାନ କରାଯିବ। ଉକ୍ତ ପ୍ରକଳ୍ପ ଜରିଆରେ ଚେନ୍ନାଇ ସହରର ଅତ୍ୟଧିକ ବର୍ଷାଜଳ ପରିଚାଳନା ପାଇଁ ଉନ୍ନତ ଭିତ୍ତିଭୂମି ନିର୍ମାଣ କରାଯିବ। ଫଳରେ ବନ୍ୟା ବିପଦ ହ୍ରାସ ପାଇବ ଏବଂ ଲୋକଙ୍କ ଜୀବନ ଓ ଜୀବିକା ଉପରେ ବନ୍ୟାର କମ୍ ପ୍ରଭାବ ପଡ଼ିବ। ଦେଶରେ ସହରାଞ୍ଚଳ ବନ୍ୟା ନିୟନ୍ତ୍ରଣ ପାଇଁ ଏକ ପ୍ରଥମ ପ୍ରକଳ୍ପ ହୋଇଥିବାବେଳେ ଆଗାମୀ ଦିନରେ ଏଭଳି ବିପଦର ସମ୍ମୁଖୀନ ହେଉଥିବା ଅନ୍ୟ ସହର ପାଇଁ ମଧ୍ୟ ଏଭଳି ପ୍ରକଳ୍ପମାନ କରାଯାଇ ପାରିବ ବୋଲି ଆଶା ରଖାଯାଇଛି।

## ୫ ବର୍ଷରେ ନର୍ଦ୍ଦମା ଓ ଟାଙ୍କି ସଫା କରି ୪୪୩ ଜଣଙ୍କ ମୃତ୍ୟୁ

**ନୂଆଦିଲ୍ଲୀ:** ସାମାଜିକ ନ୍ୟାୟ ଓ ସଶକ୍ତୀକରଣ ମନ୍ତ୍ରଣାଳୟ କହିଛି ଯେ ୨୦୧୮ରୁ ଦେଶରେ ସେପ୍‌ଟିକ୍ ଟାଙ୍କି ଓ ନର୍ଦ୍ଦମା ସଫା କରିବା ସମୟରେ ୪୦୦ରୁ ଅଧିକ ଲୋକ ପ୍ରାଣ ହରାଇଛନ୍ତି। ତୃଣମୂଳ କଂଗ୍ରେସ (ଟିଏମ୍‌ସି) ସଦସ୍ୟ ଅପରୂପା ପୋଦ୍ଦାରଙ୍କ ଏକ ପ୍ରଶ୍ନର ଲିଖିତ ଉତ୍ତରରେ ସାମାଜିକ ନ୍ୟାୟ ଓ ସଶକ୍ତୀକରଣ ରାଷ୍ଟ୍ରମନ୍ତ୍ରୀ ରାମଦାସ ଅଠାୱାଲେ ଲୋକସଭାରେ କହିଛନ୍ତି ଯେ, ୨୦୧୮ରୁ ଚଳିତ ବର୍ଷ ନଭେମ୍ବର ୨୦ ମଧ୍ୟରେ ନର୍ଦ୍ଦମା ଓ ସେପ୍‌ଟିକ୍ ଟାଙ୍କି ସଫା କରିବା ସମୟରେ ୪୪୩ ଜଣଙ୍କ ମୃତ୍ୟୁ ଘଟିଛି। ୨୦୧୮ରେ ୭୬, ୨୦୧୯ରେ ୧୩୩, ୨୦୨୦ରେ ୩୫, ୨୦୨୧ରେ ୬୬, ୨୦୨୨ରେ ୮୪ ଏବଂ ଚଳିତ ବର୍ଷ



ନଭେମ୍ବର ୨୦ ସୁଦ୍ଧା ୪୯ ଜଣଙ୍କ ମୃତ୍ୟୁ ଘଟିଛି। ଗତ ୫ ବର୍ଷ ମଧ୍ୟରେ ସେପ୍‌ଟିକ୍ ଟାଙ୍କି ଓ ନର୍ଦ୍ଦମା ସଫା କରିବା ସମୟରେ କେତେ ମୃତ୍ୟୁ ଘଟିଛି ତାହାର ରାଜ୍ୟସ୍ତରୀୟ ବିବରଣୀ ମାଗିଥିଲେ ପୋଦ୍ଦାର। ସରକାରଙ୍କ ସୂଚନା ଅନୁଯାୟୀ, ଚଳିତ ବର୍ଷ ରାଜସ୍ଥାନରେ ସର୍ବାଧିକ ୧୦ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ଗୁଜରାଟରେ ୯ ଜଣଙ୍କ ମୃତ୍ୟୁ ହୋଇଛି। ମହାରାଷ୍ଟ୍ର ଓ ତାମିଲନାଡୁରୁ ୭ ଜଣ ଲେଖାଏଁ ଚିହ୍ନଟ ହୋଇଛନ୍ତି। ଅନ୍ୟ ଏକ ପ୍ରଶ୍ନର ଉତ୍ତରରେ ଅଠାୱାଲେ କହିଛନ୍ତି ଯେ ୨୦୧୮ରେ ନୀତି ଆୟୋଗଙ୍କ ନିର୍ଦ୍ଦେଶରେ କରାଯାଇଥିବା ନ୍ୟାସନାଲ ସର୍ଭେ ଅଫ୍ ମାନୁଆଲ ସ୍କାଭେଞ୍ଜର୍ସରେ ୪୪,୨୧୭ ଜଣ ମାନୁଆଲ ସ୍କାଭେଞ୍ଜର (ହାତରେ ମଳ ଉଠାଳି)ଙ୍କୁ ଚିହ୍ନଟ କରାଯାଇଥିଲା। ମାନୁଆଲ ସ୍କାଭେଞ୍ଜର ଭାବେ ନିଯୁକ୍ତି ନିଷେଧ ଏବଂ ସେମାନଙ୍କ ଥଇଥାନ ଆଇନ, ୨୦୧୩ ଅନୁଯାୟୀ ହାତରେ ମଳ ଉଠାଇବାକୁ ନିଷିଦ୍ଧ କରାଯାଇଛି। ମାନୁଆଲ ସ୍କାଭେଞ୍ଜିଂ କାରଣରୁ ହେଉଥିବା ମୃତ୍ୟୁ ଏବଂ ନର୍ଦ୍ଦମା ସଫା କରିବା ସମୟରେ ଘଟିଥିବା ମୃତ୍ୟୁ ମଧ୍ୟରେ ସରକାର ପାର୍ଥକ୍ୟ କରିଛନ୍ତି। ବିଶେଷଜ୍ଞମାନେ କହିଛନ୍ତି ଯେ ନର୍ଦ୍ଦମା ଓ ସେପ୍‌ଟିକ୍ ଟାଙ୍କି ସଫା କରିବା ନିଷିଦ୍ଧ ପ୍ରଥାର ଏକ ସମ୍ପ୍ରସାରଣ।

## ୬୦୦ ବିଲିୟନ ଡଲାର ଟପିଲା ଭାରତର ବୈଦେଶିକ ମୁଦ୍ରା ଭଣ୍ଡାର

**ନୂଆଦିଲ୍ଲୀ :** ଭାରତର ବିଦେଶୀ ମୁଦ୍ରା ଭଣ୍ଡାର ୪ ମାସର ସର୍ବୋଚ୍ଚ ସ୍ତରରେ ପହଞ୍ଚିଯାଇଛି। ୧ ଡିସେମ୍ବରରେ ସମାପ୍ତ ସପ୍ତାହରେ ଦେଶର ବିଦେଶୀ ମୁଦ୍ରା ଭଣ୍ଡାର ୬ ବିଲିୟନ ଡଲାର ବୃଦ୍ଧି ସହ ୬୦୦ ବିଲିୟନ ଡଲାର ଅତିକ୍ରମ କରିଛି। ରିଜର୍ଭ ବ୍ୟାଙ୍କ ତଥ୍ୟ ଅନୁଯାୟୀ, ଡିସେମ୍ବର ପହିଲାରେ ଶେଷ ହୋଇଥିବା ସପ୍ତାହରେ ବୈଦେଶିକ ମୁଦ୍ରା ଭଣ୍ଡାର ୬.୧୦ ବିଲିୟନ ଡଲାର ବୃଦ୍ଧି ପାଇ ୬୦୪.୦୪ ବିଲିୟନ ଡଲାରରେ ପହଞ୍ଚିଛି। କ୍ରମାଗତ ତୃତୀୟ ସପ୍ତାହରେ ବୈଦେଶିକ ମୁଦ୍ରା ଭଣ୍ଡାରରେ ବୃଦ୍ଧି ଘଟିଛି। ତେବେ ଭାରତର ବୈଦେଶିକ ମୁଦ୍ରା ଭଣ୍ଡାରେ ରେକର୍ଡ ବୃଦ୍ଧି ଗତ ୨୦୨୧ ଅକ୍ଟୋବର ମାସରେ ଦେଖାଦେଇଥିଲା ଯେତେବେଳେ ଏହା ୬୪୫ ବିଲିୟନ ଡଲାରରେ ପହଞ୍ଚିଥିଲା।

# ନୂଆବର୍ଷରୁ ବଦଳିବ ସିମ୍ କାର୍ଡ ନିୟମ

**ନୂଆଦିଲ୍ଲୀ :** ନୂଆବର୍ଷରୁ ଦେଶରେ ଲାଗୁ ହେବାକୁ ଯାଉଛି କେତେକ ନୂଆ ନିୟମ। ଏଥିମଧ୍ୟରୁ ସିମ୍ କାର୍ଡ ନିୟମ ଅନ୍ୟତମ। କାରଣ ଜାନୁଆରୀ ପହିଲାରୁ ସିମ୍ କାର୍ଡ ସମ୍ବନ୍ଧୀୟ ନିୟମରେ କେତକ ପରିବର୍ତ୍ତନ ହେବାକୁ ଯାଉଛି। ଯଦି ଆପଣ ଏକ ନୂତନ ସିମ୍ କାର୍ଡ କିଣିବାକୁ ଚିନ୍ତା କରୁଛନ୍ତି, ତେବେ ପ୍ରଥମେ ଆପଣ ନୂତନ ନିୟମ ବିଷୟରେ ଜାଣିବା ଉଚିତ୍। ଯୈଣିକୁ ଜାନୁଆରୀ ପହିଲାଠାରୁ ସିମ୍ କାର୍ଡ କିଣିଲେ କେବଳ ଡିଜିଟାଲ୍ କେୱାଇସି ରହିବ। ସିମ୍ କାର୍ଡ ଇସ୍ୟୁ ପ୍ରକ୍ରିୟା ଅଧିକ ତୀବ୍ର ହେବ। ପୂର୍ବ ଭଳି ଆଉ ଫିଜିକାଲ ଯାଞ୍ଚ ପାଇଁ ଡକ୍ୟୁମେଣ୍ଟ ସଂଗ୍ରହ କରିବାକୁ ପଡିବନାହି, ଯାହା ମହଙ୍ଗା ଆଉ ସମୟସାପେକ୍ଷ ଥିଲା। ଏହି ନୂଆ ନିୟମ କାର୍ଯ୍ୟକାରୀ ହେଲେ ଗ୍ରାହକଙ୍କୁ ଏକ ନୂତନ ସିମ୍ କାର୍ଡ ପାଇବା ସହଜ ହେବ। ଜାନୁଆରୀ ପହିଲାରୁ ସିମ୍ କାର୍ଡ କିଣିବା ଉପରେ କେବଳ ଡିଜିଟାଲ୍ କେୱାଇସି ବ୍ୟବସ୍ଥା ଜରିଆରେ ଡକ୍ୟୁମେଣ୍ଟଗୁଡିକର ଯାଞ୍ଚ କରାଯିବ। ଏହି ନୂଆ ବ୍ୟବସ୍ଥାର କାର୍ଯ୍ୟାନ୍ୱୟନ ନେଇ କେନ୍ଦ୍ର ସରକାର ପୂର୍ବରୁ ନିଷ୍ପତ୍ତି ନେଇସାରିଛନ୍ତି। ଅଗଷ୍ଟରେ ନିଆଯାଇଥିବା ନିଷ୍ପତ୍ତିକୁ କାର୍ଯ୍ୟକାରୀ କରିବାରେ ବିଳମ୍ବ ହୋଇଥିଲା। ଏହି ଅବଧି ମଧ୍ୟରେ, ସିମ୍ କାର୍ଡ ବିକ୍ରେତାମାନଙ୍କର ଯାଞ୍ଚ ମଧ୍ୟ କରାଯିବ। ବାସ୍ତବରେ ସାଇବର ଠକେଇର ମୁକାବିଲା ପାଇଁ ସରକାର ପ୍ରସ୍ତୁତ ହେଉଛନ୍ତି ଏବଂ ଏହି ପ୍ରସଙ୍ଗରେ ଏହି ନିଷ୍ପତ୍ତି ନିଆଯାଇଛି। ଏହାପୂର୍ବରୁ, ଯେ କୌଣସି ବ୍ୟକ୍ତିଙ୍କ ନାମରେ ଦିଆଯାଇଥିବା ସିମ୍ କାର୍ଡ ଜଣେ ପାଇପାରୁଥିଲେ ଏବଂ ତାହାକୁ ବ୍ୟବହାର କରୁଥିଲେ। ସିମ୍ କାର୍ଡ ନିୟମ ଲାଗୁ କରାଯିବା ପରେ ଡକ୍ୟୁମେଣ୍ଟର ଡିଜିଟାଲ କେୱାଇସି ବ୍ୟବସ୍ଥା କାର୍ଯ୍ୟକାରୀ କରାଯିବା ଦ୍ୱାରା ଆଉ କେହି ଅନ୍ୟ ଜଣଙ୍କର ସିମ୍ କାର୍ଡ ବ୍ୟବହାର କରିପାରିବେ ନାହିଁ। ବର୍ତ୍ତମାନ ନୂଆ ସମ୍ କାର୍ଡ ନିୟମ ଲାଗୁ କରିବା କ୍ଷେତ୍ରରେ ବିତରକ, ଷ୍ଟୋର କର୍ମଚାରୀ ଏବଂ ପଏଣ୍ଟ ଅଫ୍ ସେଲ୍ସ ଯାଞ୍ଚ କରାଯିବ। ଏହା ସ୍ପଷ୍ଟ କରିବ ଯେ ସିମ୍ କିଏ ଇସ୍ୟୁ କରିଛନ୍ତି। ଯଦି କିଛି ଭୁଲଭାଲ୍ ହୁଏ, ତେବେ ସେ ହିଁ ଉତ୍ତରଦାୟୀ ରହିବେ। ଏହାର ଅର୍ଥ ହେଉଛି ସରକାର ଠକେଇ ମାମଲାକୁ ଗମ୍ଭୀରତାର ସହ ନେଉଛନ୍ତି। ଏଗୁଡିକର ମୁକାବିଲା ପାଇଁ କ୍ରମାଗତ ଭାବରେ ନୂତନ ରଣନୀତି ପ୍ରସ୍ତୁତ କରାଯାଉଛି।

### ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ଆହ୍ୱାନ

# ମଦରେ ଟ୍ୟାକ୍ସ ବଢ଼ାଅ

**ନୂଆଦିଲ୍ଲୀ :** ଆଲକୋହଲ ଓ ଚିନିମିଶ୍ରିତ ମଦ୍ୟଜାତୀୟ ସାମଗ୍ରୀ ଉପରେ କର ବଢ଼ାଅ। ସମସ୍ତ ରାଷ୍ଟ୍ରଙ୍କୁ ଏହି ଆହ୍ୱାନ ଦେଇଛି ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ। ଏକ ପ୍ରେସ ବିଜ୍ଞପ୍ତିରେ ସଂଗଠନ କହିଛନ୍ତି, ପୃଥିବୀର ବହୁ କମ୍ ରାଷ୍ଟ୍ର ଏହି ପଦକ୍ଷେପ ନେଇଛନ୍ତି। ବିଶ୍ୱରେ ଏହି ଧରଣର ସାମଗ୍ରୀ ଉପରେ କର ହାର ବହୁତ କମ୍ ରହିଛି। ଯଦି କର ହାର ବୃଦ୍ଧି କରାଯାଏ ତେବେ ଏହାର ସକାରାତ୍ମକ ପ୍ରଭାବ ଲୋକଙ୍କ ଉପରେ ପଡିବ। ସଂଗଠନ କହିଛି ମଦ୍ୟପାନ ଯୋଗୁ ପ୍ରତିବର୍ଷ ବିଶ୍ୱରେ ୨୬ ଲକ୍ଷ ଲୋକ ପ୍ରାଣ ହରାଇଥାନ୍ତି। ସେହିପରି ଅସ୍ୱାସ୍ଥ୍ୟକର ଖାଦ୍ୟ ଖାଇ ବାର୍ଷିକ ୮୦ ଲକ୍ଷ ଲୋକଙ୍କ ଜୀବନ ଯାଇଥାଏ। ଯଦି ମଦ ଓ ଚିନିମିଶ୍ରିତ ମଦ୍ୟ ମଦ୍ୟଜାତୀୟ ସାମଗ୍ରୀ ଉପରେ




ଅଧିକ କର ଲାଗୁ କରାଯାଏ ତେବେ ଅନେକ ଲୋକଙ୍କ ଜୀବନ ରକ୍ଷା ପାଇପାରିବ। ସଂଗଠନ ପକ୍ଷରୁ କୁହାଯାଇଛି- ଏହି ଧରଣର ସାମଗ୍ରୀ ଉପରେ ୧୦୮ଟି ରାଷ୍ଟ୍ର ସାମାନ୍ୟ ଅଧିକ କର ଲାଗୁ କରିଛନ୍ତି। ସେହି ରାଷ୍ଟ୍ରଙ୍କ ମଧ୍ୟରୁ ଅର୍ଦ୍ଧାଧିକ ରାଷ୍ଟ୍ରରେ ପାଣି ଉପରେ କର ଲାଗୁ କରୁଛନ୍ତି ଯାହାକି ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଅନୁମତି ଦେଇନାହିଁ। ଯଦି ଅସ୍ୱାସ୍ଥ୍ୟକର ସାମଗ୍ରୀ ଉପରେ କର ଲାଗୁ କରାଯାଏ ତେବେ ସୁସ୍ଥ ଲୋକଙ୍କ ସଂଖ୍ୟା ଅଧିକ ହେବ। ଏହା ସହ ହିଂସା ଓ ସଡ଼କ ଦୁର୍ଘଟଣା ରୋକିବା ଦିଗରେ ଏହା ସହାୟକ ହେବ ବୋଲି କହିଛନ୍ତି ସଂଗଠନର ହେଲଥ ପ୍ରମୋସନ ନିର୍ଦ୍ଦେଶକ ରୁଡିଗର କ୍ରେଚ। ବିଶ୍ୱର ୨୨ଟି ରାଷ୍ଟ୍ରରେ ମଦକୁ କରମୁକ୍ତ କରାଯାଇଥିବାବେଳେ ସର୍ବାଧିକ ବିକ୍ରି ହେଉଥିବା ମଦ ଉପରେ ୧୭.୨ ପ୍ରତିଶତ କର ଲାଗୁ କରାଯାଉଛି। ସେହିପରି ସବୁଠାରୁ ଅଧିକ ବିକ୍ରି ହେଉଥିବା ସ୍ପିରିଟ ଉପରେ ୨୬.୫ ପ୍ରତିଶତ କର ଲାଗୁ କରାଯାଇଛି।

## ବିପଜ୍ଜନକ ଜଳବାୟୁ ସୀମାର ଦ୍ୱାରଦେଶରେ ପୃଥିବୀ

**ନୂଆଦିଲ୍ଲୀ :** ପୃଥିବୀର ଜଳବାୟୁ ପ୍ରଣାଳୀ ଅନେକ ବିପଜ୍ଜନକ ଟିପିଂ ପଏଣ୍ଟର ନିକଟତର ହୋଇଥିବା ସାମ୍ପ୍ରତିକ ବୈଜ୍ଞାନିକ ବିଶ୍ଳେଷଣରୁ ଜଣାପଡିଛି। ଜଳବାୟୁ ଟିପିଂ ପଏଣ୍ଟ ପୃଥିବୀର ପ୍ରାକୃତିକ ପ୍ରଣାଳୀରେ ଏକ ଗୁରୁତ୍ୱପୂର୍ଣ୍ଣ ସୀମା; ଥରେ ଅତିକ୍ରମ କରିବା ପରେ ସେଗୁଡ଼ିକ ସାଂଘାତିକ ଓ ପ୍ରାୟତଃ ଅପରିବର୍ତ୍ତନୀୟ ପରିବର୍ତ୍ତନ ଆଣିପାରନ୍ତି। ନିକଟରେ ହୋଇଥିବା ଗବେଷଣାରୁ ବିଶ୍ୱ ତାପମାତ୍ରାର ସାମ୍ପ୍ରତିକ ସ୍ତରରେ ବିପଦରେ ଥିବା ପାଞ୍ଚଟି ପ୍ରମୁଖ ଟିପିଂ ପ୍ରଣାଳୀ ଚିହ୍ନଟ କରାଯାଇଛି। ସେଗୁଡ଼ିକ ହେଉଛି ଗ୍ରୀନଲ୍ୟାଣ୍ଡ, ପଶ୍ଚିମ ଆଣ୍ଟାର୍କଟିକା ବରଫ ଚାଦର ଓ ପର୍ମାଫ୍ରଷ୍ଟ (ସ୍ଥାୟୀ ଜମାଟବନ୍ଧା ବରଫାବୃତ ଅଞ୍ଚଳ) ତରଳିବା, ପ୍ରବାଳପ୍ରାଚୀର ନଷ୍ଟ ହେବା ଏବଂ ଲାବ୍ରାଡର ସାଗର ଓ ଉପମେରୁବୃତ୍ତ ସଞ୍ଚାଳନ। ଏହା ମାନବିକତା ଏବଂ ପୃଥିବୀ ପାଇଁ ଭୟଙ୍କର ପ୍ରଭାବ ପକାଇପାରେ। ଯଦି ଗ୍ରୀନଲାଣ୍ଡ ବରଫ ତରଳିଯାଏ, ତେବେ ଏହା




ସମୁଦ୍ର ପତ୍ତନ ବୃଦ୍ଧିରେ ସହାୟକ ହୋଇପାରେ, ଯାହା ସମଗ୍ର ବିଶ୍ୱର ଉପକୂଳବର୍ତ୍ତୀ ଅଞ୍ଚଳକୁ ବିପଦରେ ପକାଇପାରେ। ପର୍ମାଫ୍ରଷ୍ଟ ତରଳିବା ହେଉଛି ଆଉ ଏକ ଟିକ୍ ଟିକ୍ କରୁଥିବା ଟାଇମ୍ ବୋମା, ଯେଉଁଥିରେ ବର୍ତ୍ତମାନ ବରଫ ତଳେ ଜମାଟ ବାନ୍ଧି ରହିଥିବା ବିପୁଳ ପରିମାଣର ଗ୍ରୀନ୍‌ହାଉସ୍ ଗ୍ୟାସ୍ ନିର୍ଗତ ହେବାର ସମ୍ଭାବନା ରହିଛି। ସମଗ୍ର ସାମୁଦ୍ରିକ ପରିବେଶର ସମ୍ଭାବ୍ୟ କ୍ଷତି ସହିତ ଉଷ୍ମମ ଜଳ ଓ ଅମ୍ଳୀକରଣ ଦ୍ୱାରା ସମୁଦ୍ରର ନର୍ସରୀ ବୋଲି କୁହାଯାଉଥିବା ପ୍ରବାଳପ୍ରାଚୀର ଏକ ଅସ୍ତିତ୍ୱ ସଂକଟର ସମ୍ମୁଖୀନ ହେଉଛି।

### ଓଡ଼ିଶାରେ ଲୁହାପଥର ଖନନ ସୀମା ନିର୍ଦ୍ଧାରଣ ଜରୁରୀ କି ?

# ଜବାବ ମାଗିଲେ ସୁପ୍ରିମ୍‌କୋର୍ଟ

**ନୂଆଦିଲ୍ଲୀ :** କର୍ଣ୍ଣାଟକ ଓ ଗୋଆରେ ଖଣି ଖନନର ସୀମା ନିର୍ଦ୍ଧାରଣ ହୋଇସାରିଛି। ଓଡ଼ିଶାରେ ଲୁହାପଥର ଖନନର ସୀମା ନିର୍ଦ୍ଧାରଣ କରାଯିବାର ଆବଶ୍ୟକତା ଅଛି କି ନାହିଁ। ଏନେଇ ଆବଶ୍ୟକ ତଥ୍ୟ ରଖିବାକୁ କେନ୍ଦ୍ର ପରିବେଶ ମନ୍ତ୍ରଣାଳୟକୁ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଏହାସହିତ ଓଡ଼ିଶାରେ ବେଆଇନ ଖଣି କାରବାରରେ ସମ୍ପୃକ୍ତ କମ୍ପାନୀଗୁଡ଼ିକ ଉପରେ ଥିବା ବକେୟା ରାଶି ଆଦାୟର ସ୍ଥିତି କ'ଣ ରହିଛି ସେସମ୍ପର୍କରେ ୪ ସପ୍ତାହ ମଧ୍ୟରେ ସତ୍ୟପାଠ ଦାଖଲ କରିବାକୁ ଓଡ଼ିଶା ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସୁପ୍ରିମକୋର୍ଟ ମୁଖ୍ୟ ବିଚାରପତି ଜଷ୍ଟିସ ଡିୱାଇ ଚନ୍ଦ୍ରଚୂଡ଼ଙ୍କ ନେତୃତ୍ୱରେ ଗଠିତ ୩ଜଣିଆ ଖଣ୍ଡପୀଠ 'କମନକଜ୍' ନାମକ ଏକ ସ୍ୱେଚ୍ଛାସେବୀ ସଂଗଠନ ଦ୍ୱାରା ଦାଏର ଯାଚିକାର ଶୁଣାଣି କରି କହିଛନ୍ତି ଯେ, ପରିବେଶ ମନ୍ତ୍ରଣାଳୟ ହେଉଛି ଏକ୍ସପର୍ଟ ବଡ଼ି। ଲୁହାପଥର ଖଣି ଖନନର ପ୍ରଭାବ ପରିବେଶ ଓ ସ୍ଥାୟୀ ବିକାଶ ଉପରେ କିଭଳି ପଡୁଛି ? ଓଡ଼ିଶାରେ ଲୁହାପଥର ଖଣି ଖନନର ସୀମା ନିର୍ଦ୍ଧାରଣର ଆବଶ୍ୟକତା ଅଛି କି ନାହିଁ ତାହା ଜଣାଇବାକୁ ପରିବେଶ ମନ୍ତ୍ରଣାଳୟକୁ କହିଛନ୍ତି। ଉଲ୍ଲେଖଯୋଗ୍ୟ, ସୁପ୍ରିମକୋର୍ଟରେ କମନ କଜ୍ ନାମକ ସ୍ୱେଚ୍ଛାସେବୀ ସଂଗଠନ ନିଜ ଯାଚିକାରେ ଦାବି କରିଛି ଯେ, ଓଡ଼ିଶାରେ ଲୁହାପଥର ଖଣି ଖନନ ଯେଭଳି ଚାଲିଛି ଆଗାମୀ ୨୫ବର୍ଷ ମଧ୍ୟରେ ତାହା ସମ୍ପୂର୍ଣ୍ଣ ଖାଲି ହୋଇଯିବ। ତେଣୁ ଲୁହାପଥର ଖନନର ସୀମା ନିର୍ଦ୍ଧାରଣ ହେବା ଉଚିତ୍। ଏହି ଯାଚିକା ଉପରେ ସୁପ୍ରିମକୋର୍ଟ ପୂର୍ବରୁ କେନ୍ଦ୍ର ସରକାରଙ୍କ ଜବାବ ମାଗିଥିଲେ। କେନ୍ଦ୍ର ଖଣି ମନ୍ତ୍ରଣାଳୟ ଦାଖଲ କରିଥିବା ସତ୍ୟପାଠରେ ଓଡ଼ିଶାରେ ଖଣି ଖନନ ଓ ଉତ୍ପାଦନର ସୀମା ନିର୍ଦ୍ଧାରଣ



ଉପରେ ଆପତ୍ତି ଉଠାଇଥିଲେ। ଓଡ଼ିଶାରେ ଖଣି ଖନନର ସୀମା ନିର୍ଦ୍ଧାରଣ କରାଗଲେ ତାହା ଦେଶର ଆର୍ଥିକ ବିକାଶକୁ ପ୍ରଭାବିତ କରିବ। ଭାରତର ଲୁହାପଥର ଉତ୍ପାଦନରେ ଓଡ଼ିଶା ହେଉଛି ମେରୁଦଣ୍ଡ। ଦେଶର ମୋଟ ଖଣିଜ ପଦାର୍ଥର ଅଧାରୁ ଅଧିକ ଯୋଗଦାନ ଓଡ଼ିଶାର ରହିଛି। ତେଣୁ ଓଡ଼ିଶାରେ ଲୁହାପଥର ଖଣି ଖନନର ସୀମା ନିର୍ଦ୍ଧାରଣ ହେଲେ ତାହା ଡାଉନଷ୍ଟ୍ରିମ ଇଣ୍ଡଷ୍ଟ୍ରିଗୁଡ଼ିକୁ ଲୁହାପଥର ରପ୍ତାନୀକୁ ପ୍ରଭାବିତ କରିବ। ଖଣି ମନ୍ତ୍ରଣାଳୟ ମଧ୍ୟ ୨୦୦୦-୦୧ରୁ ୨୦୨୨-୨୩ ମସିହା ପର୍ଯ୍ୟନ୍ତ ଲୁହାପଥର ଉତ୍ପାଦନର ବିବରଣୀ ସମ୍ପର୍କରେ କୋର୍ଟଙ୍କୁ ଅବଗତ କରିଥିଲା। ମାତ୍ର ଉକ୍ତ ସତ୍ୟପାଠରେ ପରିବେଶ ମନ୍ତ୍ରଣାଳୟର ମତ ନଥିବାରୁ ସୁପ୍ରିମକୋର୍ଟଙ୍କ ୩ଜଣିଆ ଖଣ୍ଡପୀଠ ଏନେଇ ପରିବେଶ ମନ୍ତ୍ରଣାଳୟକୁ ମତାମତ ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହାସହିତ ସୁପ୍ରିମକୋର୍ଟ ମଧ୍ୟ ଓଡ଼ିଶା ସରକାରଙ୍କୁ ୪ ସପ୍ତାହ ସୁଦ୍ଧା ସତ୍ୟପାଠ ଦାଖଲ କରି ଖଣି କମ୍ପାନୀଗୁଡ଼ିକ ଉପରେ ଥିବା ବକେୟା ରାଶିର ସ୍ଥିତି କ'ଣ ତାହା ଜଣାଇବାକୁ କହିଛନ୍ତି। ବେଆଇନ ଖଣି ଖନନରେ ଦୋଷୀ ସାବ୍ୟସ୍ତ ହୋଇଥିବା କମ୍ପାନୀଗୁଡ଼ିକର ସମ୍ପତ୍ତିକୁ ବ୍ୟାଜ୍ୟାପ୍ତ କରି ବକେୟା ଅର୍ଥ ଆଦାୟ ନିମନ୍ତେ ପୂର୍ବରୁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଓଡ଼ିଶା ସରକାରଙ୍କ ଓକିଲ ମଧ୍ୟ ଗତ ଅଗଷ୍ଟ ୧୪ତାରିଖରେ ଏସବୁ ଖଣି କମ୍ପାନୀଗୁଡ଼ିକଠୁ ୨୬୨୨କୋଟି ଟଙ୍କା ଜୋରିମାନା ଆଦାୟ ହୋଇଛି ବୋଲି ସୁପ୍ରିମକୋର୍ଟଙ୍କୁ ଅବଗତ କରିଥିଲେ। କମନ କଜ୍' ପକ୍ଷରୁ ଓକିଲ ପ୍ରଶାନ୍ତ ଭୂଷଣ ବଳିଷ୍ଠ ଯୁକ୍ତି ଉପସ୍ଥାପନ କରି ବେଆଇନ ଖଣି ଖନନ କରିଥିବା ଲିଜଧାରୀଙ୍କୁ ଭବିଷ୍ୟତରେ କୌଣସି ନିଲାମରେ ସାମିଲ ହେବା ଉପରେ କଟକଣା ସହ ସେମାନଙ୍କର ସମ୍ପତ୍ତି ବ୍ୟାଜାପ୍ତି କରି ବକେୟା ଅର୍ଥ ଆଦାୟ ପାଇଁ ଯୁକ୍ତି ବାଢ଼ିଥିଲେ।

# ଦୈନିକ ଅପହରଣ ହେଉଛନ୍ତି ୧୬ ଜଣ

**ଭୁବନେଶ୍ୱର :** ପ୍ରତି ୩ ଘଣ୍ଟାରେ ରାଜ୍ୟରେ ୨ ଜଣ ଅପହରଣର ଶିକାର ହେଉଛନ୍ତି। ଦୈନିକ ହାରାହାରି ୧୬ ଜଣ ଅପହରଣ ହେଉଛନ୍ତି। ଖାଲି ସେତିକି ନୁହେଁ, ପ୍ରତିବର୍ଷ ରାଜ୍ୟରେ ଅପହରଣ ମାମଲା ବଢ଼ି ଚାଲିଛି। ଘଉଜଈର ସଦ୍ୟତମ ରିପୋର୍ଟରୁ ଏ ଲୋମଟାଙ୍କୁରା ତଥ୍ୟ ମିଳିଛି। ରିପୋର୍ଟ କହୁଛି, ୨୦୨୨ ମସିହାରେ ରାଜ୍ୟର ୫ ହଜାର ୮୭୫ ଜଣ ଅପହରଣର ଶିକାର ହୋଇଛନ୍ତି। ଅର୍ଥାତ ପ୍ରତି ଲକ୍ଷେ ଲୋକରୁ ପ୍ରାୟ ୧୩ ଜଣ ଅପହରଣର ଶିକାର ହେଉଛନ୍ତି। ୨୦୨୧ ମସିହାରେ ଓଡ଼ିଶାରେ ୫ ହଜାର ୬୨୫ ଅପହରଣ ମାମଲା ରୁଜୁ ହୋଇଥିବା ବେଳେ ୨୦୨୨ ମସିହାରେ ଏ ମାମଲା ସଂଖ୍ୟା ୪ ପ୍ରତିଶତ ବଢ଼ି ୫ ହଜାର ୮୫୪ରେ ପହଞ୍ଚିଛି। ସବୁଠୁ ଚିନ୍ତାର ବିଷୟ ହେଉଛି, ଅପହୃତଙ୍କ ମଧ୍ୟରୁ ୫ ହଜାର ୬୨୭ ଜଣ ୧୮ ବର୍ଷରୁ କମ୍ ବୟସର। ଆଉ ସେମାନଙ୍କ ଭିତରୁ ୫ ହଜାର ୧୩୭ ଜଣ ନାବାଳିକା। ତେବେ ୨୦୨୨ ମସିହା ଶେଷ ସୁଦ୍ଧା ଅପହରଣ ହୋଇଥିବା ବ୍ୟକ୍ତିଙ୍କ ମଧ୍ୟରୁ ୧୧୩ ଜଣ ଉଦ୍ଧାର ହୋଇଥିବା ରିପୋର୍ଟରେ ଦର୍ଶାଯାଇଛି। ପୂର୍ବତନ ପୁଲିସ ଅଧିକାରୀଙ୍କ କହିବା କଥା, ରାଜ୍ୟରେ ବାସ୍ତବ ଅପହରଣ



ମାମଲା ଆହୁରି ଅଧିକ। ପୁଲିସ ଉପରେ ଲୋକଙ୍କ ଭରସା ନଥିବାରୁ ବହୁ ଅପହରଣ ମାମଲା ରୁଜୁ ମଧ୍ୟ ହେଉନି। କେବଳ ଅପହରଣ ନୁହେଁ, ନିଖୋଜରେ ମଧ୍ୟ ଦୁର୍ନାମ ମୁଣ୍ଡାଇଛି ଓଡ଼ିଶା। ୨୦୨୨ ମସିହାରେ ରାଜ୍ୟରେ ୧୮ ହଜାର ୫୮୭ ଜଣ ବ୍ୟକ୍ତି ନିଖୋଜ ହୋଇଛନ୍ତି। ଅର୍ଥାତ୍ ପ୍ରତିଦିନ ରାଜ୍ୟରୁ ହାରାହାରି ୫୧ ଜଣ ଯାଇ ନିଖୋଜ ହେଉଛନ୍ତି। ଆଉ ସେମାନଙ୍କ ମଧ୍ୟରେ ଅଛନ୍ତି ୭୫ ପ୍ରତିଶତ ଅର୍ଥାତ୍ ୧୪ ହଜାର ୭୦ ଜଣ ମହିଳା। ତା' ଭିତରୁ ୭ ହଜାର ୫୬୫ ଜଣଙ୍କ ବୟସ ୧୮ ବର୍ଷରୁ କମ୍ ରହିଛି। ଅର୍ଥାତ ୮୮ ପ୍ରତିଶତ ନାବାଳିକା। ପରିତାପର ବିଷୟ ହେଉଛି, ୨୦୨୨ ମସିହା ପୂର୍ବରୁ ନିଖୋଜ ହୋଇ ଉଦ୍ଧାର ହୋଇନଥିବା ବ୍ୟକ୍ତିଙ୍କ ସଂଖ୍ୟା ୨୩ ହଜାର ୧୭୨ ଥିଲା ବେଳେ ୨୦୨୨ ସୁଦ୍ଧା ଉଦ୍ଧାର ହୋଇ ନଥିବା ନିଖୋଜ ବ୍ୟକ୍ତିଙ୍କ ସଂଖ୍ୟା ୩୪ ହଜାର ୧୮୬କୁ ବୃଦ୍ଧି ପାଇଛି। ସାମାଜିକ କର୍ମୀଙ୍କ ମତରେ, ଅଧିକାଂଶ କ୍ଷେତ୍ରରେ ନିଖୋଜ ଶିଶୁ ଓ ମହିଳାଙ୍କୁ ଦଲାଲମାନେ ଭିକ୍ଷାବୃତ୍ତି, ବେଶ୍ୟାବୃତ୍ତି ଓ ଅନ୍ୟ ଘରୋଇ କାର୍ଯ୍ୟରେ ବ୍ୟବହାର କରୁଥିବା ଦେଖିବାକୁ ମିଳୁଛି। ତେଣୁ ନିଖୋଜ ମାମଲା ଗୁଡ଼ିକୁ ଗୁରୁତର ଅପରାଧ ଭାବେ ବିବେଚନା କରି ପୁଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଆବଶ୍ୟକ ବୋଲି ମତପ୍ରକାଶ ପାଇଛି।

## ଓଡ଼ିଶାରେ ଗଡ଼ିବ ତୃତୀୟ ବନ୍ଦେ ଭାରତ ଏକ୍ସପ୍ରେସ୍



**ଭୁବନେଶ୍ୱର :** ଓଡ଼ିଶାରୁ ଗଡ଼ିବ ତୃତୀୟ ବନ୍ଦେ ଭାରତ ଏକ୍ସପ୍ରେସ୍। ପୁରୀ-ଆସାନସୋଲ ମଧ୍ୟରେ ବନ୍ଦେ ଭାରତ ଏକ୍ସପ୍ରେସ୍ ଚଳାଇବା ପାଇଁ ପୂର୍ବ ରେଳପଥ ପକ୍ଷରୁ ରେଳ ବୋର୍ଡକୁ ପ୍ରସ୍ତାବ ଦିଆଯାଇଛି। ପୂର୍ବ ରେଳପଥ ପକ୍ଷରୁ ଦାଖଲ ପ୍ରସ୍ତାବରୁ ହସ୍ତଗତ ସୂଚନା ଅନୁସାରେ ପୁରୀ-ଆସାନସୋଲ ମଧ୍ୟରେ ଦୂରତା ୬୦୧ କିମି ଏବଂ ଏହି ରୁଟ୍‌ରେ ସପ୍ତାହକୁ ୬ ଦିନ (ସୋମବାରରୁ ଶନିବାର) ବନ୍ଦେ ଭାରତ ଗଡ଼ିବ। ଯାତ୍ରା ସମୟ ୭ ଘଣ୍ଟା ୫୫ ମିନିଟ୍ ରହିବ। ପୁରୀ-ଆସାନସୋଲ ମଧ୍ୟରେ ଏହି ଟ୍ରେନ୍ ଭୁବନେଶ୍ୱର, କଟକ, ବାଲେଶ୍ୱର, ମେଦିନିପୁର, ବିଷ୍ଣୁପୁର, ବାଙ୍କୁରା, ଆଦ୍ରା ଷ୍ଟେସନରେ ରହଣି କରିବ। ସୂଚନାଯୋଗ୍ୟ ଯେ ଚଳିତ ବର୍ଷ ମେ' ମାସରେ ପୁରୀ-ହାୱଡ଼ା ଏବଂ ସେପ୍ଟେମ୍ବର ମାସରେ ପୁରୀ-ରାଉରକେଲା ବନ୍ଦେ ଭାରତ ଏକ୍ସପ୍ରେସ୍ ଚଳାଚଳ ଆରମ୍ଭ ହୋଇଥିଲା। ପ୍ରସ୍ତାବିତ ପୁରୀ-ଆସାନସୋଲ ତୃତୀୟ ବନ୍ଦେ ଭାରତ ଭାବେ ଓଡ଼ିଶା ଦେଇ ଚଳାଚଳ କରିବ।

## ରାଜ୍ୟରେ ୩ ଲକ୍ଷରୁ ଉର୍ଦ୍ଧ୍ୱ ନୂଆ ମହିଳା ଭୋଟର

**ଭୁବନେଶ୍ୱର :** ଭୋଟର ତାଲିକାରେ ଯୋଡି ହୋଇଛନ୍ତି ଅଧିକ ସଂଖ୍ୟାରେ ମହିଳା। ୨୦୨୪ ସାଧାରଣ ନିର୍ବାଚନକୁ ଆଖିରେ ରଖି ଭାରତ ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶରେ ଗତ ଅକ୍ଟୋବର ମାସରୁ ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ କାମ ଚାଲିଛି। ଗତ ଅକ୍ଟୋବର ୨୭ ତାରିଖରୁ ଚଳିତମାସ ୩ ତାରିଖ ଭିତରେ ଭୋଟର ତାଲିକାରେ ଯୋଡିହୋଇଛନ୍ତି ୬ ଲକ୍ଷ ୩୦ ହଜାର ୨୧୬ ନୂଆ ଭୋଟର। ସେମାନଙ୍କ ଭିତରୁ ୩ ଲକ୍ଷ ୫୫ ହଜାର ୬୬ ଜଣ ମହିଳା ଭୋଟର ରହିଛନ୍ତି। ସେହିପରି ଏକାଧିକ ସ୍ଥାନରେ ନାମ ଥିବା ଓ ମୃତ୍ୟୁଯୋଗୁ ତାଲିକାରୁ ବାଦ ପଡ଼ିଲେଣି ୨ ଲକ୍ଷ ୪୬ ହଜାର ୨୫୯ ଜଣ। ନିର୍ବାଚନ କମିଶନଙ୍କ ରିପୋର୍ଟ ଅନୁଯାୟୀ ୧ ଲକ୍ଷ ୫୭ ହଜାର ୩୬ ଜଣ ଭୋଟରଙ୍କ ମୃତ୍ୟୁ ହୋଇଥିବାବେଳେ ୭୫ ହଜାର ୧୯୧ ଜଣ ସ୍ଥାୟୀ ଭାବେ ଅନ୍ୟତ୍ର ସ୍ଥାନାନ୍ତର ହୋଇଛନ୍ତି। ୧୪ ହଜାର ୩୨ ଜଣ ଭୋଟରଙ୍କ ଏକାଧିକ ସ୍ଥାନରେ ନାମ ଥିବାରୁ ସେମାନଙ୍କ ନାମକୁ ଗୋଟିଏ ନିର୍ବାଚନମଣ୍ଡଳୀରେ ପଞ୍ଜୀକୃତ କରାଯାଇଛି। ଏପରିକି ଗୋଟିଏ ଜିଲ୍ଲାରୁ ଆଉ ଗୋଟିଏ କାର୍ଯ୍ୟକ୍ଷେତ୍ର ନେଇ ଭୋଟର ସ୍ଥାନାନ୍ତର ହେଲେ ନୂଆ ସ୍ଥାନରେ ଭୋଟର ତାଲିକାରେ ନାମ ପଞ୍ଜୀକରଣ କରିପାରିବେ। ଏପରିକି ଭଡ଼ା ଘରେ ରହୁଥିଲେ ବି ଭଡ଼ାଘରର ଚୁକ୍ତିନାମା କିମ୍ବା ବିଦ୍ୟୁତ ବିଲ୍ ପ୍ରମାଣ ପତ୍ର ଦେଇ ଭୋଟର ରହୁଥିବା ସ୍ଥାନର ଭୋଟର ହୋଇପାରିବେ।

## ୧୦ ଲକ୍ଷରୁ ଉର୍ଦ୍ଧ୍ୱ ନୂଆ ବିଦ୍ୟୁତ ସଂଯୋଗ

**ଭୁବନେଶ୍ୱର :** ଶକ୍ତି କ୍ଷେତ୍ରରେ ସଂସ୍କାର କାର୍ଯ୍ୟକାରୀ କରିବାରେ ଅଗ୍ରଣୀ ଭାବେ ଉଭା ହୋଇଥିବା ରାଜ୍ୟ ଓଡ଼ିଶାର ଅର୍ଥନୈତିକ ଅଭିବୃଦ୍ଧି ଓ ବିକାଶରେ ଭାରତର ସର୍ବବୃହତ ସମନ୍ୱିତ ଶକ୍ତି କମ୍ପାନି ଟାଟା ପାୱାର ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛି। ଟାଟା ପାୱାର ନେତୃତ୍ୱାଧୀନ ଓଡ଼ିଶା ଡିସ୍କମ୍ ଗୁଡ଼ିକ ଟାଟା ପାୱାର ଓ ଓଡ଼ିଶା ସରକାରଙ୍କ ଏକ ମିଳିତ ଉଦ୍ୟୋଗ। ଅଧିଗ୍ରହଣ ପରଠାରୁ ଏହି ଡିସକମ୍ ଗୁଡ଼ିକର ଉନ୍ନତ ପ୍ରକ୍ରିୟା ସରଳୀକରଣ ପଦକ୍ଷେପ ରାଜ୍ୟରେ ୧୦,୦୪୦,୨୨ ନୂଆ ବିଦ୍ୟୁତ ସଂଯୋଗ କରିଛି। ସମ୍ଭାବ୍ୟ ଗ୍ରାହକମାନେ ୱେବସାଇଟ୍, କଲ୍, ଏସ୍ଏମ୍ଏସ୍, ହ୍ୱାଟ୍ସଆପ୍, ଇ-ମେଲ୍ ଏବଂ ଗ୍ରାହକ ସେବା କେନ୍ଦ୍ର ଭଳି ବିଭିନ୍ନ ଟଚ୍ ପଏଂଟ୍ ମାଧ୍ୟମରେ ସହଜରେ ଆବେଦନ କରିପାରିବେ। ସର୍ବନିମ୍ନ ଦସ୍ତାବିଜ ଆବଶ୍ୟକତା ସହିତ, ଡିସକମଗୁଡିକ ନୂଆ ସଂଯୋଗ ପ୍ରକ୍ରିୟାରେ ସମ୍ପୃକ୍ତ ପଦକ୍ଷେପଗୁଡ଼ିକୁ ଯଥେଷ୍ଟ ହ୍ରାସ କରିବା ସହ ସେଗୁଡ଼ିକୁ ଡିଜିଟାଇଜ୍ ମଧ୍ୟ କରିଛନ୍ତି ଯାହା ଗ୍ରାହକଙ୍କ ସୁବିଧା ପାଇଁ ପ୍ରକ୍ରିୟାକୁ ବେଶ ସରଳ କରିଛି। ଏହି ପ୍ରକ୍ରିୟାରେ କେବଳ ୪ଟି ପଦକ୍ଷେପ ଅନ୍ତର୍ଭୁକ୍ତ। ତାହା ହେଉଛି ପଞ୍ଜୀକରଣ, ଦସ୍ତାବିଜ ଦାଖଲ, ଦେୟ ଏବଂ ଯାଂଚ ଏବଂ ମିଟର ସ୍ଥାପନା। ସହରାଞ୍ଚଳ ଓ ଗ୍ରାମାଞ୍ଚଳରେ ବିଦ୍ୟୁତ୍ ସଂଯୋଗ ପାଇବା ସହଜ ହେବା ଫଳରେ ରାଜ୍ୟରେ ଅର୍ଥନୈତିକ କାର୍ଯ୍ୟକଳାପ ଦ୍ରୁତ ଗତିରେ ବୃଦ୍ଧି ପାଇଛି। ସୁପରଭାଇଜରୀ କଣ୍ଟ୍ରୋଲ ଆଣ୍ଡ ଡାଟା ଆକ୍ୱିଜିସନ୍ (ସ୍କାଡା), ଜିଓଗ୍ରାଫିକ୍ ଇନଫର୍ମେସନ୍ ସିଷ୍ଟମ୍ (ଜିଆଇଏସ୍) ଏବଂ ଆଡଭାନ୍ସଡ୍ ମିଟରିଂ ଇନଫ୍ରାଷ୍ଟ୍ରକ୍ଚର (ଏଏମ୍ଆଇ) ଭଳି ଉନ୍ନତ ବ୍ୟବସ୍ଥା କାର୍ଯ୍ୟକାରୀ କରି କମ୍ପାନି ସମଗ୍ର ରାଜ୍ୟର ଜନସାଧାରଣଙ୍କୁ ଭରସାଯୋଗ୍ୟ ଏବଂ ଗୁଣାତ୍ମକ ବିଦ୍ୟୁତ୍ ଯୋଗାଇ ଦେଉଛି।

'ସାଗରମାଳା' ରାଜ୍ୟସ୍ତରୀୟ କମିଟିର ଦ୍ୱିତୀୟ ବୈଠକ

## ବନ୍ଦର-ବନ୍ଦର ମଧ୍ୟରେ ହେବ ସଂଯୋଗୀକରଣ


**ଭୁବନେଶ୍ୱର :** ଲୋକସେବା ଭବନରେ "ସାଗରମାଳା" ରାଜ୍ୟସ୍ତରୀୟ କମିଟିର ଦ୍ୱିତୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ଜଳ ସମ୍ପଦ, ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ଟୁକୁନି ସାହୁଙ୍କ ଅଧ୍ୟକ୍ଷତାରେ ବସିଥିଲା ବୈଠକ। ଜଳପଥରେ ବାଣିଜ୍ୟିକ ବିକାଶକୁ ତ୍ୱରାନ୍ୱିତ କରିବାରେ ଏହି ପ୍ରକଳ୍ପ ସହାୟକ ହେବ। ରାଜ୍ୟ ସରକାରଙ୍କ ସହଯୋଗରେ ସାଗରମାଳା ପ୍ରକଳ୍ପ କାର୍ଯ୍ୟକାରୀ ହେଉଛି। ଏଥିପାଇଁ ଜାତୀୟ ସ୍ତରରେ ଜାତୀୟ ସାଗରମାଳା ଆପେକ୍ସ କମିଟି ଓ ବିଭିନ୍ନ ରାଜ୍ୟରେ ରାଜ୍ୟସ୍ତରୀୟ କମିଟି ମାନ ରହିଛି। ଓଡିଶାରେ ପ୍ରାୟ ୪୮୦କିଲୋମିଟର ସୁଦୀର୍ଘ ସମୁଦ୍ରତଟ ରହିଛି। ଏହା ମଧ୍ୟରେ ଗୋପାଳପୁର, ଧାମରା, ପାରାଦୀପରେ ବନ୍ଦର ରହିଛି। ସେସବୁ



ସମେତ ଅନ୍ୟ ଯେଉଁଠାରେ ସୁଯୋଗ ରହିଛି, ସାଗରମାଳା ପ୍ରକଳ୍ପ ଆଧାରରେ ତାହାକୁ ଉନ୍ନତିକରଣ କରାଗଲେ ସମୁଦ୍ର ପଥରେ ଓଡିଶା ତଥା ଦେଶର ବାଣିଜ୍ୟିକ ବିକାଶ ତ୍ୱରାନ୍ୱିତ ହୋଇପାରିବ ବୋଲି କହିଛନ୍ତି ରାଜ୍ୟ ଜଳସଂପଦ, ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ଟୁକୁନି ସାହୁ। ସାଗରମାଳା ପ୍ରକଳ୍ପ କାର୍ଯ୍ୟକାରୀ ହେଲେ ବିଭିନ୍ନ ରାଜ୍ୟରେ ରହିଥିବା ବନ୍ଦର ଗୁଡିକର ଆଧୁନିକୀକରଣ ଓ ଦକ୍ଷତା ବୃଦ୍ଧି ପାଇବା ସଙ୍ଗେ ସଙ୍ଗେ ବନ୍ଦର ବନ୍ଦର ମଧ୍ୟରେ ସଂଯୋଗୀ କରଣ ବୃଦ୍ଧି ପାଇବ। ଏହା ସହ ବନ୍ଦର ଭିତ୍ତିକ ଶିଳ୍ପର ବିକାଶ ଏବଂ ଉପକୂଳବର୍ତ୍ତୀ ଜିଲ୍ଲାର ବନ୍ଦର ଅଞ୍ଚଳରେ ଲୋକମାନଙ୍କର ଗୋଷ୍ଠୀଗତ ବିକାଶ ସାଧନ ହୋଇପାରିବ। ଏଥିସହିତ ବନ୍ଦର ଭିତ୍ତିକ ଜାହାଜ ଚଳାଚଳ ଓ ଅନ୍ତର୍ଦେଶୀୟ ଜଳପଥ ପରିବହନ ସୁଗମ ହୋଇପାରିବ ଏବଂ ସମୁଦ୍ର ତଟ ସୁରକ୍ଷା ମଧ୍ୟ ହୋଇପାରିବ। ପ୍ରକଳ୍ପରେ ରହିଥିବା ଏହି ୬ ଟିପ୍ରମୁଖ ଆଧାର ସଂପର୍କରେ ଏବଂ ରାଜ୍ୟରେ ଏହି ପ୍ରକଳ୍ପର କାର୍ଯ୍ୟକାରିତା ସଂପର୍କରେ ରାଜ୍ୟ ବାଣିଜ୍ୟ ଓ ପରିବହନ ବିଭାଗ ପ୍ରମୁଖ ଶାସନ ସଚିବ ଉଷା ପାଢୀ ଆଲୋକପାତ କରିଥିଲେ।

## ବେଆଇନ ସଂପତ୍ତି ଠାବରେ ଓଡ଼ିଶା ଭିଜିଲାନ୍ସ ଦେଶରେ ଏକ ନମ୍ବର

**ଭୁବନେଶ୍ୱର :** ସାଧାରଣ ଜୀବନରେ ଉଚ୍ଚ ନୈତିକତା ଓ ସାଧୁତା ବଜାୟ ରଖିଥିବା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସରକାରରେ ମଧ୍ୟ ଦୁର୍ନୀତି ବିରୋଧରେ ଶୂନ୍ୟ ସହିଷ୍ଣୁତା ଆଭିମୁଖ୍ୟ ଗ୍ରହଣ କରିଛନ୍ତି। ଯାହାର ଏକ ଜ୍ୱଳନ୍ତ ଉଦାହରଣ ହେଉଛି ଜାତୀୟ ଅପରାଧ ରେକର୍ଡ ବ୍ୟୁରୋ(ଘଉଜଈ) ତଥ୍ୟ। ଯେଉଁଥିରେ ଆୟ ବହିର୍ଭୂତ ସମ୍ପତ୍ତି ଠାବରେ ଓଡ଼ିଶା ଭିଜିଲାନ୍ସ ଦେଶରେ ସବୁଠୁ ଆଗରେ ରହିଛି। ରୁଜୁ ହୋଇଥିବା ଭିଜିଲାନ୍ସ ମାମଲାରୁ ଏହା ଜଣାପଡିଛି ଯେ ଦୁର୍ନୀତିଗ୍ରସ୍ତ ସରକାରୀ କର୍ମଚାରୀଙ୍କ ବିରୋଧରେ ଆୟ ବହିର୍ଭୂତ ସମ୍ପତ୍ତି ମାମଲା ରୁଜୁ କରିବାରେ ରେକର୍ଡ କରିଛି ଓଡ଼ିଶା ଭିଜିଲାନ୍ସ। ୨୦୨୨ରେ ଓଡ଼ିଶା ଭିଜିଲାନ୍ସ ସେଲ୍ ପକ୍ଷରୁ ସର୍ବାଧିକ ୮୫ଟି ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ମାମଲା ରୁଜୁ କରାଯାଇଛି, ଯାହା କି ଦେଶରେ ସର୍ବାଧିକ। ଜାତୀୟ ଅପରାଧ ରେକର୍ଡ ବ୍ୟୁରୋ ପକ୍ଷରୁ ଏହି ତଥ୍ୟ ଦିଆଯାଇଛି। ୨୦୨୨ରେ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ମାମଲା ରୁଜୁ କରିବାରେ ଓଡ଼ିଶା ଭିଜିଲାନ୍ସ ଦେଶରେ ପ୍ରଥମ




ସ୍ଥାନରେ ଥିବା ବେଳେ କର୍ଣ୍ଣାଟକ ଓ ବିହାର ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ଅଛନ୍ତି। ଏନସିଆର ବି ତଥ୍ୟ ଅନୁସାରେ କର୍ଣ୍ଣାଟକରେ ୫୬ ଓ ବିହାରର ୪୮ଟି ଆୟ ବହିର୍ଭୂତ ସମ୍ପତ୍ତି ମାମଲା ରୁଜୁ କରାଯାଇଛି। ଏହାଛଡା ଗତବର୍ଷ ଲାଞ୍ଚ ଗ୍ରହଣ କରୁଥିବା ବେଳେ ୧୧୮ ଜଣ ସରକାରୀ କର୍ମଚାରୀଙ୍କୁ ଧରିଥିଲା ଓଡ଼ିଶା ଭିଜିଲାନ୍ସ। ଉଲ୍ଲେଖଯୋଗ୍ୟ ଯେଉଁ ସମୟରେ ବି ଦୁର୍ନୀତିର ଅଭିଯୋଗ ଆସିଛି, ସେତେବେଳେ ଦୁର୍ନୀତିଖୋରଙ୍କୁ ଶାସ୍ତି ଦେଇଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଅପାରଗ ତଥା ଦୁର୍ନୀତିଗ୍ରସ୍ତ ଅଧିକାରୀଙ୍କ ବିରୋଧରେ ସବୁବେଳେ ଶୂନ୍ୟ ସହିଷ୍ଣୁତା ଆଭିମୁଖ୍ୟ ଉପରେ ଜୋର ଦେଇ ଆସିଛନ୍ତି ମୁଖ୍ୟମନ୍ତ୍ରୀ। ଜିରୋ ଟଲରେନ୍ସ ବା ଶୂନ୍ୟ ସହନଶୀଳ ନୀତି ଆପଣାଇ ସରକାରୀ କଳକୁ ବାରମ୍ବାର ସତର୍କ କରାଉଥିବା ମୁଖ୍ୟମନ୍ତ୍ରୀ ନେଇ ଚାଲିଛନ୍ତି ଅନେକ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ। ଯାହା ଦିନକୁ ଦିନ ଉଦାହରଣ ପାଲଟିବାରେ ଲାଗିଛି। ଜନସାଧାରଣଙ୍କୁ ସ୍ୱଚ୍ଛ, ଦକ୍ଷ ଏବଂ ଉତ୍ତରଦାୟୀ ପ୍ରଶାସନ ମାଧ୍ୟମରେ ସେବା ଯୋଗାଇ ଦେବା ପାଇଁ ମୁଖ୍ୟମନ୍ତ୍ରୀ ନିରନ୍ତର ପ୍ରଚେଷ୍ଟା ଜାରି ରଖିଛନ୍ତି।

ବନ୍ଦ ହେବ ବେଆଇନ ପାର୍କିଂ, କମିବ ଦୁର୍ଘଟଣା

## ୧୦ ଜିଲ୍ଲାରେ ନିର୍ମାଣ ହେବ ଟ୍ରକ୍ ଟର୍ମିନାଲ

**ଭୁବନେଶ୍ୱର :** ଜାତୀୟ ରାଜପଥରେ ସୁରକ୍ଷିତ ଗାଡ଼ି ଚଳାଚଳ ସହ ଟ୍ରକ୍ ଚାଳକଙ୍କ ସୁବିଧା ପାଇଁ ପ୍ରସ୍ତାବିତ ଟ୍ରକ୍ ଟର୍ମିନାଲ ନିର୍ମାଣ ପାଇଁ ଡିପିଆର୍ ପ୍ରସ୍ତୁତ ହୋଇଛି। ଏଥିପାଇଁ ୩୦୦ କୋଟି ଟଙ୍କା ବ୍ୟୟ ଅଟକଳ କରାଯାଇଛି। ଜମି ଚିହ୍ନଟ ହୋଇସାରିଥିବାରୁ ଡିପିଆର୍ ପ୍ରସ୍ତୁତି ପାଇଁ କିଛି ମାସ ତଳେ ପରିବହନ ବିଭାଗ ପକ୍ଷରୁ ପୂର୍ତ୍ତ ବିଭାଗକୁ ଅନୁରୋଧ କରାଯାଇଥିଲା। ସୂଚନାନୁସାରେ, ପ୍ରଥମ ପର୍ଯ୍ୟାୟରେ ସୁନ୍ଦରଗଡ଼, କେନ୍ଦ୍ରାପଡ଼ା, ଅନୁଗୁଳ, ବାଲେଶ୍ୱର, ଭଦ୍ରକ, ନବରଙ୍ଗପୁର, ଯାଜପୁର, ବ୍ରହ୍ମପୁର, କେନ୍ଦୁଝର ଏବଂ ଜଗତସିଂହପୁରରେ ଟ୍ରକ୍ ଟର୍ମିନାଲ ନିର୍ମାଣ ପାଇଁ ଯୋଜନା ହୋଇଛି। କିଛି ବର୍ଷ ହେଲା, ରାଜ୍ୟର ବିଭିନ୍ନ ଜିଲ୍ଲାରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟି ଅଯଥାରେ ବହୁ ଧନଜୀବନ ହାନି ହେଉଛି। ଏଥିମଧ୍ୟରୁ ବହୁ ଦୁର୍ଘଟଣା ରାସ୍ତାରେ ବେଆଇନ



ଭାବେ ଟ୍ରକ୍ ପାର୍କିଂ ଯୋଗୁଁ ଘଟିଥିବା କୁହାଯାଉଛି। ଏକ ତଥ୍ୟ ଅନୁଯାୟୀ, ବର୍ଷକୁ ହାରାହାରି ୫ ହଜାରରୁ ଅଧିକ ଲୋକ ସଡ଼କ ଦୁର୍ଘଟଣାରେ ପ୍ରାଣ ହରାଉଥିବା ବେଳେ ସେଥିରୁ ୨୫% ମୃତ୍ୟୁ କେବଳ ଏହି ବେଆଇନ ପାର୍କିଂ ଯୋଗୁଁ ଘଟୁଛି। ନିକଟରେ ଘଟଗାଁ ନିକଟରେ ଘଟିଥିବା ଛାତିଥରା ଦୁର୍ଘଟଣା ପରେ ରାସ୍ତା ଉପରେ ବେଆଇନ ପାର୍କିଂ ବିରୋଧରେ ଧରପଗଡ଼ ଅଭିଯାନ ଆରମ୍ଭ ହୋଇଛି। ସୁପ୍ରିମ୍‌କୋର୍ଟଙ୍କ ସଡ଼କ ସୁରକ୍ଷା କମିଟି ଅନୁସାରେ, ରାସ୍ତାରେ ବେପରୁଆ ଭାବେ ଗାଡ଼ି ରଖିବା ହେତୁ ବହୁ ସଂଖ୍ୟକ ଦୁର୍ଘଟଣା ଘଟୁଛି। ତେଣୁ କମିଟିର ସୁପାରିସ ଅନୁସାରେ ରାଜ୍ୟ ସରକାର ଟ୍ରକ୍ ଟର୍ମିନାଲ ନିର୍ମାଣ କରି ଗାଡ଼ି ଚାଳକ ଓ କର୍ମଚାରୀଙ୍କୁ ମୌଳିକ ସୁବିଧା ସୁଯୋଗ ପ୍ରଦାନ ଉପରେ ଗୁରୁତ୍ୱାରୋପ କରିଛନ୍ତି। ରାଜ୍ୟ ସରକାରଙ୍କ '୫-ଟି' ଉପକ୍ରମ ଅଧୀନରେ ଆବଶ୍ୟକତା ଦୃଷ୍ଟିରୁ ଅଗ୍ରାଧିକାର ଭିତ୍ତିରେ ଟ୍ରକ୍ ଟର୍ମିନାଲ ନିର୍ମାଣ ପାଇଁ ଯୋଜନା ହୋଇଥିଲା। ପ୍ରସ୍ତାବିତ ଟ୍ରକ୍ ଟର୍ମିନାଲରେ ପାର୍କିଂ ପାଇଁ ବିସ୍ତୃତ ସ୍ଥାନ ସମେତ ଚାଳକ ଓ କର୍ମଚାରୀଙ୍କ ସୁବିଧା ପାଇଁ ଶୌଚାଳୟ ସୁବିଧା ଥିବା ଡର୍ମିଟୋରୀ, ପାନୀୟ ଜଳ ସୁବିଧା, ଫୁଡ୍ ପ୍ଲାଜା, କ୍ୟାଣ୍ଟିନ୍, ଟ୍ରକ୍ ମରାମତି ପାଇଁ ଗ୍ୟାରେଜ, ସୁରକ୍ଷାକର୍ମୀଙ୍କ କୋଠରୀ, କାର୍ଯ୍ୟାଳୟ ଆଦି ନିର୍ମାଣ କରାଯିବ। ଟ୍ରକ୍ ପ୍ରବେଶ ଓ ପ୍ରସ୍ଥାନ ପାଇଁ ଭିନ୍ନ ଦ୍ୱାର ରହିବ। ଆବଶ୍ୟକତାକୁ ଦେଖି ଅନ୍ୟାନ୍ୟ ସୁବିଧା ପାଇଁ ପଦକ୍ଷେପ ନିଆଯିବ।

## ସହଜ ହେବ ମାଟ୍ରିକ୍ ପରୀକ୍ଷା

### ଛାତ୍ରଛାତ୍ରୀଙ୍କୁ ଦିଆଯିବ ନମୁନା ପ୍ରଶ୍ନପତ୍ର

**ଭୁବନେଶ୍ୱର :** ଆହୁରି ସହଜ ହେବ ମାଟ୍ରିକ୍ ପରୀକ୍ଷା। ମାଟ୍ରିକ ପରୀକ୍ଷାର୍ଥୀଙ୍କ ପାଇଁ ଦିଆଯିବ ନମୁନା ପ୍ରଶ୍ନପତ୍ର। ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ୨୦୨୪ ଦଶମ ପରୀକ୍ଷାରେ ପରୀକ୍ଷାର୍ଥୀଙ୍କ ସୁବିଧା ପାଇଁ ନମୁନା ପ୍ରଶ୍ନପତ୍ର ପ୍ରସ୍ତୁତ ହୋଇଛି। ଏହି ପ୍ରଶ୍ନପତ୍ର ଦଶମ ଶ୍ରେଣୀ ଛାତ୍ରଛାତ୍ରୀଙ୍କୁ ବଣ୍ଟନ କରିବାକୁ ମାଧ୍ୟମିକ ଶିକ୍ଷାନିର୍ଦ୍ଦେଶାଳୟ ପକ୍ଷରୁ ସମସ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ ସୁଶାନ୍ତ କୁମାର ଦାଶ ଏନେଇ ସବୁ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ଚିଠି ଲେଖିଛନ୍ତି।ଚିଠିରେ ସେ ଉଲ୍ଲେଖ ଅଛି ଯେ, ବର୍ତ୍ତମାନ ପ୍ରଚଳିତ ପରୀକ୍ଷା ପଦ୍ଧତି ମୁତାବକ ନମୁନା ପ୍ରଶ୍ନପତ୍ର ତିଆରି ହୋଇଛି। ଓଡ଼ିଆ, ଇଂରାଜୀ, ହିନ୍ଦୀ, ସଂସ୍କୃତ, ଗଣିତ, ବିଜ୍ଞାନ ଓ ସାମାଜିକ ବିଜ୍ଞାନ ବିଷୟର ଗୋଟିଏ ଲେଖାଏଁ ସେଟ୍ ନମୁନା ପ୍ରଶ୍ନପତ୍ର ପଠାଯିବ। ବାର୍ଷିକ ପରୀକ୍ଷାରେ ସମାନ ଢଙ୍ଗର ପ୍ରଶ୍ନପତ୍ର ପଡ଼ିବ।



ଦଶମ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ପାଇଁ ବୋର୍ଡ ପରୀକ୍ଷା ପ୍ରସ୍ତୁତିରେ ଏହି ନମୁନା ପ୍ରଶ୍ନପତ୍ର ବା ସାମ୍ପଲ କ୍ୱେଶ୍ଚିନ ପେପର୍ ସହାୟକ ହେବ। ସେଗୁଡ଼ିକ ବିଦ୍ୟାଳୟ ସ୍ତରରେ କିଭଳି ବିତରଣ ହେବ ସେ ଦିଗରେ ଡିଇଓମାନେ ପଦକ୍ଷେପ ନେବେ। ସମସ୍ତ ସ୍କୁଲର ପ୍ରଧାନଶିକ୍ଷକଙ୍କୁ ନମୁନା ପ୍ରଶ୍ନପତ୍ର ପଠାଇବା ସହ ଏହା ଯେପରି ସମସ୍ତ ଛାତ୍ରଛାତ୍ରୀଙ୍କ ନିକଟରେ ପହଞ୍ଚିବ ସେଦିଗରେ ବ୍ୟବସ୍ଥା କରିବେ। ଏଥିସହ ଡିଜିଟାଲ କ୍ୱେଶ୍ଚିନ୍ ବ୍ୟାଙ୍କ ପାଇଁ ଜିଲ୍ଲା ସ୍ତରର ଅଭିଜ୍ଞ ଶିକ୍ଷକଙ୍କ ଦ୍ୱାରା ନମୁନା ପ୍ରଶ୍ନପତ୍ର ପ୍ରସ୍ତୁତ କରି ତାହାକୁ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟକୁ ପଠାଇବାକୁ ମଧ୍ୟ କୁହାଯାଇଛି।

## ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଆଗାମୀ ୬ ମାସ ପାଇଁ ଏସ୍‌ମା ଲାଗୁ




**ଭୁବନେଶ୍ୱର :** ରାଜ୍ୟ ସରକାର ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଆଗାମୀ ୬ ମାସ ପାଇଁ ଏସେନସିଆଲ୍ ସର୍ଭିସେସ୍ ମେଣ୍ଟେନାନ୍ସ ଆକ୍ଟ (ଏସ୍‌ମା) ଲାଗୁ କରିଛନ୍ତି। ଏନେଇ ବୁଧବାର ଗୃହ ବିଭାଗ ପକ୍ଷରୁ ନିର୍ଦ୍ଦେଶନାମା ଜାରି ହୋଇଛି। ଏସ୍‌ମା ଲାଗୁ ହୋଇଯିବା ପରେ ସରକାରୀ ସ୍ୱାସ୍ଥ୍ୟସେବାରେ ନିୟୋଜିତ କୌଣସି ସରକାରୀ କର୍ମଚାରୀ ଆନ୍ଦୋଳନ କିମ୍ବା ଧର୍ମଘଟ କରିପାରିବେ ନାହିଁ। ନର୍ସ, ପାରାମେଡିକାଲ କର୍ମଚାରୀ ଓ ଟେକ୍ନିସିଆନଙ୍କ ପାଇଁ ଏହି ଆଇନ କଡାକଡି ପାଳନ କରାଯିବ। ସେହିପରି ରାଜ୍ୟ ସରକାରଙ୍କ ୩ୟ ଓ ୪ର୍ଥ ଶ୍ରେଣୀ କର୍ମଚାରୀଙ୍କ ସହ ଚୁକ୍ତିଭିତ୍ତିକଙ୍କ ପାଇଁ ମଧ୍ୟ ଏସ୍‌ମା ଲାଗୁ ହୋଇଛି। ରାଜ୍ୟ ସରକାର ଏହି ଆଇନ ଆଜିଠାରୁ ଆଗାମୀ ୬ ମାସ ପାଇଁ ଲାଗୁ କରିଛନ୍ତି। ଫଳରେ ସରକାରୀ ଅନୁଦାନପ୍ରାପ୍ତ ସ୍ୱାସ୍ଥ୍ୟ ପ୍ରତିଷ୍ଠାନ ପାଇଁ ମଧ୍ୟ ଏହା ଲାଗୁ ହୋଇଛି।

## ଛାଡ଼ ହେଲା ବକେୟା ମୋଟର ଯାନ ଟିକସ ଓ ଜୋରିମାନା

**ଭୁବନେଶ୍ୱର :** ଦୀର୍ଘବର୍ଷ ଧରି ପଡ଼ିରହିଥିବା ବକେୟା ମୋଟର ଯାନ ଟିକସ ଓ ଜୋରିମାନାକୁ ଛାଡ଼ କଲେ ସରକାର। ରାଜ୍ୟ କ୍ୟାବିନେଟ୍ ବୈଠକରେ ଏହି ପ୍ରସ୍ତାବକୁ ଅନୁମୋଦନ କରାଯାଇଛି। ଫଳରେ ଦୀର୍ଘଦିନ ଧରି ବକେୟା ମୋଟର ଯାନ ଟିକସ ଓ ଜୋରିମାନା ଦେଇନଥିବା ପ୍ରାୟ ୫୦ହଜାରରୁ ଅଧିକ ଗାଡ଼ି ମାଲିକ ଉପକୃତ ହେବେ। ଏହି ପ୍ରସ୍ତାବ ସମେତ ୮ଟି ବିଭାଗର ମୋଟ ୧୦ଟି ପ୍ରସ୍ତାବକୁ ରାଜ୍ୟ କ୍ୟାବିନେଟ୍ ଅନୁମୋଦନ କରିଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରାଜ୍ୟ କ୍ୟାବିନେଟ୍ ବୈଠକ ସମ୍ପର୍କରେ ସୂଚନା ଦେଇ ରାଜ୍ୟ ମୁଖ୍ୟ ସଚିବ ପ୍ରଦୀପ କୁମାର ଜେନା କହିଛନ୍ତି ଯେ, ମୋଟର ଯାନ ଟିକସ ଆଦାୟ ପାଇଁ ବାରମ୍ବାର ନୋଟିସ୍ ଓ ସ୍ୱତନ୍ତ୍ର ଅଭିଯାନ ସତ୍ତ୍ୱେ ୨୦୨୨ ମସିହାରେ ମାତ୍ର ୪୬୬୮ଜଣ ମାଲିକଙ୍କଠୁ ବକେୟା ଟିକସ ସଂଗ୍ରହ କରାଯାଇଥିଲା। ତେବେ ଉଭୟ କେନ୍ଦ୍ର ସରକାର ପୁରୁଣା ଓ ପ୍ରଦୂଷଣ କରୁଥିବା ଗାଡ଼ିଗୁଡ଼ିକୁ ହଟାଇବା ଓ ଅନାଦେୟ ଟିକସ ଛାଡ଼ର ଏକକାଳୀନ ଘୋଷଣା କରି ଗାଡ଼ିମାଲିକମାନଙ୍କୁ ଆକୃଷ୍ଟ କରିବା ନିମନ୍ତେ ପ୍ରସ୍ତାବ ଦେଇଥିଲେ। ଏହାଫଳରେ ପୁରୁଣା ପଞ୍ଜିକୃତ ଯାନଗୁଡ଼ିକୁ ସ୍କ୍ରାପିଂ ସୁବିଧା କେନ୍ଦ୍ରରେ ସ୍କ୍ରାପ୍ କରାଇବା ସହଜ ହେବ। ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ବକେୟା ମୋଟର ଯାନ ଟିକସ ଛାଡ଼/ରିହାତି ଘୋଷଣା କରିବାକୁ ନିଷ୍ପତ୍ତି ନେଇଥିଲେ। ଯେଉଁ ମାଲିକମାନେ ଗାଡ଼ିଗୁଡ଼ିକୁ ସ୍କ୍ରାପ କରିବାକୁ ଇଚ୍ଛୁକ ଥିବେ,



ସେମାନଙ୍କ କ୍ଷେତ୍ରରେ ବକେୟା ଟିକସ ଓ ଜୋରିମାନା ସମ୍ପୂର୍ଣ୍ଣ ଛାଡ଼ କରିବାର ବ୍ୟବସ୍ଥା ହୋଇଛି। ଯେଉଁମାନେ ଟିକସ ପ୍ରଦାନ କରି ଗାଡ଼ି ଚଳାଇବାକୁ ଆଗ୍ରହୀ ଥିବେ ସେମାନଙ୍କ ପାଇଁ ଜୋରିମାନା ସମ୍ପୂର୍ଣ୍ଣ ଛାଡ଼ କରାଯିବା ସହ ଗାଡ଼ିର ବୟସ ଅନୁଯାୟୀ ଟିକସ ପରିମାଣ କୋହଳ କରାଯିବାର ବ୍ୟବସ୍ଥା ହୋଇଛି। ଏହାଦ୍ୱାରା ବହୁ ପୁରୁଣା ଯାନଗୁଡ଼ିକର ମାଲିକମାନେ ସେମାନଙ୍କର ଗାଡ଼ିଗୁଡ଼ିକୁ ସ୍କ୍ରାପ ଓ ପଞ୍ଜିକରଣ ରଦ୍ଦ କରିବା ନିମନ୍ତେ ଆଗେଇ ଆସିବେ ବୋଲି ସରକାର ଆଶା ରଖିଛନ୍ତି। ସେହିପରି ଅନ୍ୟ ଯାନଗୁଡ଼ିକର ଗାଡ଼ି ମାଲିକମାନେ ଯଦି ବ୍ୟବସାୟ କରିବାକୁ ଚାହୁଁଥିବେ ସେମାନେ ଟିକସ ରିହାତି ହାରରେ ଜମା କରିପାରିବେ। ଏହାଦ୍ୱାରା ପର୍ଯ୍ୟାପ୍ତ ପରିମାଣର ବକେୟା ଟିକସ ସଂଗ୍ରହ ହେବା ସହ ଗାଡ଼ିମାଲିକମାନେ ଲାଭାନ୍ୱିତ ହେବେ ବୋଲି ସରକାରଙ୍କ ପକ୍ଷରୁ କୁହାଯାଇଛି। ସେହିପରି ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି କ୍ରମରେ ଗୋପାଳପୁର ୟୁଟିଲିଟି କରିଡ଼ର ଉନ୍ନୀତିକରଣ ପ୍ରସ୍ତାବକୁ କ୍ୟାବିନେଟ୍ ମଞ୍ଜୁରୀ ଦେଇଛନ୍ତି। ଗୋପାଳପୁର ବନ୍ଦର ଓ ଗୋପାଳପୁରଠାରେ ସ୍ଥାପିତ ଟାଟା ଷ୍ଟିଲ ଇଣ୍ଡଷ୍ଟ୍ରିଆଲ ପାର୍କ ଅଞ୍ଚଳକୁ ଏବେ ଥିବା ଶିଳ୍ପ ଓ ଆଗାମୀ ଦିନରେ ଆସିବାକୁ ଥିବା ଶିଳ୍ପଗୁଡ଼ିକର ସଂଯୋଗୀକରଣ ପଥ(ୟୁଟିଲିଟି କରିଡର) ନିର୍ମାଣ କାର୍ଯ୍ୟ ନିମନ୍ତେ ପ୍ରସ୍ତାବିତ ଇପିସି ଟେଣ୍ଡରକୁ କ୍ୟାବିନେଟ୍ ଅନୁମୋଦନ କରିଛନ୍ତି। ଫଳରେ ଜିଏସଟିକୁ ବାଦ୍ ଦେଇ ଏହି ପ୍ରକଳ୍ପର ଟେଣ୍ଡର ମୂଲ୍ୟ ୧୨୮.୮୮କୋଟି ଟଙ୍କା ରହିଛି। ଏହି ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ୧୮ମାସ ମଧ୍ୟରେ ଶେଷ ହେବ ଓ ନିୟୋଜିତ କମ୍ପାନୀ ୧୨୦ମାସର ରକ୍ଷଣାବେକ୍ଷଣ ଦାୟିତ୍ୱରେ ମଧ୍ୟ ରହିବ। ଏହି ପ୍ରକଳ୍ପ ଦ୍ୱାରା ଅଞ୍ଚଳର ସର୍ଭେ, ଆଭ୍ୟନ୍ତରୀଣ ଓ ବାହ୍ୟ ଉନ୍ନତିକରଣ, ରାସ୍ତା ନିର୍ମାଣ, ପମ୍ପ ହାଉସ, ଅଗ୍ନି ନିର୍ବାପକ ବ୍ୟବସ୍ଥା, ଫ୍ଲାଏଓଭର ରାସ୍ତା, ଉଜ୍ଜ୍ୱଳ ଆଲୋକୀକରଣ, ମୃତ୍ତିକା ସଂରକ୍ଷଣ, ଏସଏଫଆରସି କମ୍ପାଉଣ୍ଡ ୱାଲ, କେବୁଲ ଟ୍ରେଞ୍ଚ ଇତ୍ୟାଦି କାର୍ଯ୍ୟ କରାଯିବ।



ସୁଖ ପାଖରେ ଜ୍ଞାନ ନଥାଏ। ଯିଏ ଜ୍ଞାନୀ ସେ ସୁଖ ପଛରେ ଗୋଡ଼ାଏ ନାହିଁ।

EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର

ଭୁବନେଶ୍ୱର, ୧୧ - ୧୭ ଡିସେମ୍ବର, ୨୦୨୩

# ସମୟ କହିବ

ସମ୍ବାଦକୀର୍ତ୍ତି



ତାରକ ମହାନ୍ତି

ସାମ୍ରାଜ୍ୟ ବିସ୍ତାର ପାଇଁ ଯେଉଁ କଳ, ବଳ ଓ କୌଶଳ ଦରକାର ତାହା ବିଜେଡି ପାଖରେ ରହିଛି। ଯେଉଁଥିପାଇଁ ଦୀର୍ଘବର୍ଷ ହେଲା ବିଜେଡି ଓଡିଶାକୁ ଶାସନ କରିଚାଲିଛି। ଏହାର ରହସ୍ୟ କେଉଁଠି ରହିଛି ତାହା ଏକ ଗୂଢ଼ ପ୍ରସଙ୍ଗ, ଯାହାକୁ ବିରୋଧୀ କଂଗ୍ରେସ ଓ ବିଜେପି ଜାଣୁଥିଲେ ସୁଦ୍ଧା ବୁଝିବାରେ ସମସ୍ୟା ରହୁଛି। କାରଣ ଶାସନ ଓ ପ୍ରଶାସନ ଯେତେବେଳେ ଗୋଟିଏ ସିଦ୍ଧାନ୍ତରେ ରହି କାର୍ଯ୍ୟ କରନ୍ତି ଜନତାଙ୍କ ନିକଟରୁ ସୁଫଳ ମିଳିବା ଅତ୍ୟନ୍ତ ସହଜ ହୋଇଥାଏ। ଆପଣ ଉପଲବ୍ଧି କରୁଥିବେ ଯେ ରାଜ୍ୟରେ ସରକାର ଓ ସରକାରୀ କର୍ମଚାରୀ କେଉଁ ରାସ୍ତାରେ ଚାଲିଛନ୍ତି ଓ ଏହାର ମଙ୍ଗ କିଏ ଧରିଛି। ଏହି ମଙ୍ଗ ଜଣେ ରାଜନେତା ହାତରେ ରହିଲେ ହିଁ ଗଣତାନ୍ତ୍ରିକ ପଦ୍ଧତିରେ ଶାସନ ଚାଲିଛି ବୋଲି ବୁଝିବାକୁ ହେବ। ହେଲେ ଏହା ଯେତେବେଳେ ପ୍ରଶାସକଙ୍କ ହାତକୁ ଯିବ ତାହାର ପ୍ରଭାବ ଭିନ୍ନ ଅନୁଭୂତ ହେବ। କାରଣ ରାଜନୀତି ବୟାନବାଜି ଓ ପ୍ରଶାସନିକ କୌଶଳ ଦୁଇଟି ଭିନ୍ନ କଥା। ରାଜନେତା ବା ଶାସକ ଯାହା ଘୋଷଣା କରନ୍ତି ତାହାର ପ୍ରସ୍ତୁତି ପ୍ରଶାସକ ହିଁ କରିଥାନ୍ତି। ସେମାନେ ଶାସନ ମୁଖ୍ୟଙ୍କୁ ଯେଉଁ ତଥ୍ୟ ଦେଇଥାନ୍ତି ସେହି ତଥ୍ୟ ଆଧାରରେ କାର୍ଯ୍ୟ ଆଗକୁ ବଢ଼େ ବା ଚାଲେ। ମନେକରନ୍ତୁ ଜଣେ ଗ୍ରାମାଞ୍ଚଳ ଲୋକ ନିଜର କୌଣସି କାର୍ଯ୍ୟ ପାଇଁ ସରକାରୀ ଅଫିସକୁ ଯାଇ କାର୍ଯ୍ୟ ହାସଲ କଲାବେଳେ ତାଙ୍କ ମଗଜରେ ଯଦି ପୂରେଇ ଦିଆଯାଏ ଏହି ସୁବିଧା ଏହି ଦଳ ବା ଦଳ ମୁଖିଆଙ୍କ ଯୋଗୁଁ ସମ୍ଭବ ହେଉଛି, ତେବେ ସେ ଲୋକ କାହା ନିକଟରେ କୃତଜ୍ଞ ରହିବ! ତାଙ୍କ ଜାଣିବାରେ ରାଇଜ ମୁଖିଆ ହିଁ ସବୁ ଦେଉଛନ୍ତି ବା ଯାହା ବି କଲ୍ୟାଣକାରୀ ଯୋଜନା ହେଉଛି ସମ୍ପୃକ୍ତ ଶାସକଙ୍କ ପାଇଁ ସମ୍ଭବ ହୋଇଛି। ତେଣୁ ହିତାଧିକାରୀ ମନ ଭିତରେ ଏଇଆ ଗଭୀର ରେଖାପାତ କରିବ, ସେତେବେଳେ ସେ ଆନୁଗତ୍ୟ ସ୍ୱୀକାର କରିବାକୁ ଏକପ୍ରକାର ବାଧ୍ୟ। ନଚେତ ବିଭିନ୍ନ ଯୋଜନାରୁ ତାକୁ ବଞ୍ଚିତ ହେବାର ଭୟ ଘାରିବ। ଉପରୁ ତଳ ପର୍ଯ୍ୟନ୍ତ ସରକାରୀ କର୍ମଚାରୀ ଯେତେବେଳେ ନିର୍ଦ୍ଦିଷ୍ଟ ଦଳ ପାଇଁ ପ୍ରଚାର କରିବେ ବା ଭୋଟରଙ୍କୁ ଯୋଜନା ବାବଦରେ ବୁଝାଇଚାଲିବେ ସେତେବେଳେ ବିରୋଧୀଙ୍କ ଗଣିତ ଫେଲ ମାରିବା ସୁନିଶ୍ଚିତ। ଯେଉଁ ବୁଦ୍ଧିଜୀବୀ ଏହି ସୂତ୍ରକୁ ବୁଝିପାରନ୍ତି ସେମାନଙ୍କ ନିକଟରେ ଭୋଟରଙ୍କୁ ବୁଝାଇବା ଭଳି କ୍ଷମତା ନାହିଁ। ଯେଉଁମାନେ ବୁଝିଗଲେଣି ରାଜନୀତିର ଗୋଲକଧନ୍ଦାରେ ଭୋଟ ହାତେଇବା ଏକ ବଡ଼ ଗଣିତ ଓ ଏହାର ସୂତ୍ର ବିଜେଡି ଜାଣେ ସେମାନେ କିଛି ମୁହଁ ଖୋଲନ୍ତି ନାହିଁ। ଅତି ଶିକ୍ଷିତ ମାନେ ଏ କଥାରେ ମୁଣ୍ଡ ପୁରାଇବାକୁ ଚାହାନ୍ତିନି। ହେଲେ ଯେଉଁମାନେ ରାଜନୀତି କୌଶଳ ନବୁଝି କେବଳ ଭୋଟର ହୋଇ ଭୋଟ ଦେବାକୁ ଚାହିଁ ବସିଛନ୍ତି ତାଙ୍କର ମାଗଣା ଯୋଜନା ଦରକାର। ଏହି ବର୍ଗର ଲୋକ ଅଧିକ ହେତୁ ବିଜେଡିର ଟାର୍ଗେଟ ଏମାନେ ଓ ଏମାନଙ୍କ ପାଇଁ ଅସଂଖ୍ୟ ଯୋଜନା ହେଉଛି।

କହିବାକୁଗଲେ ସରକାରୀ ଖର୍ଚ୍ଚରେ ନିଜର ପ୍ରଚାର କରି ଦଳ ପାଇଁ ସୁବିଧା ସୃଷ୍ଟି କରୁଥିବା ଦଳ ବେଶ ଲୋକପ୍ରିୟ। ଦେଶରେ ମଧ୍ୟ ଏଭଳି ଧାରା ଚାଲିଥିଲା ବେଳେ ରାଜ୍ୟରେ କିନ୍ତୁ ପାଦେ ଆଗୁଆ। ଖବରକାଗଜ ପୃଷ୍ଠାରେ ବାହାରୁଥିବା ବିଜ୍ଞାପନରେ ଏନେକ ରୋଚକ ଘୋଷଣା ଲୋକଙ୍କ ମନ କିଣୁଛି। ଖଟିରେ ଯେତେବେଳେ ବିକାଶ ପ୍ରସଙ୍ଗ ଉଠୁଛି କେହି ମୋଦିଙ୍କ ପ୍ରଶଂସା କରୁଥିଲା ବେଳେ ଅଧିକାଂଶ ନବୀନଙ୍କ ବିକାଶ ମଡେଲକୁ ନେଇ ଆଲୋଚନା କରୁଛନ୍ତି। ନିକଟରେ ପାରାଦ୍ୱୀପର ଜଣେ ଯୁବକ କହିଲେ, ମହାବାତ୍ୟା ପରେ ଅଧା ଓଡିଶା ଧ୍ୱଂଶ ହୋଇଯାଇଥିଲା। ହେଲେ ନବୀନ ବାବୁ ମୁଖ୍ୟମନ୍ତ୍ରୀ ହେଲାପରେ ଯେଭଳି ବିକାଶ ହୋଇଛି ତାହା କଳ୍ପନା କରିବା ମୁସ୍କିଲ। କାରଣ ନବୀନ ସର୍ବାଧିକ ସମୟ ମୁଖ୍ୟମନ୍ତ୍ରୀ ହୋଇ ରେକର୍ଡ କରିବା ସହ ପ୍ରତ୍ୟେକ କ୍ଷେତ୍ରରେ ଓଡିଶାକୁ ଅଗ୍ରଣୀ କରିଛନ୍ତି। ତେଣୁ ଉକ୍ତ ଯୁବକଙ୍କ ବକ୍ତବ୍ୟ ଓ ବିରୋଧୀଙ୍କ ସମାଲୋଚନା ମଧ୍ୟରେ ରହିଥିବା ପାର୍ଥକ୍ୟ ଦେଖିଲେ ଆଗାମୀ ଦିନରେ ଓଡ଼ିଶାରେ କେବଳ ବିଜେଡି ତିଷ୍ଠି ରହିବା ଅନୁମାନ କରିହେଉଛି। କାରଣ ଅନେକ ବଡ଼ ବଡ଼ ପ୍ରସଙ୍ଗରେ ବିରୋଧୀଙ୍କୁ ବିଜେଡି ବିରୋଧରେ ରଣ କରିବାର ସୁଯୋଗ ଥିଲେ ବି ସେମାନେ ଏହାକୁ ଅସ୍ତ୍ର ନକରିପାରିବା ହିଁ ବର୍ତ୍ତମାନର ସରକାରକୁ ଅଧିକ ବଳଶାଳୀ କରୁଛି। ଯେଉଁ ଧାରାରେ ଏବେ ବିଜେଡି ଆଗକୁ ବଢୁଛି ସେଥିରେ ଏହାର ପ୍ରତିଦ୍ୱନ୍ଦୀ ଭାବେ ବିଜେପି ଓ କଂଗ୍ରେସ ପଛରେ ପଡିଯାଉଛନ୍ତି। ଯଦିଓ ବିଜେପି ପାଇଁ ଅଧିକ ସୁଯୋଗ ରହିଛି ତଥାପି ଭୋଟରଙ୍କ ମନ ଜିଣିବା ପାଇଁ ରାଜ୍ୟ ବିଜେପି ସେଭଳି କିଛି ପଦକ୍ଷେପ ନେବା ପରିଲକ୍ଷିତ ହେଉନାହିଁ। ନେତୃତ୍ୱ ପରିବର୍ତ୍ତନ ପରେ ବିଜେପି ଶିବିର ଚଳଚଞ୍ଚଳ ରହିଥିଲେ ବି ଏଯାବତ ବିଜେଡିକୁ ଟକ୍କର ଦେଲାଭଳି ତୃଣମୂଳ ସ୍ତରରେ ବିଜେପି ଯେତେ ଚେଷ୍ଟା କରିବା ଦରକାର ତାହା ଦେଖିବାକୁ ମିଳୁନି। ସାମୟିକ ଭାବେ ଆକଳନ କଲେ ହୁଏତ ଆମେ ଭାବିନେବା ଯେ ଗତ ସପ୍ତାହରେ ଅନୁଷ୍ଠିତ ତିନୋଟି ରାଜ୍ୟର ଫଳାଫଳ ବିଜେପିକୁ ଖୁସି ଦେଇଛି। ହେଲେ ଓଡ଼ିଶାରେ ଏହାର ପ୍ରଭାବ କଣ ତାହା କେହି ବୁଝିନାହାନ୍ତି। କଂଗ୍ରେସ ତେଲେଙ୍ଗାନା ଫଳାଫଳକୁ ନେଇ ବେଶ ଖୁସି ଥିଲାବେଳେ ଓଡ଼ିଶାରେ ଶାସନ ପରିବର୍ତ୍ତନର ବାର୍ତ୍ତା ଦେଉଛି। ହେଲେ ତୃଣମୂଳ ସ୍ତରକୁ ଦେଖିଲେ ଓଡ଼ିଶାରେ କଂଗ୍ରେସର ନିର୍ଦ୍ଦିଷ୍ଟ କିଛି ବୟସ୍କ ଭୋଟର ଥିଲା ବେଳେ ଯୁବ ପିଢ଼ି ବିଜେଡି ମୁହାଁ। ଏହାର ମଧ୍ୟ ଅନେକ କାରଣ ରହିଛି। ଶାସନ କ୍ଷମତା ହରାଇବା ପରେ ରାଜ୍ୟରେ ମେଣ୍ଟ ସରକାର ଆରମ୍ଭ ହୋଇଥିଲା। ଏଥିରେ ନବାଗତ ବିଜେଡି ଓ ବିଜେପି ମିଶି କରି ସରକାର କରିଥିଲେ। ସେତେବେଳେ କଂଗ୍ରେସ ଆଶା ରଖିଥିଲା ଯେ ବିଜେଡି ଅଧିକ ବର୍ଷ ତିଷ୍ଠି ପାରିବ ନାହିଁ। ହେଲେ ଏଭଳି ଆକଳନ ଭୁଲ ପ୍ରମାଣିତ ହୋଇଗଲା। ଭୋଟର ବିଜେଡି ପ୍ରତି ଅଧିକ ଆକୃଷ୍ଟ ହୋଇ କଂଗ୍ରେସକୁ ଭୁଲିଗଲେ। ଏହାର ଅଧିକ ଫାଇଦା ବିଜେଡିକୁ ମିଳିଲା, କାରଣ ଆରମ୍ଭରୁ ଭୋଟ ହାର ଓଡ଼ିଶାରେ ନଗଣ୍ୟ ଥିଲା। ହେଲେ ୨୦୧୪ ମସିହା ସାଧାରଣ ନିର୍ବାଚନରେ ସାରା ଦେଶରେ ମୋଦି ଲହର ଖେଳି ଯାଇଥିଲା। ସେହି ସମୟରେ ଆଶା କରାଯାଉଥିଲା ଓଡ଼ିଶାରେ ମଧ୍ୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପ୍ରଭାବ ପଡିବ। ହେଲେ ତାହା ସମ୍ଭବ ହୋଇପାରିଲା ନାହିଁ। ସେହିଭଳି ୨୦୧୯ ନିର୍ବାଚନ ବେଳେ ତତ୍କାଳୀନ ବିଜେପିର ରାଷ୍ଟ୍ରୀୟ ଅଧ୍ୟକ୍ଷ ତଥା ବର୍ତ୍ତମାନର କେନ୍ଦ୍ର ଗୃହ ମନ୍ତ୍ରୀ ଅମିତ ଶାହା ଓଡ଼ିଶା ଆସି ନିର୍ବାଚନ ପ୍ରଚାର ବେଳେ କହିଥିଲେ ୧୨୦ରୁ ଉର୍ଦ୍ଧ୍ୱ ଆସନ ଜିତିବ ବିଜେପି। ତାହା ମଧ୍ୟ ଫେଲ୍ ମାରିଲା। ବିଜେଡି ବିରୋଧରେ ବିଜେପି ଯେଭଳି ଲଢ଼ିବା କଥା ତାହା ଦେଖିବାକୁ ମିଳିଲା ନାହିଁ। ତେଣୁ ପୁଣିଥରେ ୨୦୨୪ ନିର୍ବାଚନରେ ଓଡ଼ିଶା ବିଜେପିର ରଣନୀତି କ'ଣ ରହିବ ତାହା ଦେଖିବାକୁ ବାକି। ୨୦୨୪ ପାଇଁ ପ୍ରକାରାନ୍ତରେ ବିଜେଡି ଏହାର ପ୍ରଚାର କାମ ସାରି ଦେଇଛି ବୋଲି ବୁଝିବାକୁ ହେବ। ଗାଁ ଠୁ ସହର ସବୁଠାରେ ବିଜେଡିର ତୃଣମୂଳସ୍ତରୀୟ କର୍ମୀଙ୍କ କାର୍ଯ୍ୟ ଜାରି ରହିଛି। ତେଣୁ ଏଭଳି ପରିସ୍ଥିତିରେ ଆଗାମୀ ଦିନରେ ବିଜେପି ବିଜେଡିକୁ କିଭଳି ଟକ୍କର ଦେବ ତାହା ସମୟ କହିବ।

**ଯୋଗାଯୋଗ ଠିକଣା**
ଏକମାତ୍ର, ପ୍ଲଟ୍-୧୮୬, ଲେନ୍-୨, ବିମାନଘାଟୀ ଅଞ୍ଚଳ
ଭୁବନେଶ୍ୱର-୭୫୧୦୨୦, ଓଡ଼ିଶା
ଦୂରଭାଷ : ୦୯୩୩୮୨୨୫୯୩୦, ୯୪୩୭୧୩୩୭୭୭

# ସୁନାର ଜଙ୍ଗଲ ଆଉ ଘୁଷୁରୀ ଶିକାର ଉପାଖ୍ୟାନ



ଡା. ଇପ୍‌ସିତା ପ୍ରଧାନ

ନବେ ଦଶକରେ ଅର୍ଥକୁ ଖୁବ୍ ଜଲ୍‌ଦି ଏବଂ ଅକ୍ଳେଶରେ ବହୁ- ଗୁଣିତ କରିବା ପାଇଁ 'ଗୋଲ୍‌ଡେନ୍ ଫରେଷ୍ଟ' ନାମକ ସଂସ୍ଥା ଗାଁରୁ ଗାଁ, ଘରକୁ ଘର ପ୍ରଚାର ଚଳେଇ ଥିଲା। ସେହି ସମୟରେ ଏମିତି ଆହୁରି କିଛି ସଂସ୍ଥା ମଧ୍ୟ ଥିଲେ, ଯେମିତିକି 'ଗ୍ରୋ ଗ୍ରୀନ୍' ଏବଂ 'ପର୍ଲ୍ସ ଗ୍ରୁପ୍'। ଏହି ସଂସ୍ଥା ଗୁଡିକ ଗରାଖଙ୍କ ଠାରୁ ଖୁବ୍ କମ୍ ଟଙ୍କା ଜମା ନେଇ ଅଳ୍ପ କିଛି ବର୍ଷ ମଧ୍ୟରେ ଗୋଟିଏ ବଡ଼ ଏବଂ ଲୋଭନୀୟ ପରିମାଣର ଟଙ୍କା ଫେରସ୍ତର ପ୍ରତିଶ୍ରୁତି ଦେଉଥିଲେ। ଏଥିରେ ଚେନ୍ ସିଷ୍ଟମ୍ ରେ ବ୍ୟବସାୟ ହେଉଥିଲା। ଅର୍ଥାତ ଜଣେ ଗରାଖ ଆଉ ତିନିଜଣ ଗରାଖ ଯୋଗାଡ କରିବ ଏବଂ ଏ ତିନିଜଣ ଆଉ ତିନିଜଣ ଲେଖାଏଁ, ଏମିତି ଚେନ୍ ବା ଶିକୁଳି ଯେତେ ବଢି ଚାଲିବ, ପ୍ରଥମ ଗ୍ରାହକର ଲାଭର ପରିମାଣ ତିନିଗୁଣ, ନ'ଗୁଣ ହୋଇ ଚାଲିବ। ଯେହେତୁ ଜମା ପୁଞ୍ଜି ଖୁବ୍ କମ୍ କରିବାକୁ ପଡୁଥିଲା, ତେଣୁ ଅନେକ ଗ୍ରାମୀଣ ଓ ନିମ୍ନ ମଧ୍ୟବିତ୍ତ, ସ୍ୱଳ୍ପ ବେତନଧାରୀ ଯୁବକ ଏହି ଯୋଜନା ଗୁଡିକ ପ୍ରତି ଜଲ୍‌ଦି ଆକର୍ଷିତ ହେଉଥିଲେ। ସଂସ୍ଥା ପ୍ରଥମେ କିଛି ହଜାର ପର୍ଯ୍ୟନ୍ତ ଟଙ୍କା ଲୋକଙ୍କୁ ଫେରସ୍ତ ମଧ୍ୟ ଦେଲେ। ଲୋକଙ୍କ ବିଶ୍ୱାସ ବଢିବାରୁ ସେମାନେ ତା'ପରେ ଅଧିକ ପରିମାଣର ଟଙ୍କା ବିନିଯୋଗ କଲେ। ସେଇ ସମୟରେ କିଛି ବୁଦ୍ଧିଜୀବୀ ପ୍ରଶ୍ନ ମଧ୍ୟ କରୁଥିଲେ, ଯେ ଗୋଟିଏ ସଂସ୍ଥା ଏମିତି କେଉଁ ବ୍ୟବସାୟରେ ଟଙ୍କା ବିନିଯୋଗ କରିବ ଯେ ଏତେ ଗୁଣ ଟଙ୍କା ଫେରସ୍ତ କରିବ? ସେତେବେଳେ 'ଗୋଲ୍‌ଡେନ୍ ଫରେଷ୍ଟ'ର ପ୍ରଚାର ଓ ଏଜେଣ୍ଟ୍ ସାଜୁଥିବା ଲୋକେ ବୁଝାଉଥିଲେ ଯେ, କମ୍ପାନୀ ଏହି ମୂଳ ଟଙ୍କାରେ ପ୍ରତ୍ୟେକ ଗ୍ରାହକ ପିଛା ଶାଗୁଆନ୍ ଗଛ ଲଗାଇ (କେତୋଟି ସଂଖ୍ୟା ମୋର ମନେ ନାହିଁ), ବଣ ସୃଷ୍ଟି ହେବ। ସେହି ଲକ୍ଷ ଲକ୍ଷ ଶାଗୁଆନ୍ ଗଛ ବଡ ହେଲେ, କଟା ହୋଇ କୋଟି କୋଟି ଟଙ୍କା ଆସିବ ଏବଂ ଅର୍ଥ ବିନିଯୋଗକାରୀଙ୍କୁ ତାହା ଫେରସ୍ତ ଦିଆଯିବ। ଏହି ବିପୁଳ ଲାଭପ୍ରଦ ଏବଂ ଅର୍ଥ ସୃଷ୍ଟିକାରୀ ଜଙ୍ଗଲ ଶାଗୁଆନ୍ ନୁହେଁ ତ ପ୍ରକୃତରେ ସୁନାର ଜଙ୍ଗଲ, ସେଥିପାଇଁ ତା'ର ନାଁ ଗୋଲ୍‌ଡେନ୍ ଫରେଷ୍ଟ ବା ସୁନାର ଜଙ୍ଗଲ! ଅବଶ୍ୟ ଏ ସବୁ ଲାଭ, ଲୋଭ, ସ୍ୱପ୍ନ ବର୍ଣ୍ଣନା କଲାବେଳେ ଗରାଖଙ୍କୁ ଆଉ କେତୋଟି ସମ୍ଭାବନା ବିଷୟରେ ଆଦୌ ବୁଝା ଯାଉ ନଥିଲା। ଯେମିତିକି ଲଗାଯାଇଥିବା ଗଛରୁ କିଛି ମରିଯିବାର ସମ୍ଭାବନା ରହିଛି, ବର୍ଷା-ଝଡ-ବନାଗ୍ନି ଏ ପ୍ରକାର ଦୁର୍ବିପାକର ବି ସାମନା କରାଯାଇ ପାରେ, ପବନରେ ଗଛ ଭାଙ୍ଗିବା କିମ୍ବା ପୋକ ଲାଗିଯିବା, ପ୍ରତ୍ୟେକ ଗଛ ସମାନ ଆକାର-ପ୍ରକାରର ନହେବା କାରଣରୁ ଦାମ୍ ମଧ୍ୟ କମିପାରେ। ସେମିତି ଅନ୍ୟ କିଛି ସଂସ୍ଥା ରିଅଲ-ଇଷ୍ଟେଟ୍ ଏବଂ ରିସୋର୍ଟ ବ୍ୟବସାୟରେ ଅର୍ଥ ବିନିଯୋଗ କଥା ମଧ୍ୟ କହୁଥିଲେ। କିନ୍ତୁ ହଠାତ୍ କରି ୧୯୯୭-୯୮ ଶେଷ ବେଳକୁ ଗୋଲ୍ଡେନ୍ ଫରେଷ୍ଟ କମ୍ପାନୀ ବଜାରରୁ ଉଭାନ୍ ହୋଇଗଲା। ଲକ୍ଷ ଲକ୍ଷ ଲୋକ ନିଜ କଷ୍ଟୋର୍ପାଜିତ ଧନ ପାଇବା ପାଇଁ ଡହଳ ବିକଳ ହେଲେ। ଏଇ ଲେଖା ପ୍ରସ୍ତୁତ କରିବା ପାଇଁ ତଥ୍ୟ ସଂଗ୍ରହ ବେଳେ ୨୦୧୧ ମସିହାରେ ହିନ୍ଦୀ ସମାଚାରପତ୍ର 'ଅମର ଉଜାଲା'ରେ ପ୍ରକାଶିତ ଗୋଟିଏ ଖବରରୁ ଜାଣିଲି ଯେ ଗୋଲ୍ଡେନ୍ ଫରେଷ୍ଟ ସଂସ୍ଥା ପଞ୍ଜାବରୁ ପରିଚାଳିତ ହେଉଥିଲା। ସେ ସମୟରେ କମ୍ପାନୀର ସମୁଦାୟ ସମ୍ପତ୍ତି ୧୦,୦୦୦ କୋଟି ଟଙ୍କାରୁ ଅଧିକ ଥିଲା। ସେମିତି ୨୦୧୪ରେ 'ଦ ଇଣ୍ଡିଆନ୍ ଏକ୍ସପ୍ରେସ'ରେ ପ୍ରକାଶିତ ଗୋଟିଏ ଖବର ଅନୁସାରେ ପର୍ଲ୍ସ ଗ୍ରୁପ୍ (ପର୍ଲ୍ସ ଆଗ୍ରୋ କର୍ପୋରେସନ) ପାଖାପାଖି ୫ କୋଟି ଜନତାଙ୍କ ଠାରୁ ୫୦,୦୦୦ କୋଟି ଆଦାୟ କରିଥିଲା। ୨୦୨୦ରେ ସୁପ୍ରିମକୋର୍ଟ ଦେଇଥିବା ରାୟ ଅନୁସାରେ ଗୋଲ୍ଡେନ୍ ଫରେଷ୍ଟ କମ୍ପାନୀ ସମୁଦାୟ ୧୪ ଲକ୍ଷ ଲୋକଙ୍କୁ ବକେୟା ଅର୍ଥ ରାଶିର ଅତି କମରେ ୭୦% ଫେରେଇବା ପାଇଁ ନିର୍ଦ୍ଦେଶ ଥିଲା। ଏହି ପରି ଦେଶର ଆଉ ଗୋଟିଏ ପୋଞ୍ଜି ସ୍କିମ୍ ବା ପିରାମିଡ୍ ସ୍କିମ୍ ବା ଚେନ ସିଷ୍ଟମ୍ ଠକେଇ, ସାହାରା ଗ୍ରୁପ୍ ସ୍କାମ୍ କଥା ଆପଣଙ୍କର ମନେ ଥିବ ନିଶ୍ଚୟ। ଆରୋପ ଅନୁସାରେ ଏଥିରେ ଲୋକଙ୍କ ପାଖରୁ ୨୪୦୦୦ କୋଟି ଠକେଇ କରା ଯାଇଥିଲା।

ଏତିକି ପଢିବା ଭିତରେ ଆପଣ ନିଶ୍ଚୟ ଭାବୁଥିବେ ଯେ, ମୁଁ କାହିଁକି ଆଜି ଏମିତି ଗୋଲ୍‌ଡେନ୍ ଫରେଷ୍ଟ କିମ୍ବା ପର୍ଲ୍ସ ଗ୍ରୁପ୍ ପରି ଏତେ ପୁରୁଣା ଠକେଇ ମାମଲା ନେଇ ଲେଖୁଛି! ପ୍ରକୃତରେ ଗତ ସପ୍ତାହରେ ଆସିଥିବା ଗୋଟିଏ ରିପୋର୍ଟକୁ ନେଇ ମୋର ଏଇ ସୁନାର ଜଙ୍ଗଲ ଆଉ ତା' ଭିତରର ମାୟାଜାଲ ବିଷୟରେ ମନେ ପଡି ଯାଇଛି। ନବେ ଦଶକ ପରେ ୨୦୨୩ ବେଳକୁ ଆମେ ଯେତେ ପରିବର୍ତ୍ତନ ଦେଖିଛେ ସେ ଭିତରୁ ସବୁଠାରୁ ଅଧିକ ମହତ୍ତ୍ୱପୂର୍ଣ୍ଣ ହେଉଛି 'ଡିଜିଟାଲାଇଜେସନ୍'। ଇଣ୍ଟରନେଟ, ସ୍ମାର୍ଟଫୋନ୍, ସୋସିଆଲ ମିଡିଆକୁ ଛାଡିଦେଲେ ମଣିଷ ଏବେ ଗୋଟିଏ ଦିନର ଜୀବନ ସମ୍ଭବ ବୋଲି ଭାବି ପାରୁନି। ଅବଶ୍ୟ ଡିଜିଟାଲାଇଜେସନର ମହତ୍ତ୍ୱ ଏବଂ ଉପକାରିତାକୁ ମୁଁ କେବେ ଅସ୍ୱୀକାର କରେନି କିମ୍ବା ନିନ୍ଦା ମଧ୍ୟ କରେନି। ଆଉ ନିନ୍ଦା କରୁଥିବା ମଣିଷମାନେ ବି ଏହାର ଭରପୂର ବିନିଯୋଗ କରନ୍ତି। ଡିଜିଟାଲ୍ ବ୍ୟାଙ୍କିଙ୍ଗଠୁ ଆରମ୍ଭ କରି ଅନଲାଇନ୍ ଡାକ୍ତରୀ ପରାମର୍ଶ, ପୁରୁଣା ବନ୍ଧୁ ମିଳନଠୁ ନୂତନ ବନ୍ଧୁ ଭେଟ, ଗୁରୁତ୍ୱପୂର୍ଣ୍ଣ କାଗଜ-ଦସ୍ତାବେଜ ଦେଣନେଣଠୁ ବିଶେଷଜ୍ଞଙ୍କ ମତ ଆଉ ଲକ୍ଷ ଲକ୍ଷ ପୃଷ୍ଠାର ବିବରଣୀ ଏବେ ଆମ ହାତ ପାହାନ୍ତାରେ। ଦୈନନ୍ଦିନ ଜୀବନର ପ୍ରାୟ ପ୍ରତ୍ୟେକ ଜରୁରୀ କାମ ପାଇଁ ଏବେ ମୋବାଇଲରେ ଆପ୍ ଉପଲବ୍ଧ ଅଛି (ମୁଁ ଜାଣେ ଭୋଜନଗ୍ରହଣ କରିବା, ବାପା-ମା', ନିତ୍ୟକର୍ମ ଏସବୁ ପାଇଁ ଆପ୍ ନାହିଁ)। ଠିକ୍ ସେମିତି ଏହା ମାଧ୍ୟମରେ ଟଙ୍କା ଠକେଇ, ହ୍ୟାକିଙ୍ଗ, ବ୍ଲାକମେଲିଙ୍ଗ, ରାନସମ୍, ଷ୍ଟକିଙ୍ଗ, ମେସେଜ୍, ଲୋନ୍ ଆପ୍ ବା ୟୁ ଆର୍ ଏଲ୍ ପରି ଅପରାଧ ବିଷୟରେ ପଢୁଛନ୍ତି ଏବଂ ଶୁଣୁଛନ୍ତି। ଏହି ସବୁ ସାଇବର ଅପରାଧ ଶ୍ରେଣୀରେ ଏବେ ଗୋଟିଏ ନୂଆ ଟର୍ମ ବା ପ୍ରକାର ଯୋଡି ହୋଇଛି, 'ପିଗ୍ ବୁଚରିଙ୍ଗ', ଯଦିଓ ଏହାର ଆକ୍ଷରିକ ଅର୍ଥ 'ଘୁଷୁରୀ ହଣା' ହେବ କିନ୍ତୁ ଓଡ଼ିଆରେ କହିଲେ ଏହାର ଅର୍ଥ ହେବ 'ଘୁଷୁରୀ ଶିକାର'।

୧୩ ନଭେମ୍ବର, ୨୦୨୩ ଦିନ 'ଜେରୋଧା' (ଟ୍ରେଡିଙ୍ଗ ଏବଂ ଫାଇନାନ୍ସ) କମ୍ପାନୀର ସି ଇ ଓ ନିତିନ୍ କାମାଥ, ଲୋକପ୍ରିୟ ସୋସିଆଲ ମିଡିଆ ପ୍ଲାଟଫର୍ମ 'ଏକ୍ସ'ରେ ଗୋଟିଏ ପ୍ରକାର ସାଇବର ଠକେଇ 'ପିଗ୍ ବୁଚରିଙ୍ଗ' ବିଷୟରେ ବିବରଣୀ ଦେଇଥିଲେ। ଏହା ପରେ ସମ୍ପୂର୍ଣ୍ଣ ଦେଶରେ ସମସ୍ତ ମୁଖ୍ୟ ଖବରକାଗଜ ଏବଂ ନ୍ୟୁଜ୍ ଚ୍ୟାନେଲରେ ଏହି ବିଷୟ ନେଇ ଆଲୋଚନା ଏବଂ ରିପୋର୍ଟ ପ୍ରକାଶ ପାଇଥିଲା। ପିଗ୍ ବୁଚରିଙ୍ଗ ସ୍କାମ୍ ବା ଠକେଇର ଆଉ ଗୋଟିଏ ନାଁ ହେଉଛି 'ରୋମାନ୍ସ ସ୍କାମ୍'। ଅର୍ଥାତ ଏଥିରେ ଠକେଇ କରୁଥିବା ମଣିଷ ପ୍ରେମିକ/ ପ୍ରେମିକା କିମ୍ବା ବନ୍ଧୁ ହୋଇ କୌଣସି ବଡ଼ କିମ୍ବା ବିଦେଶରେ ଚାକିରୀ ଅଥବା ସେୟାର ମାର୍କେଟ କିମ୍ବା କ୍ରିପଟ୍ଟୋକରେନ୍ସି ଲଗାଣର ପ୍ରଲୋଭନ ଦେଖାଇ ଟଙ୍କା ଲୁଟି ନିଏ। ଏହି ଠକେଇ ପ୍ରଣାଳୀରେ ଭୁକ୍ତଭୋଗୀର ଭାବପ୍ରବଣତା ଏବଂ ବିଶ୍ୱାସର ଲାଭ ଉଠା ଯାଇଥାଏ। ଠକେଇ ପୂର୍ବରୁ ଖୁବ୍ ସମୟ ନେଇ, ଏକ ସୁଚିନ୍ତିତ ଏବଂ ସୁସମ୍ପାଦିତ କାହାଣୀ ରଚି, ସୁସମ୍ପର୍କ ସ୍ଥାପନ କରି, ବିଶ୍ୱାସଭାଜନ ହୋଇ, ତା'ର ଇ-ଅର୍ଥ ବା କ୍ରିପ୍ଟୋକରେନ୍ସି ଲଗାଣର ମାତ୍ରା ବୃଦ୍ଧି ହେବା ପର୍ଯ୍ୟନ୍ତ ଅପେକ୍ଷା କରାଯାଇ ତା'ପରେ ଅର୍ଥ ଲୁଟ୍ କରାଯାଏ। ଠିକ୍ ଯେମିତି ଘୁଷୁରୀ ଚାଷ କରୁଥିବା ଲୋକ ତା'ର ଓଜନ ବୃଦ୍ଧି ପର୍ଯ୍ୟନ୍ତ ଅପେକ୍ଷା କରି ତା' ପରେ ସେଇ ଘୁଷୁରୀକୁ କାଟେ। ସେଥିପାଇଁ ଏହାକୁ 'ପିଗ୍ ବୁଚରିଙ୍ଗ' କୁହାଯାଏ।

ପିଗ୍ ବୁଚରିଙ୍ଗ ସ୍କାମ୍ ପ୍ରଥମେ ଦକ୍ଷିଣ-ପୂର୍ବ ଏସିଆରୁ ଆରମ୍ଭ ହୋଇ ଏବେ ସମ୍ପୂର୍ଣ୍ଣ ବିଶ୍ୱରେ ବ୍ୟାପି ସାରିଲାଣି। ଏହି ସ୍କାମକୁ ସାଧାରଣତଃ କ୍ରିପଟ୍ଟୋକରେନ୍ସିର କାରବାର କରୁଥିବା ଗୋଟିଏ ଦଳ କାର୍ଯ୍ୟକାରୀ କରିଥାଏ। ଏମାନେ ଲୋକଙ୍କୁ ଫସାଇବା ପାଇଁ ବିଭିନ୍ନ ସୋସିଆଲ ମିଡିଆ, ହ୍ୱାଟ୍ସ-ଆପ୍, ମେସେଞ୍ଜର, ଟିଣ୍ଡର, ଡେଟିଙ୍ଗ ଆପ, ଏମିତିକି ଅଜଣା ନମ୍ବରକୁ ମେସେଜ୍ କିମ୍ବା କଲର ବ୍ୟବହାର କରନ୍ତି। ପ୍ରଥମେ ବାର୍ତ୍ତାଳାପ ବା କନଭରସେସନକୁ ଏମାନେ ଅତ୍ୟନ୍ତ ଭଦ୍ର, ମାର୍ଜିତ ତଥା ସରଳ ରଖନ୍ତି ଏବଂ ଧୀରେ ଧୀରେ ବନ୍ଧୁତା ବଢାନ୍ତି। ନିଜ ସୁନ୍ଦର ଏବଂ ଆକର୍ଷଣୀୟ କଥାବାର୍ତ୍ତା ଜରିଆରେ ଏମାନେ ଖୁବ୍ ଶୀଘ୍ର ବିଶ୍ୱାସଭାଜନ ହୋଇ ଭଲ ବନ୍ଧୁ କିମ୍ବା ପ୍ରେମ ସମ୍ପର୍କ ସ୍ଥାପନ କରନ୍ତି (ଉଭୟ ଅପରାଧୀ ଏବଂ ଶିକାର ଉଭୟ ଲିଙ୍ଗର ହୋଇ ପାରନ୍ତି) ଏବଂ ନିଜକୁ ଦୈନନ୍ଦିନ ଜୀବନର ଭାଗ ବନେଇ ନିଅନ୍ତି। ଏହି ବନ୍ଧୁତା ବଢାଇବା ଏବଂ ଦୈନନ୍ଦିନ କଥାବାର୍ତ୍ତା ଭିତରେ, ନିଜେ କେମିତି କ୍ରିପ୍ଟୋକରେନ୍ସି ବା ବିଟ୍-କଏନ୍ ମାଧ୍ୟମରେ ରୋଜଗାର ବଢାଇ ପାରିଛନ୍ତି ଏବଂ ବ୍ୟବସାୟ କରି ପାରୁଛନ୍ତି ଜଣାଇ ଦିଅନ୍ତି। ଏହି ସବୁ ଦିଗରେ ଅର୍ଥ ବିନିଯୋଗ ପାଇଁ ଧିରେ ଧିରେ ଶିକାର ମନରେ ଉତ୍କଣ୍ଠା ଜାଗୃତ କରନ୍ତି। ପ୍ରଥମେ ପ୍ରଥମେ ଶିକାରକୁ ପରୀକ୍ଷା ସ୍ୱରୂପ ଅଳ୍ପ ଅର୍ଥ ଲଗାଣ ପାଇଁ ପରାମର୍ଶ ଦେଇ ନିଜେ ବ୍ୟବହାର କରୁଥିବା ୱେବସାଇଟ୍ ବା ଆପ୍ ସହ ପରିଚୟ କରାନ୍ତି। ନିବେଶ କରିବା ପାଇଁ ଟଙ୍କା ନମାଗି, ଶିକାରକୁ ସମସ୍ତ ନିୟନ୍ତ୍ରଣ ଦିଆଯାଏ। ପ୍ରଥମେ ପ୍ରଥମେ ଶିକାରର ଲୋଭ ବଢାଇବା ଏବଂ ବିଶ୍ୱାସକୁ ଦୃଢ କରିବା ପାଇଁ ଅଳ୍ପ ଅଳ୍ପ ଲାଭ ଧନ କ୍ରେଡିଟ୍ କରିବା ସହ କ୍ଷତି ମଧ୍ୟ କରନ୍ତି। ଧିରେ ଧିରେ ବିନିଯୋଗ କରୁଥିବା ଅର୍ଥର ରାଶି ବଢେ ଏବଂ ଶିକାର ଲାଭର ପରିମାଣ ଦେଖି ଉତ୍ସାହିତ ହୋଇ ଅଧିକରୁ ଅଧିକ ଅର୍ଥ ବିନିଯୋଗ କରେ। ଯେତେବେଳେ ଶିକାର ଗୋଟିଏ ବଡ ଏବଂ ଆକର୍ଷଣୀୟ ଆକାରର ଅର୍ଥ ଲଗାଇଦିଏ, ସେଇ ହିତାକାଂକ୍ଷୀ ବନ୍ଧୁ ଏବଂ ବ୍ୟବହାର କରାଯାଉଥିବା ଆପ୍ ସବୁ ଉଭାନ୍ ହୋଇଯାଏ।

ମଣିଷ ଜୀବନ ଧରି ରଖିବା ପାଇଁ ନିଶ୍ଚିତ ଭାବରେ ଟଙ୍କା ବା ଧନର ଆବଶ୍ୟକତା ରହିଛି। ଖାଦ୍ୟ, ବସ୍ତ୍ର, ବାସଗୃହ କିମ୍ବା ଜୀବନର ଯେକୌଣସି ସର୍ବନିମ୍ନ ଆବଶ୍ୟକତା ପାଇଁ ଅର୍ଥ ଦରକାର। କିନ୍ତୁ ସେଇ ଆବଶ୍ୟକତାକୁ ସୀମିତ ରଖିବା ଦାୟିତ୍ୱ ବି ମଣିଷର। ଯିଏ ଲୋଭ ଦେଇଛି, ସିଏ ବିବେକ ବି ଦେଇଛି ବିଚାର କରିବା ପାଇଁ। ଲୋଭରେ, ସର୍ଟକର୍ଟରେ ଅଧିକ ଉପାର୍ଜନର ବାଟ ସର୍ବଦା ମୃତ୍ୟୁ ବା କ୍ଷତିର କାରଣ ହୋଇଥାଏ। ଥରେ ବିଚାର କରି ଦେଖନ୍ତୁ, ଯଦି ଅର୍ଥ ଉପାର୍ଜନର ଏତେ ସହଜ ଉପାୟ ଅଛି ହଜାର ହଜାର କୋଟିର ମାଲିକ ବ୍ୟବସାୟୀ ତ ଏକାଥରେ ଏଇ ସ୍କିମରେ ଅର୍ଥ ଲଗାଇ ଆରାମରେ ଶୋଇ ପଡନ୍ତେ, ସେମାନେ କାହିଁକି ବର୍ଷ ବର୍ଷ ଧରି ଲଗାତାର କଷ୍ଟ କରୁଛନ୍ତି? ଏମିତି ଲୋଭରେ ପଡି କୌଣସି ଲିଙ୍କ୍ କିମ୍ବା ଆପରେ ନିଜର ଅର୍ଥ ଲଗାଇବା ପୂର୍ବରୁ ଥରେ ଜାଞ୍ଚ ନିହାତି କରି ନିଅନ୍ତୁ। ସତର୍କ ରୁହନ୍ତୁ, ନହେଲେ ସୁନାର ଜଙ୍ଗଲରେ ଘୁଷୁରୀ ଶିକାର ଏମିତି ହୋଇ ଚାଲିଥିବ।

*ଭୁବନେଶ୍ୱର*
*ଦୂରଭାଷ : ୮୦୧୮୦୫୩୩୯*

# ବିକାଶ ନାମରେ ସମଗ୍ର ହିମାଳୟ ଅଞ୍ଚଳ ବିପଦରେ !



ଅସିତ ମହାନ୍ତି

ସୀଲକୟାରା-ବାରକୋଟ ସୁଡ଼ଙ୍ଗରେ ୪୧ ଜଣ ଶ୍ରମିକଙ୍କ ଫଶି ରହିବା ଏବଂ ୧୭ ଦିନିଆ ଉଦ୍ୟମ ପରେ ସେମାନଙ୍କୁ ବାହାର କରିବା ପାଇଁ 'ଅସଫଳ' ପ୍ରୟାସ ଭାରତ ସରକାର, ପ୍ରଶାସନ ଏବଂ ବିପର୍ଯ୍ୟୟ ପରିଚାଳନାର ପାରଦର୍ଶିତା ଏବଂ ପ୍ରସ୍ତୁତିକୁ ପରୀକ୍ଷା କରିଛି। ଅନାବଶ୍ୟକ। ଶ୍ରମିକମାନଙ୍କୁ ଟନେଲରୁ ବାହାର କରିବାରେ ନିୟୋଜିତ ଥିବା ସମସ୍ତ ସରକାରୀ ଏଜେନ୍ସି ଟେକ୍ନିକାଲ୍ ଅକ୍ଷମ ବୋଲି ପ୍ରମାଣିତ ହୋଇଥିବାବେଳେ ଏହି ଘଟଣା ପ୍ରମାଣ କରିଛି ଯେ ଉତ୍ତରାଖଣ୍ଡ ପରି ଜଟିଳ ଭୂଗୋଳ ଏବଂ ଇକୋସିଷ୍ଟମ୍ ଥିବା ରାଜ୍ୟରେ ମଧ୍ୟ ସରକାର ସବୁକିଛି କୁ କାଜୁଆଲ୍ ଢଙ୍ଗରେ କରନ୍ତି। ସେ ପରିବେଶର ସୁରକ୍ଷା ବିଷୟରେ ଚିନ୍ତା କରନ୍ତି ନାହିଁ କିମ୍ବା ଶ୍ରମ ଆଇନ ପ୍ରତି ମଧ୍ୟ ଧ୍ୟାନ ଦିଅନ୍ତି ନାହିଁ।

ସୂଚନାଯୋଗ୍ୟ ଯେ ୧୭ ଦିନ ଧରି ରାଜ୍ୟ ତଥା କେନ୍ଦ୍ରର ଏକ ଡଜନ ଏଜେନ୍ସି ଏବଂ ଅସଂଖ୍ୟ କ୍ଷେତ୍ରର ବିଶେଷଜ୍ଞମାନେ ସମାନ ପଜଲ୍ ସମାଧାନ କରିବାକୁ ଚେଷ୍ଟା କରୁଥିଲେ। ୪୦୦ ଘଣ୍ଟାର କଠିନ ବ୍ୟାୟାମ ପରେ ୪୧ ଜଣଙ୍କୁ ଉତ୍ତରାଖଣ୍ଡ ଟନେଲରୁ ଉଦ୍ଧାର କରାଯାଇଥିଲା। କିନ୍ତୁ ଏଥିପାଇଁ ଶ୍ରେୟ ଝାନସୀ'ରୁ ଆସିଥିବା ଆଦିବାସୀ କାରିଗର, ଯେଉଁମାନଙ୍କୁ – 'ରେଟ୍ ହୋଲ୍ ମାଇନର୍ସ' କୁହାଯାଏ ଙ୍କୁ ଦିଆଯାଇଛି ଯାଇଛି। ଅଲଟ୍ରା-ଆଧୁନିକ ଯନ୍ତ୍ରର ବିଫଳତା ପରେ, ଏକ ଛେନୀ ଏବଂ ହାତୁଡ଼ିରେ ଆବର୍ଜନା ଖୋଳି ଦେଢ ଦିନ ମଧ୍ୟରେ ଶ୍ରମିକମାନଙ୍କୁ ବାହାରକୁ ଅଣାଯାଇଥିଲା ଯାହା ବାସ୍ତବରେ ଚମତ୍କାର ଥିଲା।

୧୭ ଦିନ ଧରି ଚାଲିଥିବା ଉଦ୍ଧାର କାର୍ଯ୍ୟରେ ଅତି କମରେ ୬୫୨ ସରକାରୀ କର୍ମଚାରୀ ନିୟୋଜିତ ହୋଇଥିଲେ। ଏଥିମଧ୍ୟରେ ପୋଲିସ ବିଭାଗର ୧୮୯ ଜଣ ଅଧିକାରୀ, ସ୍ୱାସ୍ଥ୍ୟ ବିଭାଗର ୧୦୬ ଜଣ, ଭାରତ-ତିବ୍ବତୀୟ ସୀମା ପୋଲିସର ୭୭ ଜଣ, ଜାତୀୟ ବିପର୍ଯ୍ୟୟ ମୁକାବିଲା ବାହିନୀର ୬୨ ଜଣ, ରାଜ୍ୟ ବିପର୍ଯ୍ୟୟ ମୁକାବିଲା ବାହିନୀର ୩୯ ଜଣ, ଜଳ ସଂସ୍ଥାନ ଉତ୍ତରାକାଶୀ ରୁ ୩୨ ଜଣ, ବିଦ୍ୟୁତ୍ ବିଭାଗ ଏବଂ ସୀମା ସଡକ ସଂଗଠନର ୩୮ ଜଣ କର୍ମଚାରୀ ଏବଂ ବିଶେଷଜ୍ଞ ଏଥିରେ ସାମିଲ ହୋଇଥିଲେ। ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟର ପୂର୍ବତନ ପରାମର୍ଶଦାତା ତଥା ଉତ୍ତରାଖଣ୍ଡ ପର୍ଯ୍ୟଟନ ବିଭାଗର ସ୍ୱତନ୍ତ୍ର ଅଧିକାରୀ ଭାସ୍କର ଖୁଲବେଙ୍କ ଅନୁଯାୟୀ ଯଦି ସ୍ୱତନ୍ତ୍ର ଶ୍ରମିକ ଏବଂ ବେସରକାରୀ କମ୍ପାନୀ କର୍ମଚାରୀଙ୍କୁ ଅନ୍ତର୍ଭୁକ୍ତ କରାଯାଏ, ତେବେ ଏହି ଅପରେସନରେ ସହଯୋଗ କରୁଥିବା ଲୋକଙ୍କ ସଂଖ୍ୟା ୧ ,୦୦୦ ହଜାର ଅତିକ୍ରମ କରିବ।

ଏହା ବାସ୍ତବରେ ସୁଖ ଏବଂ ବିଜୟର ସ୍ୱାଦ ଥିଲା, ଯାହା ଦେଶରେ ତଥା ଆନ୍ତର୍ଜାତୀୟ ସ୍ତରରେ ଆଲୋଚନାର ବିଷୟ ହୋଇଥିଲା। କିନ୍ତୁ ଏହା ବିଚାର କରିବା ଉଚିତ ଯେ ଏହି ଦୁର୍ଘଟଣା କାହିଁକି ଘଟିଲା, ଏହା ପରିବେଶ ତଥା ଇକୋ-ସିଷ୍ଟମ ଉପରେ କିପରି ପ୍ରଭାବ ପକାଉଛି, ପରିବେଶ ଦୃଷ୍ଟିରୁ ଏହି କାର୍ଯ୍ୟ ଠିକ୍ କି, ସରକାରଙ୍କ ଦ୍ୱାରା ପୂର୍ବ ସଚେତନତା ବ୍ୟବସ୍ଥା କରାଯାଇଥିଲା କି ନାହିଁ ଅନେକ ପ୍ରଶ୍ନ ରହିଛି? ଏସବୁ ବିଷୟରେ ଚର୍ଚ୍ଚା ହେବା ବାଞ୍ଛନିୟ। ସର୍ବପ୍ରଥମେ, ଚାରିଧାମ ପ୍ରକଳ୍ପରେ ପରିବେଶ ଏବଂ ଶ୍ରମ ନିୟମ ଉଲ୍ଲଂଘନ କରାଯାଇଛି – ଉତ୍ତରାଖଣ୍ଡରେ ଦ୍ରୁତ ବିକାଶମୂଳକ ପ୍ରକଳ୍ପ ଚାଲିଛି। କିନ୍ତୁ ତୀର୍ଥଯାତ୍ରା ମାର୍ଗ ନିର୍ମାଣ ନାମରେ ଚାରିଧାମ ପ୍ରକଳ୍ପ ପର୍ବତର ଇକୋସିଷ୍ଟମକୁ ନଷ୍ଟ କରିଦେଇଛି। ନିର୍ମାଣାଧୀନ ସିଲ୍କିଆରା-ବାରକୋଟ ଟନେଲରେ ଦୁର୍ଘଟଣା ପର୍ବତରେ ମନୁଷ୍ୟକୃତ ବିପର୍ଯ୍ୟୟର ଅନେକ କାହାଣୀ ମଧ୍ୟରୁ ଗୋଟିଏ ଯାହା ଦେଶ ସାମ୍ନାରେ ଆସିଛି। କିନ୍ତୁ ବିକାଶ ନାମରେ ସେଠାରେ ଚାଲିଥିବା କର୍ପୋରେଟ୍ ଲୁଟ୍ ସମଗ୍ର ହିମାଳୟ ଅଞ୍ଚଳକୁ ଏକ ବିପଦପୂର୍ଣ୍ଣ ଅଞ୍ଚଳରେ ରଖିଛି। ଉତ୍ତରାଖଣ୍ଡକୁ ଦେବଭୂମି କୁହାଯାଏ। ଏହା କେବଳ ଚାରୋଟି ପ୍ରମୁଖ ହିନ୍ଦୁ ତୀର୍ଥସ୍ଥାନ ଏଠାରେ ଅବସ୍ଥିତ ହେତୁ ନୁହେଁ, ବରଂ ବାସ୍ତବତା ହେତୁ ଏଠାରେ ବାସ କରୁଥିବା ବିଭିନ୍ନ ଜାତି ଏବଂ ସମ୍ପ୍ରଦାୟ ସମଗ୍ର ହିମାଳୟର ଦୃଶ୍ୟକୁ ପବିତ୍ର ବିବେଚନା କରନ୍ତି, ସେମାନଙ୍କର ଦୃଢ ବିଶ୍ୱାସ ରହିଛି ଯେ ହିମାଳୟକୁ କ୍ଷତି କିଛି କ୍ଷତି ହେଲେ, କେବଳ ପର୍ବତବାସୀଙ୍କ ପାଇଁ ନୁହେଁ, ସମଗ୍ର ମାନବ ଜାତି ପାଇଁ ହିମାଳୟ ପର୍ବତ ବିପର୍ଯ୍ୟସ୍ତ ହୋଇପାରେ। ହିମାଳୟ ଏକ ଭୌଗୋଳିକ ପ୍ରତିନିଧିତ୍ୱ କରେ ଯାହା ଜଙ୍ଗଲ, ଶିଖର, ଆଲପାଇନ୍ ମାଳଭୂମି, ଉପତ୍ୟକା ଏବଂ ଜଳ କ୍ଷେତ୍ର ମାଧ୍ୟମରେ ଏକ ଜଟିଳ ପର୍ବତ ସଂରଚନାକୁ ସଂରକ୍ଷଣ କରେ ବୋଲି ବିଶ୍ୱାସ କରାଯାଏ। ଆଧୁନିକ ସମ୍ବଳ ପାଇଁ ଭୋକିଲା "ଶିକ୍ଷିତ" ଜନସଂଖ୍ୟା ପାଇଁ ଏହା ଅନ୍ଧ ବିଶ୍ୱାସ ହୋଇପାରେ, କିନ୍ତୁ ପ୍ରକୃତ କଥା ହେଉଛି ଏହି ବିଶ୍ୱାସ ବ୍ୟବସ୍ଥା ଆଜି ପର୍ଯ୍ୟନ୍ତ ହିମାଳୟ ଅଞ୍ଚଳକୁ ସୁରକ୍ଷା ଦେଇଆସୁଛି, ଯାହା ବର୍ତ୍ତମାନ ବିକାଶ ଦ୍ୱାରା ଧୀରେ ଧୀରେ ନଷ୍ଟ କରାଯାଉଛି। ବାସ୍ତବରେ ବିକାଶ କାହା ପାଇଁ? ମନୁଷ୍ୟ ପାଇଁ , କିନ୍ତୁ ଏହି ବିକାଶରେ ମନୁଷ୍ୟ ଏବଂ ପ୍ରକୃତିର ଯେଉଁ ସମ୍ପର୍କ ଯଦି ଏହା ନଷ୍ଟ ହୁଏ ତେବେ ଏହା ବିକାଶ ନୁହେଁ ବରଂ ବିନାଶ। ୨୦୧୩ ରେ କେଦାରନାଥ ବନ୍ୟା, ଜୋଶିମଠ ରେ ଥିବା ଘର ଏବଂ ହୋଟେଲରେ ଫାଟ ସୃଷ୍ଟି ହେବା ସହିତ ନରସିଂହ ମନ୍ଦିର ଇତ୍ୟାଦି ପାର୍ବତ୍ୟ ସମ୍ପଦର ଅନଭିଜ୍ଞ ଶୋଷଣ ଏବଂ ଅନ୍ଧା-ଧୁନ୍ଦ ନିର୍ମାଣ କାରଣରୁ ସୃଷ୍ଟି ହୋଇଛି। ତେବେ, ଆଜି ଦିଲ୍ଲୀର ସିଂହାସନରେ ବସିଥିବା ଲୋକମାନେ ଉତ୍ତରପ୍ରଦେଶର ଚାର ଧାମଙ୍କୁ ଜାତୀୟ ସ୍ତରରେ ଭୋଟ୍ ପାଇବାରେ ସାହାଯ୍ୟ କରୁଛନ୍ତି ଏବଂ ପାହାଡକୁ କର୍ପୋରେଟମାନଙ୍କ ପାଇଁ କ୍ଷୀର ଦେଉଥିବା ଗାଈ ଭାବରେ ଦେଖୁଛନ୍ତି, ପାହାଡର ଲୋକମାନେ ସେମାନଙ୍କ ଭାଗ୍ୟ ନିର୍ମାତାମାନଙ୍କ ସହିତ ଅଧିକ ସହାନୁଭୂତିର ଆଶା କରୁଛନ୍ତି, ଯେଉଁମାନେ ଏହି କ୍ଷେତ୍ରରେ ପ୍ରତ୍ୟେକ ବିପର୍ଯ୍ୟୟ ପାଇଁ କୌଣସି ପ୍ରକାରେ ଦାୟୀ ଅଟନ୍ତି। ହିମାଳୟ ସମ୍ପ୍ରଦାୟ ଜାଣନ୍ତି ଯେ ଚାର ଧାମ ଯାତ୍ରା ପାଇଁ ନିର୍ମାଣ ହେବାକୁ ଥିବା ଦେଶର ବହୁମୁଖୀ ରାଜପଥ, ରେଳ ନେଟୱାର୍କ, ହେଲିପ୍ୟାଡ୍ ଏବଂ ରାଜପଥ ହେଉଛି ସେମାନଙ୍କ ଉପରେ ଥୋପା ହୋଇଥିବା ବିକାଶ, ଯାହା ଶତାବ୍ଦୀର ପରିବେଶ ସନ୍ତୁଳନକୁ ବାଧା ଦେବ ଏବଂ ସ୍ଥାନୀୟ ଲୋକଙ୍କୁ ବିପଦ ସୃଷ୍ଟି କରିବ। ଭବିଷ୍ୟତରେ ସମ୍ପ୍ରଦାୟଗୁଡିକୁ ଆଗାମୀ ଶତାବ୍ଦୀ ଧରି ବିପର୍ଯ୍ୟୟର ଅନ୍ଧ ଟନେଲରେ ଠେଲି ଦେଇଛି। ଦିୱାଲୀ ଦିନରେ ମଧ୍ୟ ଟନେଲ ନିର୍ମାଣ କାର୍ଯ୍ୟ ଚାଲିଥିଲା - ହୋଲି, ଦିୱାଲୀ, ଇଦ୍, ଖ୍ରୀଷ୍ଟମାସ, ୧୫ ଅଗଷ୍ଟ ଏବଂ ୨୬ ଜାନୁଆରୀ ସାରା ଦେଶରେ ଛୁଟିଦିନ। ଏହି ଦିନ ଲୋକମାନେ ସରକାରୀ, ଅଣ-ସରକାରୀ ଏବଂ ଘରୋଇ କାର୍ଯ୍ୟକୁ ବନ୍ଦ କରି ଏହି ପର୍ବ ପାଳନ କରନ୍ତି। କିନ୍ତୁ ନୂତନ ଭାରତରେ ଟନେଲ ଭିତରେ ୪୧ ଜଣ ଶ୍ରମିକ ନିୟୋଜିତ ହୋଇଥିଲେ। ଏହା ଅତ୍ୟନ୍ତ ଅମାନବୀୟ ଏବଂ ଶ୍ରମ ନିୟମର ଉଲ୍ଲଂଘନ। ଆଶ୍ଚର୍ଯ୍ୟଜନକ କଥା ହେଉଛି ଭାରତ ସରକାରଙ୍କ ଜାତୀୟ ରାଜପଥ ମନ୍ତ୍ରଣାଳୟ ନିଜେ ଶ୍ରମ ଆଇନକୁ ଖଣ୍ଡନ କରିବାରେ ନିୟୋଜିତ ଅଛି। ବିପର୍ଯ୍ୟୟ ପରିଚାଳନାରେ କେନ୍ଦ୍ରୀୟ ଏଜେନ୍ସିଗୁଡିକର ଅଭିଜ୍ଞତା ନାହିଁ - ନଭେମ୍ବର ୧୨ ରେ ସୀଲକୟାରା - ବାରକୋଟ ଟନେଲ ଭୁଶୁଡ଼ିବା ପରେ ଏବଂ ୪୧ ଜଣ ଶ୍ରମିକ ଏଥିରେ ଫସି ରହିଲେ, ଉଦ୍ଧାର ପାଇଁ ସେଠାରେ ଅନେକ ଭାରତୀୟ ଏବଂ ବିଦେଶୀ ଏଜେନ୍ସି ନିୟୋଜିତ ହୋଇଥିଲେ। ଏହି ଘଟଣାର ତଦାରଖ କରିବାକୁ ଉକ୍ତ ସ୍ଥାନ ପରିଦର୍ଶନ କରିଥିବା ବ୍ୟକ୍ତିଙ୍କ ମଧ୍ୟରେ ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ପୁଷ୍କର ସିଂ ଧାମି, ସଡ଼କ ଓ ରାଜପଥ ମନ୍ତ୍ରୀ ନିତିନ ଗଡକରୀ ଏବଂ ରାଜ୍ୟ ଜେନେରାଲ (ଅବସରପ୍ରାପ୍ତ) ଭି.କେ. ସିଂ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ (ପିଏମଓ)ର ଡେପୁଟି ସେକ୍ରେଟେରୀ ଠାରୁ ଆରମ୍ଭ କରି ପ୍ରଧାନମନ୍ତ୍ରୀଙ୍କ ମୁଖ୍ୟ ସଚିବ ଡକ୍ଟର ପି.କେ ମିଶ୍ର ପ୍ରତ୍ୟେକ ଛୋଟ କିମ୍ବା ବଡ ପ୍ରଗତି ଉପରେ ନଜର ରଖିଥିଲେ। ଏଥିମଧ୍ୟରେ ଏନଡିଆରଏଫ, ଏସଡିଆରଏଫ, ବିଆରଓ, ଜାତୀୟ ରାଜପଥ ଏବଂ ଭିତ୍ତିଭୂମି ବିକାଶ ନିଗମ ଲିମିଟେଡ, ନବଯୁଗ, ତୈଳ ଏବଂ ପ୍ରାକୃତିକ ଗ୍ୟାସ ନିଗମ, ତେହେରୀ ହାଇଡ୍ରୋ ଡେଭଲପମେଣ୍ଟ କର୍ପୋରେସନ, ସତଲୁଜ ଜଳ ବିଦ୍ୟୁତ ନିଗମ, ରେଳ ବିକାଶ ନିଗମ ଲିମିଟେଡ, ଟ୍ରେଞ୍ଚଲେସ ଇଞ୍ଜିନିୟରିଂ ୱାର୍କସ ରହିଛି। ସେନା ଏବଂ ବାୟୁସେନା ଅଧିକାରୀ ଏବଂ ବିଶେଷଜ୍ଞମାନେ ମଧ୍ୟ ଏଥିରେ ସାମିଲ ହୋଇଥିଲେ। ପୋଲିସ୍ ଯେଉଁମାନେ ଘଣ୍ଟା ଘଣ୍ଟା ଜଗି ରହିଥିଲେ; ରୋଷେଇ କରୁଥିବା ବ୍ୟକ୍ତି ଯେଉଁମାନେ ଉଦ୍ଧାରକାରୀଙ୍କ ପାଇଁ ନିୟମିତ ଭୋଜନ ପ୍ରସ୍ତୁତ କରନ୍ତି; ଯନ୍ତ୍ରପାତିଗୁଡିକ ଠିକ୍ ସମୟରେ ପହଞ୍ଚିବା ପାଇଁ ଡ୍ରାଇଭରମାନେ ଓଭରଟାଇମ୍ କାମ କରିଥିଲେ। ଉଦ୍ଧାର କର୍ମଚାରୀମାନେ ଫଶି ରହିଥିବା ଶ୍ରମିକଙ୍କ ନିକଟରେ ପହଞ୍ଚିବା ପାଇଁ ଏକକାଳୀନ ପାଞ୍ଚଟି ଯୋଜନା ଉପରେ କାର୍ଯ୍ୟ କରୁଥିଲେ। ପ୍ରତ୍ୟେକଙ୍କୁ ବିଭିନ୍ନ ଏଜେନ୍ସି ଏବଂ ବିଭିନ୍ନ କୌଶଳ ଏବଂ ରଣନୀତି ସହିତ ବିଶେଷଜ୍ଞମାନେ ନିୟନ୍ତ୍ରଣ କରୁଥିଲେ। କିନ୍ତୁ ପ୍ରତ୍ୟେକ ବିଶେଷଜ୍ଞଙ୍କ ରଣନୀତି ଏକ ଫ୍ଲପ୍ ବୋଲି ପ୍ରମାଣିତ ହେଲା। ଏବଂ ଶେଷରେ ରେଟ୍ ହୋଲ୍ ଖଣିଗୁଡିକ (ଯାହା ଦେଶରେ ଆଇନ ଦ୍ୱାରା ନିଷେଧ) ନିୟୋଜିତ କରାଯାଇଥିଲା, ଏବଂ ସେତେବେଳେ ହିଁ ସଫଳତା ହାସଲ କରାଯାଇଥିଲା। ଏଭଳି ପରିସ୍ଥିତିରେ ପ୍ରଶ୍ନ ଉଠେ ଯେ ଦେଶର ସମସ୍ତ ଏଜେନ୍ସି ଏବଂ ବିପର୍ଯ୍ୟୟ ପରିଚାଳନା ବିଭାଗ କେବଳ ହାତୀର ଦାନ୍ତ, ଯାହା କେବଳ ଶୋ ପାଇଁ?

*ସୁଜନପୁର , ଯାଜପୁର*
*ଦୂରଭାଷ : ୯୩୪୮୭୬୮୮୧୨*


## ଧାରାବାହିକ ଉପନ୍ୟାସ

# ଦୋଷ ଦୃଶ୍ୟ



**କ୍ଷୀରୋଦ ଦାସ**

ଭାଗ-୨୪




(ପୂର୍ବପ୍ରକାଶ ଉତ୍ତାରୁ)

କଠିନ ହୋଇଗଲା ଇନିସ୍‌ପେକ୍ଟର ମୁହଁ। ସେ କହିଲେ- "ଯେଉଁ କଥାରେ ଆପଣ ଖୁସି ହେବା କଥା, ସେଥିରେ ଆପଣ କ୍ଷୁବ୍ଧ ହେଉଛନ୍ତି। ଆଶ୍ଚର୍ଯ୍ୟ! ଛାଡାନ୍ତୁ, ଆପଣ ଖୁସି ହେବେ କି ଦୁଃଖୀ, ତାହା ଆପଣଙ୍କର ବ୍ୟକ୍ତିଗତ ବ୍ୟାପାର। ଆପଣଙ୍କ ପ୍ରତି ମୋର ଗଭୀର ସମ୍ମାନବୋଧ ରହିଛି। ତା' ବୋଲି ଆପଣ ମୋତେ ଅସମ୍ମାନ କରିବେ!

: ଆଦୌ ନୁହେଁ! -କହିଲେ ଶୁଭକାନ୍ତ - "ଆପଣଙ୍କୁ ଅସମ୍ମାନିତ କରିବାର ଧୃଷ୍ଟତା ପୁଣି ମୁଁ ଥାନାରେ କରିବି! ଅସମ୍ଭବ। ମୁଁ କିନ୍ତୁ କିଛି କଥା ବୁଝିପାରିଲନି ବୋଲି ଆସିଲି ଏଠିକି।"

"ଯିଏ ପୀଡା ଦେଲା, ସେ ମୁକ୍ତି ପାଇ ଆନନ୍ଦରେ ବୁଲିଲା। କିନ୍ତୁ ଯିଏ ପୀଡା ଭୋଗିଲା, ତା' ପାଇଁ କି ବ୍ୟବସ୍ଥା ଅଛି ଆପଣଙ୍କ ଆଇନ୍ ପାଖରେ? ସେଇକଥା ଜାଣିବାକୁ ମୁଁ ଏଠାକୁ ଆସିଥିଲି। ମୁଁ ଜାଣେ ଏଭଳି ପ୍ରଶ୍ନର ଉତ୍ତର ନଥିବ ନିଶ୍ଚେ ଆପଣଙ୍କ ପାଖରେ...।"

ଇନିସ୍‌ପେକ୍ଟରଙ୍କ ପ୍ରତିକ୍ରିୟା ପ୍ରତି ଧ୍ୟାନ ନ ଦେଇ ଶୁଭକାନ୍ତ ସିଧା ଫେରିଆସିଲେ ତାଙ୍କ ଗାଡି ପାଖକୁ। ପ୍ରଦୀପ୍ତକୁ ଆଦେଶ ଦେଲେ୦ "ପାତ୍ରପୁର ଯିବା।"

: ସେଇଟା କୁଆଡେ? - ନିଜର ଅଜ୍ଞତା ପ୍ରକାଶ କଲା ପ୍ରଦୀପ୍ତ, ତାଙ୍କ ଡ୍ରାଇଭର।

ସାର୍ଟପକେଟ୍‌ରୁ କାଗଜ ଖଣ୍ଡେ ବାହାର କରି ଶୁଭକାନ୍ତ ପଢ଼ିଲେ ଏବଂ ଠିକଣା ବତାଇଲେ।

ସହରଠାରୁ ପ୍ରାୟ ତେତିଶ କିଲୋମିଟର ଦୂର ଆନନ୍ଦପୁର ବଜାର। ବଜାରରୁ ଡାହାଣହାତି ପାଖାପାଖି ଦୁଇ ଅଢ଼େଇ କିଲୋମିଟର ଗଲେ ପଡିବ ଯେଉଁ ଗାଁ, ପାତ୍ରପୁର ତା' ନାଁ।

ଅନାମଧେୟ ସେଇ ଗାଁ ଏବେ ଆଉ ଅପରିଚିତ ହୋଇ ରହି ନଥିଲା। ତାକୁ ସାରା ଦୁନିଆ ସହ ପରିଚିତ କରାଇ ଦେଇଥିଲା ସୁରେଖା ନାମ୍ନୀ ଝିଅଟିର ଦୁର୍ଦ୍ଦଶା। ତା'ର ଦୁର୍ଭାଗ୍ୟ।

ଆହା, ଦୁର୍ଭାଗ୍ୟର ବି ଏତେ କରାମତି! ସୌଭାଗ୍ୟ ମଣିଷକୁ ପରିଚିତ ଦିଏନା। ଦିଏ ସୁଖ, ଆତ୍ମକୈନ୍ଦ୍ରିକତା। ଯାହା ଆବଦ୍ଧ ହୋଇ ରହିଯାଏ କେବଳ ତାରି ଚାରିପାଖରେ। ଦୁର୍ଭାଗ୍ୟ ତାକୁ ନେଇ ଫୋପାଡି ଦିଏ ସର୍ବସମ୍ମୁଖରେ। ତା' ପାଇଁ ଲମ୍ବିଆସେ ସମବେଦନାର କେତେ କେତେ ଲମ୍ବା ହାତ। ଯେଉଁ ହାତରେ ଦୁର୍ଭାଗ୍ୟ ଭୋଗୁଥିବା ମଣିଷଟି ପାଇଁ କିଛି ହିଁ ନଥାଏ କେବଳ ହାତ ବଢ଼ାଉଥିବା ମଣିଷଟିର ନିକୃଷ୍ଟ, ହୀନ ସ୍ୱାର୍ଥ ବ୍ୟତୀତ!

ଏବେ ସେହି ଗାଁକୁ କେତେ ନେତା, ଅଫିସର, ସ୍ୱେଚ୍ଛାସେବୀ, ସମ୍ବାଦପତ୍ରର ସାମ୍ବାଦିକ ଏବଂ ଟି.ଭି. ବାଲାଙ୍କର ଲମ୍ବାଧାଡି ଲାଗିଯାଇଥିଲା। ଅତଏବ ଗାଁର ଲୋକମାନେ ଆଦୌ ଉତ୍ସାହ ଅନୁଭବ କଲେନାହିଁ ଡାକ୍ତର ଶୁଭକାନ୍ତଙ୍କର ଧୋବଫରଫର ହୋଣ୍ଡାସିଟି କାର୍ ଦେଖି।

ଖବରକାଗଜରେ ନାନା ଖବର ବାହାରୁଥିଲା ସୁରେଖାକୁ ନେଇ।

ବିରୋଧୀ ଦଳ ବାଲା ସେଠି ପହଞ୍ଚି ଯାଇଥିଲେ। ସୁରେଖାକକୁ ଦୁର୍ଦ୍ଦିନରେ ସେମାନେ ତା' ଚାରିପାଖରେ ପ୍ରାଚୀର ପରି ଠିଆ ହୋଇଛନ୍ତି ବୋଲି ଆଶ୍ୱାସନା ଦେଉଥିଲେ।

- "ଆଗାମୀ ବିଧାନସଭା ଅଧିବେଶନରେ ଏ ଘଟଣା ହିଁ ହେବ ମୁଖ୍ୟ ପ୍ରସଙ୍ଗ। ଝିଅ ବୋହୂ ମା' ଭଉଣୀମାନଙ୍କୁ ସୁରକ୍ଷା ଦେବାର ସମ୍ପୂର୍ଣ୍ଣ ବିଫଳ ଏ ଅପାରଗ ଓ ହିଞ୍ଜଡା ସରକାରର ଆଉ ଘଡିଏ ବି ଅଧିକାର ନାହିଁ କ୍ଷମତାରେ ରହିବା ପାଇଁ। ଏ ପ୍ରସଙ୍ଗ ରାଜରାସ୍ତାକୁ ଯିବ।

ରାଜ୍ୟର ପ୍ରମୁଖ ଖବରକାଗଜର ମୁଖ୍ୟ



ରିପୋର୍ଟର ପହଞ୍ଚି ଯାଇଥିଲେ କ୍ୟାମେରାମ୍ୟାନ୍ ସହିତ। ବିଭିନ୍ନ କୋଣରୁ ଉଠାଇଥିଲେ ମା', ଝିଅ ଓ ତାଙ୍କ ଘରର ଫଟୋ।

- "ହେଡ୍‌ଲାଇନ୍ ହେବ ଏ ସମ୍ବାଦ। ଭୂମିକମ୍ପ ସୃଷ୍ଟି କରିବ ସାରା ରାଜ୍ୟରେ। ଆମମାନଙ୍କ ଝିଅ ବୋହୂଙ୍କର କ'ଣ କିଛି ମାନସମ୍ମାନ, ଇଜ୍ଜତ ମହତ ନାହିଁ। ଗରିବ ହେଲୁ ବୋଲି କ'ଣ ଆମର ସମ୍ମାନ ସହ ବଞ୍ଚିବାର ଅଧିକାର ନାହିଁ। ଆଉ କେହି କିଛି ସ୍ୱର ଉତ୍ତୋଳନ କରନ୍ତୁ କି ନାହିଁ, ଆମ ଖବରକାଗଜ ଦୀର୍ଘ ଅର୍ଦ୍ଧଶତାବ୍ଦୀ ଧରି ସମାଜର ଦଳିତ, ନିଷ୍ପେଷିତ, ଅବହେଳିତ, ଶୋଷିତ, ଲାଞ୍ଛିତ ମଣିଷମାନଙ୍କ ସହିତ କାନ୍ଧରେ କାନ୍ଧ ମିଶାଇ ଠିଆହୋଇଛି। ସେମାନଙ୍କର ଦୁଃଖ ଦୁର୍ଦ୍ଦଶାକୁ ସରକାର ଓ ସମାଜ ସାମ୍ନାରେ ଉପସ୍ଥାପନ କରିଛି। ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭର ଭୂମିକା ନିର୍ବାହ କରିଆସିଛି ଅକ୍ଷରେ ଅକ୍ଷରେ। ଏତେ ବୀଭତ୍ସ କାଣ୍ଡ ଘଟାଇ ଦୋଷୀମାନେ ବେଲ୍‌ରେ ଆସି ବୁଲିଲେଣି ବାହାରେ। ଏଇ ଆମର ଆଇନ, କାନୁନ! ଯେତେଦିନ ପର୍ଯ୍ୟନ୍ତ ସୁରେଖା ପ୍ରଧାନକୁ ନ୍ୟାୟ ନ ମିଳିଛି, ସେପର୍ଯ୍ୟନ୍ତ ଜାରି ରହିବ ଆମର ଏ ଲଢ଼େଇ। କୁମ୍ଭକର୍ଣ୍ଣ ସରକାରର ନିଦ ହଜେଇଦେବୁ ଆମେ...।"

ଟି.ଭି. ବାଲା ଆସିଲେ। ଘର, ବାରି, ପୋଖରୀ, ଚାଳ ଉପରର କଖାରୁ ଡଙ୍କ, ଡାମରା କାଉ, ପ୍ରାକୃତିକ ଦୃଶ୍ୟ ଆଦିକୁ ରେକର୍ଡିଂ କଲେ। ଝିଅର ମା'କୁ କହିଲେ କ୍ୟାମେରା ସାମ୍ନାରେ ତୁମେ କାନ୍ଦ। ଯାହା କହିବା କଥା କାନ୍ଦି କାନ୍ଦି, ଲୁହଲାଳ ଏକାକାର କରି କୁହ। ପଣତରେ ଲୁହ ପୋଛ ଏବଂ କୁହ। ଦୁର୍ବଳ ପୋଲିସ୍ ଓ କୋର୍ଟ କଚେରି ପ୍ରତି ତୁମର ଆସ୍ଥା ନାହିଁ, ଏ ଘଟଣାର ସିବିଆଇ ତଦନ୍ତ ଦାବି କର। ଦୋଷୀମାନଙ୍କୁ ଫାଶୀଦଣ୍ଡ ମିଳୁ ବୋଲି ଡିମାଣ୍ଡ କର। ନ ହେଲେ ମା' ଝିଅ ଦୁହେଁ ମିଶି ମୁଖ୍ୟମନ୍ତ୍ରୀଙ୍କ ବାସଭବନ ଅବା ଲୋକସେବା ଭବନ ଆଗରେ ଆତ୍ମାହୁତି ଦେବୁ ବୋଲି ଧମକ ଦିଅ।

ଝିଅକୁ କହିଲେ- "ତୁମେ ଆଦୌ ଡରାନା। ଆମେ ତୁମ ଚାରିପାଖରେ ଅଛୁ ସୁରକ୍ଷା ବଳୟ ହୋଇ। ଚାରିଜଣ ବଳାତ୍କାରୀ ତୁମକୁ କେଉଁଠି, କିପରି ବଳାତ୍କାର କଲେ, କ୍ୟାମେରା ସାମ୍ନାରେ ନିର୍ଭୟରେ ଟିକିନିଖି କରି କୁହ। ସାରା ରାଜ୍ୟ ଦେଖୁ ତୁମକୁ। ଜାଣୁ ତୁମର ଦୁଃଖ ଓ ଦୁର୍ଭାଗ୍ୟକୁ। ସମବେଦନାର ବନ୍ୟା ବୋହିଯିବ ତୁମ ଉପରେ। ଏହାକୁ ଏକ ସାମୂହିକ ଦୁର୍ଘଟଣାରେ ପରିଣତ କରିଦେବୁ ଆମେ। ଏ ଲଢ଼େଇ କେବଳ ଏକା ତୁମର ନୁହେଁ, ଏହା ସମଗ୍ର ମାନବ ଜାତିର ସବୁ ଦୁଷ୍କର୍ମ ପୀଡିତାମାନଙ୍କର। ସବୁ ମା'-ଭଉଣୀ ମାନଙ୍କର..."

(କ୍ରମଶଃ)

## ନାରୀ

**ଇପ୍‌ସିତା ଷଡ଼ଙ୍ଗୀ**



ସେକେଣ୍ଡ କଣ୍ଟାର ଅସ୍ଥିରତା ପରି ମୁଁ, ନାରୀ
ପ୍ରତି ମୁହୂର୍ତ୍ତରେ ବଦଳୁଥାଏ ଭାଗ୍ୟ
ଆଉ କା'ର ଜବରଦଖଲରେ।

କାନ୍ଥରେ କଣା କରି
କଣ୍ଟା କଷି ଦେଇ ଗଲାଣି ବଢ଼େଇ
ମୋ ଦେହରେ, ମୋ ସମାଜ।

ନା ଏବେ କେହି ହଲେଇ ବି ପାରିବେନି।

ଦର୍ପଣ ପରି
ଠିଆ ହେଇଯାଏ ତମ ଆଗରେ
ପଢ଼ିବ ବୋଲି
ତମେ କହିବ କହିବ ହେଇ
କହିପାରୁନଥିବା ତୁମ ନିଜକୁ?

ଲୁହ ଗଡୁଥିବାବେଳେ ଆଖିର ଠିକ୍ ତଳକୁ
ଯାଏ , ଠିଆ ହେଇଯାଏ
ପଥର ପରି
ଧୀର ଲୁହରେ କଟି କଟି ଯାଏ ମୁଁ
ଅକ୍ଷତ ଥାଉ ତୁମ ବକ୍ଷତଳ ମନ।

ସାରା କାଳ
ସଫା କରୁଥାଏ ଘରକୁ ମୋର
ଝାଡୁଥାଏ ବାରମ୍ବାର ବାରମ୍ବାର
କ୍ଷତ ସିଲଉଥାଏ
ଅଯଥା କାଗଜ ଖାତା ପରି
ବତରୁଥାଏ
ଝାଲୁଆ ବାସ୍ନାରେ
ଦହଗଞ୍ଜର।

ଓହ୍ଲାଉଥାଏ, ପିନ୍ଧୁଥାଏ
ବାଧ୍ୟବାଧକତାରେ ଦେହକୁ କଣା କରି
ପିନ୍ଧିଥିବା ଅଳଙ୍କାରର ଅପମାନ।

ନିଜକୁ , ନିଜ ସହ ସାମ୍ନାସାମ୍ନିରୁ
ଦୂରେଇନେବା ପାଇଁ କି କ'ଣ!
ଲଢୁଥାଏ ନିଜ ଟାଣପଣ ସହ
କାଳେ କେତେବେଳେ

କିଏ ଖୋଲିଦେବ ଆଉ ଦେଖିନେବ
ମୁହଁର ଆବରଣ ତଳେ
ପଚାଫଳ ପରି ଝୁଲୁଥିବା ମନଟିକୁ ମୋର!


ଦର୍ପଣ ସାମ୍ନାରେ ଠିଆ ହେଇଗଲେ
ସାଉଁଟା ସମୟର ଦୁର୍ବିଷହ
ଯୁଗଯୁଗର ଯନ୍ତ୍ରଣାର ପରଦା ଆଗରେ।
ନା! ମୁଁ ବି ଆଉ ଭେଟିବାକୁ ଚାହେଁନି
କାହା ଆଖି-ତୂଳୀ ଆଉ ରଙ୍ଗରେ
ଅଙ୍କାଯାଇଥିବା ତା ନାରୀଭାବର ଚେହେରା।

ଏବେ ଏଇ ମୁକ୍ତି ଶତଦଳ ଅନ୍ୱେଷାରେ ମୁଁ
ବାରମ୍ବାର ବାରମ୍ବାର।

*ଅଧ୍ୟାପିକା, ଇଂରାଜୀ ବିଭାଗ*
*ଏ-୩୦୩, ପଣ୍ଡା ରେସିଡେନ୍ସି*
*ବିଜେଇଏମ୍ ସ୍କୁଲ-୨ ପାଖ*
*ସତ୍ୟଭାମାପୁର, ଭୁବନେଶ୍ୱର*
*ଦୂରଭାଷ: ୯୯୩୮୩୭୦୨୮୯*



## ଅନୁଭବ



**ସୁଧାଂଶୁ ଦ୍ୱିବେଦୀ**

ସଞ୍ଜ ଧୀରେ ଧୀରେ ଢ଼ଳେ
ସୂର୍ଯ୍ୟ ଧୀରେ ଧୀରେ ଉଏଁ
ଲକ୍ଷ୍ୟ ସେବେ ପ୍ରାପ୍ତ ହୁଏ
ଯେବେ ବୀଜ ଅଙ୍କୁରିତ ହୁଏ।
ଅଙ୍କୁରିତ ବୀଜ ଧୀରେ ଧୀରେ
ଫସଲର ରୂପ ନିଏ
ଗୁରୁ ଗୁରୁଜନଙ୍କ ଜ୍ଞାନ ଦିନେ
ଆଶୀର୍ବାଦ ହୋଇଯାଏ।
ମନୁଷ୍ୟକୁ ବିଳମ୍ବ ଲାଗେନି
ଦିନେ ସେ ଲକ୍ଷ୍ୟରେ ପହଞ୍ଚେ

ଯିଏ ଅଟଳ ରହେ
ଲକ୍ଷ୍ୟ ତା' ପାଦକୁ ଚୁମେ।
ଧୀରେ ଧୀରେ ପ୍ରହାର କଲେ
ସୁନା ବି ଚମକି ଉଠେ
ଯାହାକୁ ଲକ୍ଷ୍ୟ ପାଇବାର ଅଛି
ନିରନ୍ତର ଆଗକୁ ବଢେ।
ପରିସ୍ଥିତି ପ୍ରତି ପ୍ରହାର କଲେ
ବିଜୟ ନିଶ୍ଚିତ ମିଳେ
ନିଜ ଅନୁଭବରେ ମନୁଷ୍ୟ
ବହୁତ କିଛି ଶିଖେ।

*ବିସି-୭୪, ସଲଟ ଲେକ, କଲକାତା-୬୪*
*ମୋ-୯୬୮୧୩୭୩୫୧୨*

## ଦିଅହେ ଠାକୁରେ ଶକ୍ତି

**ବିଜୟଲକ୍ଷ୍ମୀ ଦାସ**



ଦୁଃଖଯଦି ଦେଲ ଦୁଃଖସହିବାକୁ
ଦିଅହେ ଠାକୁରେ ଶକ୍ତି।
ଲୁହଯଦି ଦେଲ ଲୁହପୋଛିବାକୁ
ତୁମେହୁଅ ମୋର ସାଥୀ।
ଦୁଃଖଯଦି।

ଜୀବନ ଜଞ୍ଜାଳ ପାଦଟଳମଳ
ବିଷାଦ ରହିଛି ଘେରି।
ବଚିଂବାଟା ମୋତେ ଉପହାସକରେ
ହସିବାଟା ଯାଏ ମରି।
ଆହେଦୟାମୟ ମଙ୍ଗଳଆଳୟ
ମନଖୋଜେ ତୁମପ୍ରିତୀ।
ଦୁଃଖ।

ଜୀବନକୁ ମୋରଧନ୍ୟ କରିଅଛ
ଦେଖୁଛି ତୁମକୁ ନିତି।
ଭକତି ଦଉଡି ଧରିଥାଉଭିଡି
ପାଇବି ଜୀବନେ ଶାନ୍ତି।
କରୁଣା ସାଗର ନକରିବ ପର
ଚରଣେ ଢାଳେ ପ୍ରଣତି।
ଦୁଃଖଯଦି।

*ଅବସରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ*
*ପୋଖରୀପୁଟ, ଭୁବନେଶ୍ୱର*

## ପ୍ରତ୍ୟାଶିତ ସଂସ୍କାର

**ଅନସୂୟା ପଣ୍ଡା**





ବିଜୁଳି ଘଡଘଡି ସାଙ୍ଗକୁ ବର୍ଷା ଯେମିତି ଆକାଶ ଫଟେଇ ଢାଳୁଥାଏ। ପୁରା ଅନ୍ଧାର କରିଛି, ଲାଗୁଛି ଯେମିତି ସଞ୍ଜ ହେଇଗଲାଣି। ସରିତା ଘରର ସବୁ ଝରକା ଦେଇ ଘଣ୍ଟାକୁ ଚାହିଁଲା। ଏବେ ଅପରାହ୍ଣ ଚାରିଟା ମାତ୍ର। ଏବେ ମେଘ ଛାଡିବାର ନାହିଁ। ହେଲେ ମନଟା କେମିତି ଛାନିଆଁ ହେଉଛି। ଅସ୍ଥିର ଲାଗୁଛି। ଝିଅ ନିଶିକୁ ଫୋନ୍ କରିକରି ଥକିଲାଣି। ସ୍ୱାମୀ ରବିର ଫୋନ୍ ବନ୍ଦ ଅଛି ବୋଲି କହୁଛି। ଟିକେ ବାଡି କବାଟ ଖୋଲି ଦେଖୁଛି ବାହାରକୁ। ଭୟଙ୍କର ରୂପ ବର୍ଷାର, ତା ସାଙ୍ଗକୁ ପବନ। ପୁଣି ଘରେ ଏପଟ ସେପଟ ହେଉଛି। ଗୋଡ ବି କ'ଣ ହେଇଗଲାଣି। ଆଜିକାଲି ଏ ସୁଗାର ହେଇ ଦେହ ଭାରି ହାଲିଆ ଲାଗୁଛି। ସୁଗାର ଯେମିତି ଦେହକୁ ଆତଙ୍କିତ କରି ରଖିଛି ,ସମୟ ବି ସେମିତି ଆତଙ୍କିତ କରୁଛି। ବସି ପଡିଲା ଚେୟାରରେ। ମନ ଗୋଳେଇ ଘାଣ୍ଟି ହେଉଛି ନକାରାତ୍ମକ ଭାବନାରେ। ଆଉ ଭଲରେ ଦିଶୁନି। ଅନ୍ଧାର ଘନେଇ ଆସିଲାଣି, ବାହାରେ ଆଉ ଭିତରେ। ଚାର୍ଜ ଟର୍ଚ୍ଚଟିଏ ଆଣିଥିଲା ରବି। ବେଳ ଅବେଳରେ ଭାରି ଦରକାରରେ ଆସେ। ଲାଇନ୍ ପଳେଇଗଲେ ପିଲା ପଢନ୍ତି ସେଥିରେ। ଗାଁରେ ବିଜୁଳି କଥା ନ କହିଲେ ଭଲ। ପବନ ମେଘ ଟିକେ ହେଇଥିବ କି ନାହିଁ ଲାଇନ୍ ଚମ୍ପଟ। ଆସିବ ଖୁବ୍ ବିଳମ୍ବରେ। ଆଜି ତ ଯେମିତି ସାତ ମେଘ ଏକାଠି ହେଇଛି। ମନର ବ୍ୟସ୍ତତା ସାଙ୍ଗକୁ ଏ ମେଘର ପ୍ରକୋପ ଆହୁରି ଡରୋଉଥାଏ। ଘଣ୍ଟାକୁ ଚାହିଁଲା ସରିତା ସନ୍ଧ୍ୟା ଛଅଟା ହେଲାଣି। ପୁଅଟା ସ୍କୁଲରୁ ଫେରି ସଜ ପଖାଳ ଗଣ୍ଡେ ଖାଇ କ'ଣ ଲେଖୁଥିଲା। ଠାକୁରଙ୍କ ଫଟୋ ଆଗରେ ସନ୍ଧ୍ୟା ଦୀପ ଜାଳି ଦେଇ ପୁଅକୁ ଡିବିରି ଜଳେଇ ବସେଇଦେଲା। ଟର୍ଚ୍ଚ ନେଇ ବାହାରିଲା ରବି ପାଖକୁ। ଗାଁର ଶେଷ ମୁଣ୍ଡରେ ପକେଇଛି ସେ ଖଣ୍ଡିଏ କେବିନ। ସେଇଥିରେ ସେ ଚାହା, ପାନ, ବିସ୍କୁଟ, ପେନ, ପେନ୍ସିଲ, ଖାତା ଆଦି ହରେକ ଜିନିଷର ମିଶାମିଶି ଦୋକାନଟିଏ ଦେଇଥାଏ। ଆଖ ପାଖର ଲୋକମାନେ ଛୋଟ ମୋଟ ଜିନିଷ ଏଇଠୁ ନେଇ ଚଳେଇଦିଅନ୍ତି।

ଦୋକାନ ପାଖରେ ପହଞ୍ଚିଲା ବେଳକୁ ସାତଟା ହେବାକୁ ବସିଲାଣି। ତାକୁ ବର୍ଷା କି ଅନ୍ଧାର କିଛି ପ୍ରତିବନ୍ଧକ ଲାଗିଲାନି। ମାଆ ମନ ଭାରି ଅମାନିଆ। ତା ଗଳାର ମାଳି ନିଶି ଆଗରେ ନିଜ ଜୀବନ ତୁଚ୍ଛ। ବର୍ଷା ଟିକେ ଥମିଲାଣି। କିନ୍ତୁ ପୁରା କମିନି। ବ୍ୟସ୍ତ ହେଇ ରବିକୁ କହିଲା, "ନିଶି ଏପର୍ଯ୍ୟନ୍ତ ଘରକୁ ଫେରିନି। ଫୋନ୍ ଲାଗୁନି। ମୋ ମନ କିଛି ମାନିଲାନି। ଛୁଆଟା ଏତେ ବର୍ଷାରେ କେଉଁଠି ଅଟକିଲା କି କିଛି ଅସୁବିଧାରେ ପଡିଲା!"ତୁମେ ଆଉ ଡେରି କରନା ଯା ଛୁଆଟାକୁ ଟିକେ ଦେଖ।

ମନରେ ନିଶି ପାଇଁ ଅସୁମାରି ସ୍ୱପ୍ନ ଦୁହିଁଙ୍କର। ପର ଜମିରେ ଭାଗ ଚାଷ କରି କଷ୍ଟେମଷ୍ଟେ ଚଳିଯାଆନ୍ତି। ଆଉ ଏ ଦୋକାନଟିରୁ ଯାହା ବାହାରେ, କିସ୍ତିକିସ୍ତି କରି ରଖନ୍ତି ଝିଅର ପଢା ପାଇଁ। ସରିତା ସବୁବେଳେ କହେ ଯେମିତି ହେଉ ମୋ ଝିଅ ପଢି ନିଜ ଗୋଡରେ ନିଜେ ଠିଆ ହେବ। ରବି କହେ ମୋ ଝିଅ ଲ' ପଢି ଜଜ୍ ହେବ। ଦାଶ ଘର ବଡଝିଅ ଯେମିତି ହୋଇଛି। ସେ ଭଲ ଗାଡିରେ ଯାଏ ଓ ଆସେ। ତାକୁ ଦେଖିଲେ ମତେ ଭାରି ଗର୍ବ ଲାଗେ। ମୋ ଝିଅ ସେମିତି ହେଲେ ମୋ ଛାତି କୁଣ୍ଢେମୋଟ ହେଇଯିବ। ସରିତା କହେ ମୁଁ ଜାଣିଛି ତୁମ ଝିଅ ତୁମ ଇଚ୍ଛାରେ ନିଶ୍ଚୟ ରଙ୍ଗ ଭରିବ। ନିଶି ପାଟିରୁ ଯାହା ବାହାରେ ଆପ୍ରାଣ ଉଦ୍ୟମ ଚାଲେ ପୂରଣ କରିବା ପାଇଁ। ସେ ବି ନିହାତି ଆବଶ୍ୟକ ଛଡା ଅଯଥା ଜିନିଷ ମାଗେନି। ପୁରୁଣା ମୋବାଇଲ ଶସ୍ତାରେ କିଣିଥିଲା ଜଣକଠାରୁ। ଏଇ ପିଲାଙ୍କର ଖବର ଜାଣିବାକୁ। ସେଥିରେ ବେଶି ସମୟ ଚାର୍ଜ ରହୁନି। ଏ ମହଙ୍ଗା ଯୁଗରେ ବଡ ସ୍ମାର୍ଟ ଫୋନ କିଣିବା ତା ପାଇଁ କଷ୍ଟ। ରାତିର ଅନ୍ଧାର ଧୀରେ ଧୀରେ ମାଡିବସିଲାଣି ଦୁହିଙ୍କୁ। ଆଗ ଯାଇ ଝିଅକୁ ଖୋଜେ। ମନ ଭିତରେ କେତେ କ'ଣ ଭାବିଭାବି ଅନ୍ଧାରରେ ରବି ସାଇକେଲଟି ଧରି ଗଲା। ଆଉ କିଛି ଉପାୟ ନାହିଁ। ସରିତା ଘରକୁ ଫେରିଆସିଲା। ଘରଠାରୁ ଆଠ କିଲୋମିଟର ଦୂରରେ ନିଶିର କଲେଜ। ସେଇଠି ଥାଏ କମ୍ ଦୂରରେ ବଜାରଟିଏ। ଝଡ ବର୍ଷାରେ ବଜାରର ଅନେକ ଜାଗା ଅନ୍ଧାର। ଅଥବା କଥବା ଦୋକାନ ଇନଭର୍ଟରରେ ଚାଲୁଛି। ପ୍ରତି ଦୋକାନ ପାଖକୁ ଯାଇ ଦେଖୁଥାଏ କାଳେ କେଉଁଠି ନିଶି ଅପେକ୍ଷା କରିଥିବ। ହେଲେ ସବୁଠୁ ନିରାଶ ହୋଇ ଫେରୁଥାଏ। ସେତେବେଳକୁ ରାତି ନଅଟା ହେଲାଣି। ଅନ୍ଧାର ଓ ବର୍ଷା ଲାଗି ଲୋକଙ୍କର ଗହଳ ଚହଳ ନ ଥାଏ। ବେଶି ଶୂନଶାନ୍ ଲାଗୁଥାଏ ବଜାର। ରବି କ'ଣ କରିବ କିଛି ଜାଣି ପାରୁ ନ ଥାଏ। ଦଶଟା ବେଳକୁ ମୁହଁ ଲଟକେଇ ଆସି ଘରେ ପହଞ୍ଚିଲା। ସରିତା ଡିବିଟିଏ ଜାଳି ସେମିତି ବସିଥାଏ। କିଛି କରି ଖାଇବାର ଆଗ୍ରହ ମନରେ ନଥାଏ। ପୁଅକୁ ଚୁଡା ଧୋଇ ଖାଇବାକୁ ଦେଇଦେଲା। ଦୁହେଁ ପାଣିରୁ ମୁନ୍ଦେ ଲେଖେ ପିଇ ଶୋଇବାକୁ ଗଲେ। ନିଦ କେମିତି ହେବ। ସରିତା ସେମିତି ଧକେଇ ଧକେଇ କାନ୍ଦୁଛି । ରବି ଗୁମ୍ ମାରି ବସୁଛି, ପୁଣି ଟିକେ ଗଡୁଛି। ରାତି ଏତେ ଲମ୍ବା ଲାଗୁଛି ଯେ ଯେମିତି ସରିବାର ନାଁ ଧରୁନି।

ସବୁ ଦିନ ଶୋଇବାକୁ ଗଲେ ନିଶି ବାପା ମାଆଙ୍କ ମଝିରେ ଶୋଇ କଲେଜରେ କ'ଣ ହେଲା, କିଏ କ'ଣ କହିଲା ଶୋଇ ଗପେ। ସବୁ କଥା ନ ସରିଲେ ଯେମିତି ତାକୁ ନିଦ ହୁଏନି। କେଉଁ ସାର୍ ତା'କୁ କ'ଣ କହିଲେ, କିଏ କମେଣ୍ଟ ମାରିଲା ଇତ୍ୟାଦି ଇତ୍ୟାଦି। ଆଜି ରାତିରେ ତାର ଅନୁପସ୍ଥିତି ସହ ଆଶଙ୍କା ଓ ଭୟ ମିଶି କେମିତି ଅସ୍ଥିର କରୁଛି।

ପରଦିନ କୁଆ କାଆ କହିଲା ପୂର୍ବରୁ, ଦୁହେଁ ଉଠି ନୀରବରେ ବସିଛନ୍ତି। ସରିତା ଦାନ୍ତ ଘଷି ଚୂଲିରେ ଚାହା ଟିକେ ବସେଇଲା। ମନେମନେ ଗାଳି ଦେଉଥିଲା ଏ ବଦଭ୍ୟାସକୁ। କାଲିଠାରୁ ଚାହା ଟିକେ ପିଇନି ଯେ ମୁଣ୍ଡ ବିନ୍ଧିବା ଆରମ୍ଭ ହେଲାଣି। ତା'ରି ଭିତରେ କେତେ ଠାକୁରଙ୍କୁ ଡାକି ଚାଲିଥାଏ। ଚାହା ଟିକେ ମୁଢି ପକେଇ ପିଇଦେଇ ବାହାରିଲା ରବି ପୁଲିସ ଷ୍ଟେସନ୍। ନିଶିର ନିଖୋଜ ଏତଲା ଦେବ। ପାପ କଥା ସବୁ ପଶି, ସରିତାର ମନ ବିକଳ ହେଉଥାଏ। ଗୋଡହାତ ଅବଶ ଲାଗୁଥାଏ। ସତେରେ ଯେମିତି ନିର୍ଜୀବ ଦେହଟା ଅଛି କିନ୍ତୁ ଆତ୍ମା ଅନ୍ତର୍ଦ୍ଧାନ।

ରବି ଫେରିନି। ସରିତା ସେମିତି ମୁଣ୍ଡରେ ହାତ ଦେଇ ବସିଛି ପଥର ପରି। ଅନବରତ ଆଖିରୁ ଲୁହ ବୋହିଚାଲିଛି। ସୁନେଲି ମେଘୁଆ ଖରା ବିଛେଇ ହୋଇପଡିଛି। ଦୁଃଖ ପରେ ଯେମିତି ସୁଖ ଆସେ, ଠିକ୍ ସେମିତି ନିରବତାକୁ ଭାଙ୍ଗି ନିଶି ଦାଣ୍ଡରୁ 'ମାଆ' 'ମାଆ' ଡାକ ଛାଡିଲା। ସରିତା ଦଉଡିଯାଇ ଝିଅକୁ କୁଣ୍ଢେଇ ପକେଇଲା ଓ ଆତ୍ମତୃପ୍ତିରେ କହିଲା "ଓହୋ ମୋର ଜୀବନ ପଶିଲା।" ତା' ପରେ ପଚାରିଲା, "ରାତିରେ କୁଆଡେ ରହିଗଲୁରେ ମାଆ? ବାପା କେତେ ଅସ୍ଥିର ହେବେ ଭାବିଲୁନି! ଫୋନ୍ ବି କରିଥାଆନ୍ତୁ ହେଲେ। ବାପା ରାତି ଦଶଟାରେ ଖୋଜିଖୋଜି ଫେରିଆସିଲେ। ଆଜି ସକାଳୁ ଯାଇଛନ୍ତି ଥାନାରେ ଜଣାଇବାକୁ।"

ନିଶି ଆଗ ବାପାଙ୍କୁ ଫୋନ୍ କଲା ଫେରି ଆସିବା ପାଇଁ। କହିବାକୁ ଲାଗିଲା, "ମୁଁ ଫୋନ୍ କରିଥାଆନ୍ତି କିପରି! ଫୋନ୍ ଚାର୍ଜ ସରିଗଲା। ମୁଁ ପରା ତୁମମାନଙ୍କ ସଂସ୍କାରରେ ଚାଲିଛି। ମୋ ଉପରେ କ'ଣ ଏତିକି ବିଶ୍ୱାସ ନାହିଁ! କାଲି ଜୋର୍ ଝଡ ବର୍ଷା ଆରମ୍ଭ ବେଳେ ମୁଁ ଶୀଘ୍ର ଶୀଘ୍ର ଚାଲି ଅଟୋ ପାଖକୁ ଆସୁଥାଏ। ଏତିକି ବେଳେ ଜଣେ ବୁଢାଲୋକ କୁଆଡେ ଯାଉଥିଲେ। ହଠାତ ସେ ଅପ୍ରତ୍ୟାଶିତ ଭାବେ ମୋ ଆଖି ଆଗରେ ରାସ୍ତା ଉପରେ ପଡିଗଲେ। କେହି ଆସିଲେନି ତାଙ୍କ ସହାୟତା ପାଇଁ। ବର୍ଷା ପବନ ଘଡଘଡିରେ ଯିଏ ଯାହାର ଆଶ୍ରୟସ୍ଥଳୀ ଦେଖି ରହିଗଲେ। ମୋ ବିବେକ ମତେ ପଳେଇ ଆସିବାକୁ ସମ୍ମତି ଦେଲାନି। ପରୋପକାରାୟ ସ୍ୱର୍ଗାୟ। ସେବା ମଣିଷର ସୁବର୍ଣ୍ଣ ଆଦର୍ଶ। ଏହି ବିଶ୍ୱାସବୋଧରେ, ତାଙ୍କୁ ଅଟୋରେ ନେଇ ଡାକ୍ତରଖାନାକୁ ଗଲି। ରାତିରେ ଚିକିତ୍ସା ପରେ ତାଙ୍କର ଚେତା ଫେରିଲାରୁ, ସେ ଘର ଆଡ୍ରେସ୍ ଦେଲେ। ତାଙ୍କ ଘର ଲୋକଙ୍କୁ ଡକା ହେବାରୁ ମୁଁ ସେଠାରୁ ଆସିପାରିଲି। ବିଚରା ତାଙ୍କର ବିପି ବଢି ବ୍ରେନଷ୍ଟ୍ରୋକ୍ ହେଇଯାଇଥିଲା। ମୁଁ ଜାଣିଛି କାଲି ରାତିଟା ମୋ ବିନା ତୁମର କେମିତି କଟିଥିବ! ତଥାପି ନିଜ ସଂସ୍କାର ଉପରେ ବିଶ୍ୱାସ ଓ ଭରସା କରିବା ଶିଖ। ଆମେ ପରା ନିଃସ୍ୱାର୍ଥ ମାନବ ସେବାର ଉଜ୍ଜ୍ୱଳ ଦୃଷ୍ଟାନ୍ତ ଗୋପବନ୍ଧୁଙ୍କ ମାଟିର ପିଲା।"

*କ୍ୟୁଆର-୫ଆର/୧, ବୁର୍ଲା,*
*ସମ୍ବଲପୁର-୭୬୮୦୧୮*
*ଦୂରଭାଷ : ୯୪୩୯୨୧୧୯୭୧*




# ଆଜିବି ରହିଛି ଚକ୍ରରାଜ ସୁଦର୍ଶନଙ୍କ ଗ୍ରାମ 'ଚକ୍ରପଡା'

**ଅସ୍ତରଙ୍ଗ :** ଭାରତ ବର୍ଷ ଆଧାତ୍ମିକ ଲୀଳା କେନ୍ଦ୍ରସ୍ଥଳୀ, ସେଥିମଧ୍ୟରୁ ଉତ୍କଳ ରାଜ୍ୟ ବା ବର୍ତ୍ତମାନର ଓଡିଶା। ଏହା ହେଉଛି କଳିଯୁଗର ଲୀଳା ଭୂମି। ଯେଉଁଠି ମହାପ୍ରଭୁ ଜଗନ୍ନାଥଙ୍କ ଲୀଳା ଚାଲିଛି। ଏହି ଉତ୍କଳର ଉତ୍ତର ପଶ୍ଚିମ ତଟରେ ପ୍ରବାହିତ ହେଉଛି ପବିତ୍ର ପ୍ରାଚୀ। ଏହି ପ୍ରାଚୀ ବଙ୍ଗୋପ ସାଗରରେ ମିଶି ସୃଷ୍ଟି କରିଛି ଅପୂର୍ବ ମିଳନ ସ୍ଥଳ। ଦ୍ୱାପର ଯୁଗ ଅନ୍ତରେ ଯଦୁବଂଶ ଲୋପ ପାଇଛି। କିନ୍ତୁ ଭଗବାନ କୃଷ୍ଣଙ୍କ ପୁତ୍ର ପ୍ରଦ୍ୟୁମ୍ନ ଏତେ ଶକ୍ତିଶାଳୀ ହୋଇଥିଲେ ତାଙ୍କର ମୃତ୍ୟୁ ଅସମ୍ଭବ ହୋଇଥିଲା। ସମସ୍ତ ଯଦୁବଂଶକୁ ବିଲୁପ୍ତ କରିବାକୁ ଭଗବାନ ଶ୍ରୀକୃଷ୍ଣ ସୁଦର୍ଶନ ଚକ୍ରଙ୍କୁ ଆଜ୍ଞା ପ୍ରଦାନ କରିଥିଲେ। ପୁତ୍ର ପ୍ରଦ୍ୟୁମ୍ନଙ୍କର ଶିର କାଟିବାକୁ। ସୁଦର୍ଶନ ପ୍ରଭୁଙ୍କ ଆଜ୍ଞାରେ ଯାଇ ପ୍ରଦ୍ୟୁମ୍ନଙ୍କ ଶିର ଛେଦନ କରିଥିଲେ। କିନ୍ତୁ ଏହି କାର୍ଯ୍ୟ ଏକ ପ୍ରକାର ମହାପାପ ବୋଲି ସୁଦର୍ଶନ ହୃଦୟଙ୍ଗମ କରିଥିଲେ। ଆଉ ପ୍ରାୟଶ୍ଚିତ ପାଇଁ ପ୍ରାଚୀରେ ମହାସ୍ନାନ କରିବାକୁ ଆସିଥିଲେ। ଚକ୍ରର ଘୁର୍ଣ୍ଣନ ଶକ୍ତି ଏତେ ଅଧିକ ଥିଲା, ପ୍ରାଚୀର ଏକ ତଟରେ ଚକ୍ର ଦଣ୍ଡାୟମାନ କରିଥିବା ସମୟରେ ଚକ୍ରର ପୂର୍ବ ଭାଗର କିଛି ପରିଧି ଅଂଶ ଅସ୍ତରଙ୍ଗର ଏକ ସ୍ଥାନରେ ବିଛାଡି ହୋଇ ପଡିଥିଲା। ଯେଉଁଠି ପ୍ରାଚୀ ତଟରେ ଏହା ବିଶ୍ରାମ କରିଥିଲା। ସେହି ସ୍ଥାନଟି ଆଜି ଚକିଆମଠ ରୂପେ ରହିଛି। ଆଉ ସେହି ସ୍ଥାନରେ ପଞ୍ଚସଖାଙ୍କ ମଧ୍ୟରୁ ଜଗନ୍ନାଥ ଦାସ ବିଶ୍ରାମ କରିଥିବାର କିମ୍ବଦନ୍ତୀ ରହିଛି। ଅସ୍ତରଙ୍ଗର ଯେଉଁ ସ୍ଥାନରେ ଚକ୍ରର ପରିଧି ଗୁଡିକର ଅଂଶ ପଡିଥିଲା, ତାହା ବର୍ତ୍ତମାନ ଅସ୍ତରଙ୍ଗ ବ୍ଲକ ମାଣ୍ଡୁକି ପଞ୍ଚାୟତ ଚକ୍ରପଡା ଗ୍ରାମ ନାମରେ ଜଣାଯାଇଛି। ସେହି ଗ୍ରାମରେ ରାଜବଂଶର କିଛି ସଂକେତ ଆଜିବି ଦେଖିବାକୁ ମିଳେ। ପ୍ରାଚୀ ମାହାତ୍ମ୍ୟ, ପଞ୍ଚସଖାଙ୍କ ସାହିତ୍ୟରେ ଏହି ବାବଦରେ କିଛି ରହସ୍ୟ ମଧ୍ୟ ଇତିହାସ ରହିଛି। ଐତିହାସିକ, ପ୍ରାଚୀ ଗବେଷକ ମାନେ ଏହି ପୁରାଣ ସମ୍ବନ୍ଧୀୟ ତଥ୍ୟ ଅଞ୍ଚଳର ପୁନଃଉଦ୍ଧାର କରିବାକୁ ନିବେଦନ କରିଛନ୍ତି।





# ନୂତନ ପଞ୍ଚାୟତ କାର୍ଯ୍ୟାଳୟ ଗୃହ ରାଷ୍ଟ୍ରମନ୍ତ୍ରୀଙ୍କ ଦ୍ୱାରା ଉଦ୍‌ଘାଟିତ

**ଅସ୍ତରଙ୍ଗ :** ଅସ୍ତରଙ୍ଗ ବ୍ଲକରେ ପୂର୍ବରୁ ୧୪ ଗୋଟି ପଞ୍ଚାୟତ ଥିଲା। ଗତ ପଞ୍ଚାୟତ ନିର୍ବାଚନ ବେଳେ ପଞ୍ଚାୟତ ପୁନର୍ଗଠନ ହେବା ଦ୍ୱାରା ନୂଆଗଡ ଗ୍ରାମପଞ୍ଚାୟତ ବ୍ଲକରେ ସବୁଠୁ ବଡ ତଥା ଜନସଂଖ୍ୟାରେ ଅଧିକ ଥିବାରୁ ସେହି ପଞ୍ଚାୟତର ଅଧିବାସୀ ସରକାରଙ୍କ ମୌଳିକ ସମସ୍ୟା ସଙ୍କୁଚିତ ହେଉଥିବା ଦେଖି ତତ୍‌କାଳୀନ ବ୍ଲକ ଅଧକ୍ଷ ସ୍ୱାଧୀନ କୁମାର ନାୟକ ହସ୍ତକ୍ଷେପ ପରେ ପଞ୍ଚାୟତକୁ ଭାଙ୍ଗି ନୂତନ ଭାବେ ଝାଡ଼ଲିଙ୍ଗ ପଞ୍ଚାୟତ କରାଗଲା। ସେହି ପଞ୍ଚାୟତର ନୂତନ କାର୍ଯାଳୟ ଗୃହକୁ ମୁଖ୍ୟଅତିଥି ଭାବେ ଗୃହରାଷ୍ଟ୍ର ମନ୍ତ୍ରୀ ତୁଷାରକାନ୍ତି ବେହେରା ଓ ସମ୍ମାନିତ ଅତିଥି ଭାବେ ସ୍ୱାଧୀନ କୁମାର ନାୟକଙ୍କ କରକମଳରେ ଆନୁଷ୍ଠାନିକ ଭାବେ ସନ୍ଧ୍ୟା ସମୟରେ ଉଦ୍‌ଘାଟନ କରାଯାଇଥିଲା। ଏହି ସମାରୋହରେ ୧ନଂ ଜିଲ୍ଲାପରିଷଦ ସଭ୍ୟା ସ୍ୱରସ୍ୱତୀ ସ୍ୱାଇଁ, ୨ନଂ ଜିଲ୍ଲା ପରିଷଦ ସଭ୍ୟା ବନିତା ବେହେରା, ସରପଞ୍ଚ ବୃନ୍ଦାବନ ନାୟକ, ପାଟଳଦା ସମିତି ସଭ୍ୟା ମନ୍ଦାକିନୀ ଛାଟୋଇ, ପୂର୍ବତନ ଜିଲ୍ଲାପରିଷଦ ପଞ୍ଚାନନ ସ୍ୱାଇଁ, ମନ୍ତ୍ରୀଙ୍କ ପ୍ରତିନିଧି ଭୀମସେନ ସ୍ୱାଇଁ, ସାଂସଦ ପ୍ରତିନିଧି ଚମ୍ପକ ବାରିକ, ଗଣମାଧ୍ୟମ ସଂଯୋଜକ ରୁଦ୍ରପ୍ରସାଦ ଲେଙ୍କାଙ୍କ ସମେତ ବହୁ ପଞ୍ଚାୟତବାସୀ ଉପସ୍ଥିତ ଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଟଙ୍କାର ପାହାଡ ...

ମନ୍ତ୍ରୀ ତଥା ଟିଟଲାଗଡ଼ ବିଧାୟକ ଟୁକୁନି ସାହୁଙ୍କ ଫଟୋ ଗଣମାଧ୍ୟମରେ ପ୍ରକାଶ ପାଇଛି। ବୌଦ୍ଧ ରାଇସ ମିଲ୍ ଓ 'ସାହୁ ବ୍ରଦର୍ସ ଆଣ୍ଡ କୋ' ସହ ତାଙ୍କର କ'ଣ ସମ୍ପର୍କ ରହିଛି? ଏପରିକି ଶାସକ ବିଜେଡିର ବହୁ ନେତା ଓ ମନ୍ତ୍ରୀଙ୍କ ସହ ମଧ୍ୟ ସଂପର୍କ ରହିଛି। ଆଗୁଆ ନିର୍ବାଚନ ପରିଚାଳନା ପାଇଁ 'ସାହୁ ବ୍ରଦର୍ସ ଆଣ୍ଡ କୋ' ପାଖରେ ବିଜୁ ଜନତା ଦଳ ଟଙ୍କା ରଖିଥିଲା କି? 'ସାହୁ ବ୍ରଦର୍ସ ଆଣ୍ଡ କୋ' ସହ ବିଜେଡିର କ'ଣ ସଂପର୍କ ରହିଛି, ତାହା ରାଜ୍ୟ ସରକାର ସ୍ପଷ୍ଟ କରନ୍ତୁ। ନିଜର ସ୍ୱଚ୍ଛତା ଓ ସାଧାରଣ ଲୋକଙ୍କ ସ୍ୱାର୍ଥ ଦୃଷ୍ଟିରୁ ଏହାର ତଦନ୍ତ ସିବିଆଇକୁ ତୁରନ୍ତ ହସ୍ତାନ୍ତର କରନ୍ତୁ ବୋଲି ବିଜେପି ଦାବି କରିଛି। ଗତ ମୌସୁମୀ ଅଧିବେଶନରେ ରାଜ୍ୟ ସରକାର ତରବରିଆ ଭାବେ ସପ୍ଲିମେଣ୍ଟାରୀ ବଜେଟ୍ ଆଗତ କରିବା ସହ ତଥାକଥିତ ସିଏମଓ ସମସ୍ତ ଜିଲ୍ଲା ଭ୍ରମଣ କରି ବୈଠକ କରୁଥିଲେ। ଓଡ଼ିଶାରେ ବିଧାନସଭାକୁ ଭଙ୍ଗ କରି ଆଗୁଆ ବିଧାନସଭା ନିର୍ବାଚନ କରିବା ପାଇଁ ଶାସକ ଦଳ ଖସଡ଼ା ପ୍ରସ୍ତୁତ କରିଥିଲା। ଜବତ ଟଙ୍କା ମଧ୍ୟରେ ୫୦୦ଟଙ୍କା, ୨୦୦ଟଙ୍କା ଓ ୧୦୦ଟଙ୍କା ବାହାରୁଛି। ଯାହା ନିର୍ବାଚନ ସମୟରେ ବଣ୍ଟା ହେବା ପାଇଁ ରଖାଯାଇଥିଲା କି? ସେ କହିଛନ୍ତି ଯେ, ଚିଟଫଣ୍ଡ ଦୁର୍ନୀତି ଅତୀତରେ ସମଗ୍ର ରାଜ୍ୟରେ ଲୋକଙ୍କ ଆର୍ଥିକ ମେରୁଦଣ୍ଡ ଭାଙ୍ଗି ଦେଇଥିଲା। ପୂର୍ବରୁ ଓଡ଼ିଶାରେ ବ୍ରାଉନସୁଗାର, କ୍ରୋକେନ, ଗଞ୍ଜେଇ, ସାପ ଗରଳ ବେପାରର ପେଣ୍ଠସ୍ଥଳୀ ନବୀନ ଓଡ଼ିଶା। ଏବେ ଦେଶୀ ମଦ ର୍ୟାକେଟ ସମଗ୍ର ଉପାନ୍ତ ଅଞ୍ଚଳର ଗରିବ ଲୋକଙ୍କୁ ଶୋଷଣ କରି ସାମାଜିକ ଓ ଆର୍ଥିକ ମେରୁଦଣ୍ଡ ଭାଙ୍ଗିଦେଇଛି। ନିର୍ବାଚନବେଳେ ଭୋଟ ହାତେଇବା ପାଇଁ ବିଜୁ ଜନତା ଦଳ ଅଜସ୍ର ଅର୍ଥ ଖର୍ଚ୍ଚ କରେ ଏବଂ ମଦର ବନ୍ୟା ସୃଷ୍ଟି କରେ। ତେଣୁ 'ସାହୁ ବ୍ରଦର୍ସ ଆଣ୍ଡ କୋ' ପାଖରେ ଏତେ ଟଙ୍କା କୁଆଡୁ ଆସିଲା ସେ ନେଇ ତଦନ୍ତ କରାଯାଉ ଓ ମୁଖ୍ୟମନ୍ତ୍ରୀ ନିଜର ସ୍ୱଚ୍ଛତା ପ୍ରତିପାଦନ ପାଇଁ ତଦନ୍ତଭାର ସିବିଆଇ ଦିଅନ୍ତୁ ବୋଲି ବିଜେପି ଦାବି କରିଛି।

### ଲୁଟ୍ ଟଙ୍କା ...

ସମୟ ମଧ୍ୟରେ କୋଟି କୋଟି ଟଙ୍କା ଠୁଳ କରିଛି ତାହା ଏବେ ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ଏହାକୁ ନେଇ ହଇଚଇ ସୃଷ୍ଟି ହୋଇଥିବା ବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନିଜର ପ୍ରତିକ୍ରିୟା ରଖିଛନ୍ତି। ସେ ଗୋଟିଏ ଖବରକାଗଜର ପ୍ରଥମ ପୃଷ୍ଠାରେ ପ୍ରକାଶିତ ୨୦୦ କୋଟି ଟଙ୍କା ଜବତ ନ୍ୟୁଜକୁ ନିଜ ଏକ୍ସ ଆକାଉଣ୍ଟରେ ପୋଷ୍ଟ କରିଛନ୍ତି। ଏଥିସହ ଜନତାଙ୍କ ଠାରୁ ଯାହା ବି ଲୁଟ ହୋଇଛି, ତା'ର କଡ଼ା ଗଣ୍ଡା ଆଦାୟ ହେବ ବୋଲି ସେ କହିଛନ୍ତି। ସେ କହିଛନ୍ତି, ଦେଶବାସୀ ନୋଟର ବିଡ଼ାକୁ ଦେଖନ୍ତୁ ଓ ଏହାପରେ ତାଙ୍କ ନେତାମାନଙ୍କ 'ସଚ୍ଚୋଟ ପଣିଆ'ର ଭାଷଣ ଶୁଣନ୍ତୁ। ଜନତାଙ୍କ ଠାରୁ ଯାହା ଲୁଟା ଯାଇଛି, ତାକୁ କଡ଼ା ଗଣ୍ଡା ଫେରାଇବାକୁ ପଡ଼ିବ। ଏହା ମୋଦିଙ୍କର ଗ୍ୟାରେଣ୍ଟି। ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ହାୱାଲା କାରବାର ନିମନ୍ତେ ଶହଶହ କଳାଟଙ୍କା ଠୁଳ କରାଯାଇ ଥାଇପାରେ ବୋଲି ସନ୍ଦେହ କରାଯାଉଛି। ଝାରଖଣ୍ଡର କଂଗ୍ରେସ ରାଜ୍ୟସଭା ସାଂସଦ ଧୀରଜ ପ୍ରସାଦ ସାହୁଙ୍କ ପରିବାରର ମାଲିକାନାରେ ଥିବା ବୌଦ୍ଧ ଡିଷ୍ଟିଲେରୀ କମ୍ପାନୀ ସମେତ ଅନ୍ୟ କମ୍ପାନୀଗୁଡ଼ିକ ଉପରେ କ୍ରମାଗତ ଆୟକର ଚଢ଼ଉ କରିଥିଲା।

### ଜବାବ ଦେଲେ ...

ସାଂସଦ ନିଶିକାନ୍ତ ଦୁବେଙ୍କୁ ଡକାଯାଇଥିଲା। ସେମାନଙ୍କ ଅଭିଯୋଗ ବିସ୍ତୃତ ଭାବେ ଶୁଣିଥିଲୁ। ତା'ପରେ ପ୍ରତିବାଦୀ ମାଡ଼ାମ ମହୁଆ ମଇତ୍ରଙ୍କୁ ଡକାଯାଇଥିଲା। ତାଙ୍କୁ କହିବା ପାଇଁ ପର୍ଯ୍ୟାପ୍ତ ସମୟ ଦିଆଯାଇଥିଲା। ତାଙ୍କର ସବୁ କଥା ଶୁଣିଥିଲୁ। ଦୁବାଇରେ ରହୁଥିବା ବ୍ୟବସାୟୀ ଦର୍ଶନ ହିରାନନ୍ଦାନୀଙ୍କ ସତ୍ୟପାଠକୁ ଆମେ ପଢ଼ିଲୁ। ତା'ପରେ ଆମେ ୩ଟି ପ୍ରସ୍ତାବ ଲୋକସଭା ବାଚସ୍ପତିଙ୍କୁ ଦେଇଥିଲୁ। ଲୋକସଭା ବାଚସ୍ପତି ତାହାକୁ ସଂସଦରେ ରଖିଥିଲେ। ସଂସଦରେ ତାହା ଉପରେ ଆଲୋଚନା ହୋଇଥିଲା। ତା'ପରେ ସଂସଦରୁ ନିଷ୍କାସନ ପାଇଁ ନିଷ୍ପତ୍ତି ନିଆଯାଇଛି ବୋଲି ଅପରାଜିତା ଷଡଙ୍ଗୀ କହିଛନ୍ତି।

### ୨୬ରେ ବିଜେଡିର ...

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ଦେଶରେ ଶକ୍ତିଶାଳୀ ଆଞ୍ଚଳିକ ଦଳ ଭାବେ ଗ୍ରହଣୀୟ ହୋଇଛି। ଓଡ଼ିଶାବାସୀ ସବୁ ନିର୍ବାଚନରେ ବିଜେଡିକୁ ଆଶୀର୍ବାଦ କରୁଛନ୍ତି। ତେଣୁ ବିଜେଡି ପ୍ରତିଷ୍ଠା ଦିବସକୁ ଓଡ଼ିଶାବାସୀ ଜନସେବା ଉତ୍ସବ ଭାବେ ପାଳନ କରିବେ ବୋଲି ଦଳର ନେତାମାନେ କହିଛନ୍ତି। ବିଭିନ୍ନ ଲୋକାଭିମୁଖୀ ଯୋଜନାକୁ ବିଜେଡି ଘରେଘରେ ପହଞ୍ଚାଇଛି। ତୃଣମୂଳ ସ୍ତରରୁ ଜନସେବାକୁ ଗୁରୁତ୍ୱ ଦେଇ ଓଡ଼ିଶାବାସୀଙ୍କ ସୁଖଦୁଃଖର ସାଥୀ ହୋଇଛି ବିଜେଡି। ରୂପାନ୍ତରଣ ପଥରେ ଆଗକୁ ଚାଲିଥିବା ଓଡ଼ିଶା ଏବେ ପୂରା ଦେଶର ରୋଲ୍ ମଡେଲ ସାଜିଛି। ଶିକ୍ଷା, ସ୍ୱାସ୍ଥ୍ୟ, ଶିଳ୍ପ, ଭିତ୍ତିଭୂମି, ପର୍ଯ୍ୟଟନ, ଆଇଟି, କୃଷିକ୍ଷେତ୍ରରେ ଅଗ୍ରଣୀ ରାଜ୍ୟରେ ପରିଣତ ହୋଇଛି ଓଡ଼ିଶା। ବିକଶିତ ଓଡ଼ିଶା ନିର୍ମାଣ ପ୍ରକ୍ରିୟା ଜାରି ରହିଛି। ପ୍ରତିଷ୍ଠା ଦିବସରେ ଏସବୁ ଆଲୋଚନା ସହ ୨୦୨୪ ନିର୍ବାଚନ ପାଇଁ ବିଜେଡି ରାଜନୈତିକ ଖସଡ଼ା ପ୍ରସ୍ତୁତ କରିବ। ଅପ୍ରତିଦ୍ୱନ୍ଦ୍ୱୀ ଆଞ୍ଚଳିକ ଦଳ ଭାବେ ବିଜେଡି ଉଭା ହୋଇଛି। ୨୦୨୪ରେ ନିର୍ବାଚନ ଥିବାରୁ ପ୍ରତିଷ୍ଠା ଦିବସରେ କର୍ମୀଙ୍କୁ ଗୁରୁମନ୍ତ୍ର ଦେବେ ଦଳର ସୁପ୍ରିମୋ ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଓଡ଼ିଶାବାସୀଙ୍କ ହକ୍ ପାଇଁ ଲଢୁଥିବା ବିଜେଡି ଏବେ ରାଜନୈତିକ ଦଳ ନୁହେଁ, ଏକ ସାମାଜିକ ଆନ୍ଦୋଳନରେ ପରିଣତ ହୋଇଛି।

### ମେଦବହୁଳ ...

ଅନ୍ତର୍ଭୁକ୍ତ କରନ୍ତୁ ଯାହା ଫାଇବରରେ ଭରପୂର ଅଟେ। ହାର୍ଭାର୍ଡ ମେଡିସିନ୍ ସ୍କୁଲର ଅନୁସନ୍ଧାନକାରୀମାନେ ୬୦ ହଜାର ମହିଳା ନର୍ସଙ୍କ ଉପରେ ଏକ ଅନୁସନ୍ଧାନ କରିଛନ୍ତି, ଯାହା ଅନୁଯାୟୀ ରାତିରେ ଜାଗ୍ରତ ଥିବା ଲୋକଙ୍କ ମଧ୍ୟରେ ଟାଇପ୍-୨ ମଧୁମେହ ହେବାର ଆଶଙ୍କା ଦିନରେ କାମ କରୁଥିବା ଲୋକଙ୍କ ତୁଳନାରେ ୧୯ ପ୍ରତିଶତ ଅଧିକ। ଅଧ୍ୟୟନରେ ଏହା ଦେଖାଯାଇଥିଲା ଯେ ରାତି ଉଜାଗର ଏବଂ କାର୍ଯ୍ୟ କରୁଥିବା ନର୍ସମାନଙ୍କ ଜୀବନଶୈଳୀ ଗଭୀର ଭାବରେ ପ୍ରଭାବିତ ହୋଇଥିଲା। କାରଣ ସେ କମ୍ ବ୍ୟାୟାମ କରୁଥିଲେ ଏବଂ ଅସ୍ୱାସ୍ଥ୍ୟକର ଖାଦ୍ୟ ଖାଉଥିଲେ। ଅନୁସନ୍ଧାନରୁ ଜଣାପଡିଛି ଯେ ବିଳମ୍ବିତ ରାତିରେ ଶୋଇଥିବା ଲୋକଙ୍କ ଶୋଇବା ଚକ୍ର ବ୍ୟାକୁଳ ହୁଏ। ଏହି କାରଣରୁ, ମେଟାବୋଲିକ୍ ସିଷ୍ଟମ୍ ମଧ୍ୟ ପ୍ରଭାବିତ ହୁଏ ଏବଂ ମେଦବହୁଳତା ବୃଦ୍ଧି ପାଇବାରେ ଲାଗେ, ଯାହା ଟାଇପ୍-୨ ମଧୁମେହର କାରଣ ହୋଇଯାଏ।

### ସୂଚନା ମାଗିଲେ ...

ଚ୍ୟାଲେଞ୍ଜ ଦେଉଥିବା ଯୁକ୍ତି ବିବାଦର ମୂଳ କାରଣ। ଏହି ପର୍ଯ୍ୟାୟରେ ଅଦାଲତ ତଥ୍ୟଭିତ୍ତିକ ସୂଚନା ପାଇବା ଜରୁରୀ ବୋଲି ପ୍ରଧାନ ବିଚାରପତି ଧନଞ୍ଜୟ ୱାଇ ଚନ୍ଦ୍ରଚୂଡ଼ଙ୍କ ନେତୃତ୍ୱାଧୀନ ପାଞ୍ଚଜଣିଆ ଖଣ୍ଡପୀଠ ଏକ ଅନ୍ତରୀଣ ଆଦେଶରେ କହିଛନ୍ତି। ୧୯୬୬ ଜାନୁଆରି ପହିଲାରୁ ୧୯୭୧ ମାର୍ଚ୍ଚ ୨୫ ତାରିଖ ମଧ୍ୟରେ ଆସାମରେ ପ୍ରବେଶ କରି ବସବାସ କରିଥିବା ପୂର୍ବ ପାକିସ୍ତାନ (ବାଂଲାଦେଶ)ର ଲୋକଙ୍କୁ ନାଗରିକତା ପ୍ରଦାନ ପାଇଁ ୧୯୮୫ ମସିହାରେ ପ୍ରଣୟନ କରାଯାଇଥିବା ଧାରା ୬ଏର ସାମ୍ବିଧାନିକ ବୈଧତାକୁ ଚ୍ୟାଲେଞ୍ଜ କରୁଥିବା ଆବେଦନର ଶୁଣାଣି କରି ଖଣ୍ଡପୀଠ ଏହା କହିଛନ୍ତି। ନାଗରିକତା ପାଇଁ ପଞ୍ଜୀକୃତ ହେବା ପୂର୍ବରୁ ଏହି ଲୋକଙ୍କୁ ବିଦେଶୀ ବୋଲି ଘୋଷଣା କରିବା ଆବଶ୍ୟକ ହୋଇପଡ଼ିଛି। ଜଷ୍ଟିସ୍ ସୂର୍ଯ୍ୟକାନ୍ତ, ଏମ୍‌ଏମ୍ ସୁନ୍ଦରେଶ, ଜେବି ପାର୍ଦ୍ଦିୱାଲା ଓ ମନୋଜ ମିଶ୍ରଙ୍କୁ ନେଇ ଗଠିତ ଖଣ୍ଡପୀଠ ୧୯୬୬ ଜାନୁଆରିରୁ ୨୫ ମାର୍ଚ୍ଚ ୧୯୭୧ ମଧ୍ୟରେ ବିଦେଶୀ ଭାବେ ଚିହ୍ନଟ ହୋଇଥିବା ବ୍ୟକ୍ତି ଏବଂ ନାଗରିକତା ପାଇଥିବା ବ୍ୟକ୍ତିଙ୍କ ସମ୍ପର୍କରେ ନିର୍ଦ୍ଦିଷ୍ଟ ତଥ୍ୟ ମାଗିଥିଲେ। ବେଆଇନ ପ୍ରବାସୀଙ୍କ ମୁକାବିଲା ପାଇଁ ପ୍ରଶାସନିକ ସ୍ତରରେ ନିଆଯାଇଥିବା ପଦକ୍ଷେପ ସମ୍ପର୍କରେ କୋର୍ଟ କେନ୍ଦ୍ର ସରକାର ତଥା ଆସାମ ସମେତ ଉତ୍ତରପୂର୍ବ ରାଜ୍ୟଗୁଡ଼ିକଠାରୁ ତଥ୍ୟ ମାଗିଛନ୍ତି। ସରକାରଙ୍କ ପକ୍ଷରୁ ସଲିସିଟର ଜେନେରାଲ ତୁଷାର ମେହେଟ୍ଟା ଧାରା ୬ଏର ସାମ୍ବିଧାନିକ ବୈଧତାକୁ ସମର୍ଥନ କରି ତଥ୍ୟ ଦାଖଲ କରିବାକୁ ରାଜି ହୋଇଥିଲେ। ଆସାମରେ ଅବୈଧ ପ୍ରବାସୀଙ୍କୁ ଚିହ୍ନଟ କରିବା ପ୍ରକ୍ରିୟା ଯୋଗୁଁ ୨୦୧୮ରେ ଜାତୀୟ ନାଗରିକ ପଞ୍ଜିକା (ଏନ୍‌ଆରସି)ରୁ ପ୍ରାୟ ୨୦ ଲକ୍ଷ ଲୋକଙ୍କୁ ବାଦ୍ ଦିଆଯାଇଥିଲା। ୨୦୧୪ ଡିସେମ୍ବର ୩୧ ପୂର୍ବରୁ ଆଫଗାନିସ୍ତାନ, ପାକିସ୍ତାନ ଓ ବାଂଲାଦେଶରୁ ଭାରତରେ ପ୍ରବେଶ କରିଥିବା ଅଣମୁସଲମାନମାନଙ୍କ ନାଗରିକତା ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ପାଇଁ ନାଗରିକତା ସଂଶୋଧନ ଆଇନ (ସିଏଏ) ଏକ ବର୍ଷ ପରେ ପାରିତ ହୋଇଥିଲା। ମୁସଲମାନମାନଙ୍କୁ ବାଦ୍ ଦେଇ ଏକ ଧର୍ମନିରପେକ୍ଷ ଦେଶରେ ନାଗରିକତା ସହ ବିଶ୍ୱାସକୁ ଯୋଡ଼ାଯାଇଥିବାରୁ ଏହା ଭେଦଭାବପୂର୍ଣ୍ଣ ଓ ଅସାମ୍ବିଧାନିକ ବୋଲି ଏହି ଆଇନର ବିରୋଧୀମାନେ କହିଛନ୍ତି।

### ବଢି ଚାଲିଛି ...

ଏହାବ୍ୟତୀତ ରାଜ୍ୟରେ ଯୁବ ଜନସଂଖ୍ୟାରେ ପରିବର୍ତ୍ତନ ଦେଖିବାକୁ ମିଳିଛି। ୧୫ରୁ ୫୯ବର୍ଷ ବୟସର ଜନସଂଖ୍ୟା ବଢ଼ିବାରେ ଲାଗିଛି। ଏହି ପରିବର୍ତ୍ତନର ପ୍ରଭାବ ଶିକ୍ଷା, ସ୍ୱାସ୍ଥ୍ୟ, କର୍ମ ନିଯୁକ୍ତି, ଶ୍ରମ ଶକ୍ତି, କାର୍ଯ୍ୟ ଦକ୍ଷତା ଓ ସାମାଜିକ ନିରାପତ୍ତା ଉପରେ ପକାଇବ ବୋଲି ଆଶଙ୍କା ସୃଷ୍ଟି ହୋଇଛି। ରାଜ୍ୟର ଏକ ସାମଗ୍ରିକ ଚିତ୍ର ଆକଳନ କରି ସର୍ଭେ ସଂସ୍ଥା କହିଛି ଯେ ଆସନ୍ତା ୨୦୩୬ବେଳକୁ ରାଜ୍ୟରେ ଜନସଂଖା ୫କୋଟି ୨୬ଲକ୍ଷ ୨୭୭୬୯ ରହିଥିବ। ଏଥିରେ ଗଞ୍ଜାମ ଜିଲ୍ଲାର ସର୍ବାଧିକ ୪୩ ଲକ୍ଷ ୫୧ ହଜାର ୧୫୯ ଜନସଂଖ୍ୟା ହେବା ନେଇ ଆକଳନ କରାଯାଇଛି। ଦେବଗଡ଼ରେ ସର୍ବନିମ୍ନ ୩ଲକ୍ଷ ୮୬ହଜାର ୮୪୭ ଲୋକସଂଖ୍ୟା ହୋଇଥିବା ନେଇ ଆକଳନ କରାଯାଇଥିବା ବେଳେ ପ୍ରତି ବର୍ଗକିମି ସ୍ଥାନରେ ଲୋକଙ୍କ ସାନ୍ଦ୍ରତା ୩୩୮ ଜଣ ରହିଥିବ ବୋଲି ସଂସ୍ଥା କହିଛି। ସେହିପରି ଭୁବନେଶ୍ୱରରେ ଏହି ସ୍ଥିତି ସବୁଠୁ ଉଦ୍‌ବେଗଜନକ ରହିବ। ଅର୍ଥାତ୍ ପ୍ରତି ବର୍ଗକିମି ସ୍ଥାନରେ ୯୫୯ଲୋକ ବସବାସ କରିବେ। କିନ୍ତୁ କନ୍ଧମାଳରେ ପ୍ରତି ବର୍ଗକିମି ସ୍ଥାନରେ ସର୍ବନିମ୍ନ ୧୧୭ଜଣ ଲୋକ ବାସ କରୁଥିବାର ସମ୍ଭାବନା ରହିଛି। ସେହିପରି ୨୦୩୬ ବେଳକୁ ପ୍ରତି ପୁଅ ତୁଳନାରେ ଝିଅ ହାର ନୟାଗଡ଼ରେ ସର୍ବନିମ୍ନ ୯୬୯ ଓ ରାୟଗଡ଼ାରେ ସର୍ବାଧିକ ୧୦୩୮ରହିଥିବ ବୋଲି ଆକଳନ କରାଯାଇଛି। ସେପଟେ ବର୍ତ୍ତମାନ ରାଜ୍ୟରେ ଯୁବ ଜନସଂଖ୍ୟାରେ ପରିବର୍ତ୍ତନ ଦେଖିବାକୁ ମିଳିଛି। ୧୫ରୁ ୫୯ବର୍ଷ ବୟସର ଜନସଂଖ୍ୟା ବଢିବାରେ ଲାଗିଛି। ଏହି ପରିବର୍ତ୍ତନର ପ୍ରଭାବ ଶିକ୍ଷା, ସ୍ୱାସ୍ଥ୍ୟ, କର୍ମ ନିଯୁକ୍ତି, ଶ୍ରମ ଶକ୍ତି, କାର୍ଯ୍ୟ ଦକ୍ଷତା ଓ ସାମାଜିକ ନିରାପତ୍ତା ଉପରେ ପଡିବ।


### ସମ୍ପୂର୍ଣ୍ଣ ବନ୍ଦ ...

ନୀତି ଚାଲିବା ସମୟରେ ନୂଆବର୍ଷ ପୂର୍ବଦିନ ୩୧ ତାରିଖ ପଡୁଥିବାରୁ ଭକ୍ତଙ୍କ ଭିଡ଼କୁ ଦୃଷ୍ଟିରେ ରଖି ଆବଶ୍ୟକ ପଡିଲେ ରାତ୍ର ପହୁଡ ହେବନାହିଁ ବୋଲି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ରଞ୍ଜନ ଦାସ କହିଛନ୍ତି। ସେପଟେ ଭକ୍ତଙ୍କ ଗହଳିକୁ ଦୃଷ୍ଟିରେ ରଖି ଜାନୁଆରୀ ୧ ତାରିଖରେ ଦିବା ପହୁଡ ହେବନାହିଁ ବୋଲି ମୁଖ୍ୟ ପ୍ରଶାସକ କହିଛନ୍ତି। ଆଜି ବୈଠକରେ ଚୂଡାନ୍ତ ନୀତି ନିର୍ଘଣ୍ଟକୁ ଆସନ୍ତା ୧୧ ତାରିଖରେ ହେବାକୁ ଥିବା ଛତିଶା ନିଯୋଗ ବୈଠକରେ ଅନୁମୋଦନ କରାଯିବା ପରେ ପରିଚାଳନା କମିଟିରେ ପାରିତ କରାଯିବ। ତେବେ ଆଜିର ବୈଠକରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅଧ୍ୟକ୍ଷତା କରିଥିବା ବେଳେ ଶ୍ରୀମନ୍ଦିର ନୀତି ପ୍ରଶାସକ, ଜିଲ୍ଲାପାଳ, ପରିଚାଳନା କମିଟିର ସଦସ୍ୟ, ନୀତି ସବକମିଟି ସଦସ୍ୟ ଓ ଶ୍ରୀମନ୍ଦିର ପ୍ରଶାସନିକ ଅଧିକାରୀମାନେ ଉପସ୍ଥିତ ଥିଲେ।

### ସରକାରୀ ...

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ସେ କୃତଜ୍ଞତା ଜଣାଇବା ସହିତ ଆଗାମୀ ୫ ବର୍ଷ ପାଇଁ ଏହି ହସ୍ପିଟାଲ ପରିଚାଳନା ପାଇଁ ଏମ୍.ସି.ଏଲ୍ ୬୨୮ କୋଟି ଟଙ୍କା ସହାୟତା ଯୋଗାଇଦେବ ବୋଲି ଶ୍ରୀ ଯୋଶୀ ପ୍ରକାଶ କରିଥିଲେ। କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କାର୍ଯ୍ୟକ୍ରମରେ ଯୋଗଦେଇ କହିଥିଲେ ଯେ, ଆଜି ଆମ ସମସ୍ତଙ୍କ ପାଇଁ ଏହା ଏକ ଗୌରବର ଦିନ ଓ ସ୍ମରଣୀୟ ହୋଇ ରହିବ। ସଂଗ୍ରାମୀ ପବିତ୍ର ମୋହନ ପ୍ରଧାନଙ୍କ ନାମରେ ଏହି ହସ୍ପିଟାଲ ପ୍ରତିଷ୍ଠା ହେବା ଦ୍ୱାରା ଏ ମାଟି ତାଙ୍କୁ ଉପଯୁକ୍ତ ସମ୍ମାନ ଦେଲା। ଏଥି ସହିତ ମୁଖ୍ୟମନ୍ତ୍ରୀଙ୍କୁ ସେ ଧନ୍ୟବାଦ ଦେଇ ଖୁବ୍ ଶୀଘ୍ର ମେଡିକାଲ୍ କଲେଜ କାର୍ଯ୍ୟକାରୀ କରିବା ପାଇଁ ଅନୁରୋଧ କରିଥିଲେ। ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ନିରଞ୍ଜନ ପୂଜାରୀ କାର୍ଯ୍ୟକ୍ରମରେ ଯୋଗଦେଇ କହିଲେ ଯେ ରାଜ୍ୟବାସୀଙ୍କୁ ଉନ୍ନତମାନର ସ୍ୱାସ୍ଥ୍ୟସେବା ଯୋଗାଇଦେବା ପାଇଁ ରାଜ୍ୟ ସରକାର ପ୍ରତିବଦ୍ଧ। ମୁଖ୍ୟମନ୍ତ୍ରୀଙ୍କ ଦିଗ୍ଦର୍ଶନ ଏ ଦିଗରେ ଆମକୁ ଅଧିକ ପ୍ରେରଣା ଯୋଗାଉଛି। ଅନ୍ୟମାନଙ୍କ ମଧ୍ୟରେ ଢେଙ୍କାନାଳ ସାଂସଦ ମହେଶ ସାହୁ, ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ ଏବଂ କୋଲ ଇଣ୍ଡିଆ ଅଧ୍ୟକ୍ଷ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ୫ଟି ତଥା ନବୀନ ଓଡିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ସଚିବ ଶାଳିନୀ ପଣ୍ଡିତ ସ୍ୱାଗତ ଭାଷଣ ଦେଇଥିଲେ ଓ ମହାନଦୀ କୋଲ ଫିଲ୍ଡର ସି.ଏମ୍.ଡି ଧନ୍ୟବାଦ ଅର୍ପଣ କରିଥିଲେ।

# ୪୮୦୪କୋଟି ଟଙ୍କାର ୧୯ ପ୍ରକଳ୍ପକୁ ସିଙ୍ଗଲଓ୍ୱିଣ୍ଡୋ ମଞ୍ଜୁରୀ




**ଭୁବନେଶ୍ୱର :** ରାଜ୍ୟରେ ୪୮୦୪ କୋଟି ଟଙ୍କା ବ୍ୟୟରେ ନିର୍ମାଣ ହେବାକୁ ଥିବା ୧୯ଟି ପ୍ରକଳ୍ପକୁ ଆଜି ସିଙ୍ଗଲଓ୍ୱିଣ୍ଡୋ ମଞ୍ଜୁରୀ ମିଳିଛି। ଏହି ପ୍ରକଳ୍ପ କାର୍ଯ୍ୟକ୍ଷମ ହେଲେ ରାଜ୍ୟରେ ଅତିରିକ୍ତ ୧୭୫୫୩ ଜଣଙ୍କୁ ନିଯୁକ୍ତି ସୁଯୋଗ ମିଳିବ ବୋଲି ଜଣାପଡ଼ିଛି। ଗୁରୁବାର ଲୋକସେବା ଭବନରେ ମୁଖ୍ୟ ସଚିବ ପ୍ରଦୀପ କୁମାର ଜେନାଙ୍କ ଅଧ୍ୟକ୍ଷତାରେ ରାଜ୍ୟସ୍ତରୀୟ ସିଙ୍ଗଲ୍ ୱିଣ୍ଡୋ କ୍ଲିଅରାନ୍ସ ବୈଠକରେ ୧୦ଟି ଜିଲ୍ଲାରେ ପ୍ରତିଷ୍ଠା ହେବାକୁଥିବା ୧୯ଟି ପ୍ରକଳ୍ପକୁ ଅନୁମୋଦନ ମିଳିଛି। ଏଥିରେ ପୋଷାକ ଓ ବୟନଶିଳ୍ପ, ଇସ୍ପାତ ଡାଉନଷ୍ଟ୍ରିମ୍, ପେଣ୍ଟ୍, ପ୍ଲାଷ୍ଟିକ୍, ପ୍ୟାକେଜିଂ, ଖାଦ୍ୟ, ପାନୀୟ ଆଇଟି ଭିତ୍ତିଭୂମି, କୃଷି ପ୍ରକ୍ରିୟାକରଣ, ଅକ୍ଷୟ ଶକ୍ତି ଭଳି ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରରେ ପୁଞ୍ଜିନିବେଶ ହେବ। ୱେଲସନ୍ ଲିଭିଂ ଲିମିଟେଡ୍ ୨୦୦ କୋଟି ଟଙ୍କା ନିବେଶ କରି କେନ୍ଦ୍ରାପଡ଼ାରେ ପୋଷାକ ଓ ବୟନଶିଳ୍ପ କାରଖାନା ପ୍ରତିଷ୍ଠା କରିବ। ଏଠାରେ ୨୦୦୦ ଲୋକଙ୍କୁ ନିଯୁକ୍ତି ମିଳିବ। ଟାଟା ଷ୍ଟିଲ୍ ଡାଉନଷ୍ଟ୍ରିମ୍ ଲିମିଟେଡ୍ କଳିଙ୍ଗନଗରରେ ୧୦ ଲକ୍ଷ ମେଟ୍ରିକ୍ ଟନ୍ ଇସ୍ପାତ ସେବା କେନ୍ଦ୍ର ପ୍ରତିଷ୍ଠା କରିବ। ଏଥିରେ ୭୩୫ କୋଟି ଟଙ୍କା ନିବେଶ ସହିତ ୩୩୫ ଲୋକଙ୍କୁ ନିଯୁକ୍ତି ଦେବ। ସେହିପରି ଇମ୍ଫା ଲିମିଟେଡ୍ ଯାଜପୁରରେ ୯୭୭.୪୩ କୋଟି ଟଙ୍କାବିନିଯୋଗ କରି ୨ ଲକ୍ଷ ୨୦ ହଜାର ମେଟ୍ରିକ୍ ଟନ୍ ଫେରୋକ୍ରୋମ୍ ଏବଂ ୨୦ ମେଗାୱାଟ୍ ଶକ୍ତି ଉତ୍ପାଦନ କରି ୧୧୯୦ ନିଯୁକ୍ତି ପ୍ରଦାନ କରିବ। ଜିନ୍ଦଲ ଷ୍ଟେନଲେସ୍ ଲିମଟେଡ୍ ୧୫୦ କୋଟି ଟଙ୍କା ନିବେଶରେ ଯାଜପୁରରେ ଷ୍ଟିଲ୍ ସର୍ଭିସ୍ ସେଣ୍ଟର ସ୍ଥାପନ କରିବା ସହ ୩୧୫ ଜଣଙ୍କୁ ନିଯୁକ୍ତି ଦେବ। କ୍ରାକର୍ସ ଇଣ୍ଡିଆ ଆଲଏଜ୍ ଲିମିଟେଡ୍ ୧୦୧.୫୦ କୋଟି ବିନିଯୋଗରେ ବଡ଼ବିଲ୍‌ରେ ୫୨,୮୦୦ ମେଟ୍ରିକ୍ ଟନ୍ ଇସ୍ପାତ କାଷ୍ଟିଂ ମିଲ୍ ଓ ରୋଲି ମିଲ୍ ପ୍ରତିଷ୍ଠା କରି ୨୪୦ ଜଣଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ। ଅନୁମୋଦନ ପାଇଥିବା ଅନ୍ୟ ଶିଳ୍ପ ପ୍ରସ୍ତାବ ମଧ୍ୟରେ ଏନଭାଇରୋକେୟାର ଇନଫ୍ରା ସଲ୍ୟୁସନ୍ ୧୦୦ କୋଟି ନିବେଶ କରି ସୁନ୍ଦରଗଡ଼ରେ ମାଇଲ୍ଡ ଷ୍ଟିଲ୍ ଷ୍ଟ୍ରିପ୍ ଓ ପ୍ଲାଷ୍ଟିକ୍ ପାଇପ୍ କାରଖାନା ପ୍ରତିଷ୍ଠା କରିବ। କମ୍ପାନୀ ୨୯୫ ଲୋକଙ୍କୁ ନିଯୁକ୍ତି ଦେବା ପାଇଁ ପ୍ରତିଶ୍ରୁତି ଦେଇଛି। ଅପରପକ୍ଷେ ଢ଼େଙ୍କାନାଳରେ ରୁଙ୍ଗ୍‌ଟା ପେଣ୍ଟସ୍ ପେଣ୍ଟସ୍, ଆଲଇଡ୍ ପ୍ରଡକ୍ଟସ୍ ଏବଂ ଇଣ୍ଟରମିଡିଏଟ୍ ଉତ୍ପାଦନ ୟୁନିଟ୍ ପ୍ରତିଷ୍ଠା ପାଇଁ ୯୯୧ କୋଟି ବିନିଯୋଗ କରିବା ସହ ୭୦୦ ଲୋକଙ୍କୁ ନିଯୁକ୍ତି ଦେବ। ବାଲେଶ୍ୱରର ବାଲିଆପାଳ ଶିଳ୍ପାଞ୍ଚଳରେ ମୋଡ୍ରୁଲସ୍ ଓଲିଓକେମ୍ ଆଣ୍ଡ ସଫେକ୍ଟାଣ୍ଟାସ୍ ପ୍ରାଲି ରାସାୟନିକ ଉତ୍ପାଦନ ୟୁନିଟ୍ ପାଇଁ ୩୧୩ କୋଟି ଟଙ୍କା ବିନିଯୋଗ କରିବା ସହ ୩୦୦ ଜଣଙ୍କୁ ନିଯୁକ୍ତି ଦେବ। ସେହିପରି ଟ୍ରାନ୍ସନୋଭା ଏକ୍ସପ୍ରେସ୍ ଇଣ୍ଡିଆ ପ୍ରାଲି ଖୋର୍ଦ୍ଧାର ଏକ କେମିକାଲ ହବ୍ ପାଇଁ ୧୨୦ କୋଟି ନିବେଶ କରିବ ଏବଂ ୨୫୮ ଜଣଙ୍କୁ ନିଯୁକ୍ତି ଦେବ। ଗ୍ରୋ ମାକ୍ସ ଇଣ୍ଡିଆ ପ୍ରାଲି ଖୋର୍ଦ୍ଧାରେ ପ୍ଲାଷ୍ଟିକ୍ ଉତ୍ପାଦନ ୟୁନିଟ୍ ପ୍ରତିଷ୍ଠାରେ ୫୪.୫୫ କୋଟି ଟଙ୍କା ନିବେଶ କରିବା ସହ ୧୫୨ ଜଣଙ୍କୁ ନିଯୁକ୍ତି ଦେବ। ଅନୁପମ୍ ପ୍ରଡକ୍ଟସ୍ ଲିମିଟେଡ୍ ଖୋର୍ଦ୍ଧାରେ ମେଟାଲ ଟିଣ କଣ୍ଟେନର ପାଇଁ ୫୧ କୋଟି ଟଙ୍କାର କାରଖାନା ସ୍ଥାପନ କରି ୨୩୦ ଜଣଙ୍କୁ ନିଯୁକ୍ତି ଦେବ। ରାଜଶ୍ରୀ ପଲିପ୍ୟାକ୍ ଲିମିଟେଡ୍ ଏବଂ କେଶବ ପ୍ଲାଷ୍ଟଟେକ୍ ?? ଖୋର୍ଦ୍ଧା ଓ ରେଙ୍ଗାଲିରେ ପ୍ଲାଷ୍ଟିକ୍ ଶିଳ୍ପ ପାଇଁ ୧୦୨.୨୫ କୋଟି ନିବେଶ କରିବା ସହ ୫୫୪ ଜଣଙ୍କୁ ନିଯୁକ୍ତି ଦେବ। ପିଏମ୍ ଗତିଶକ୍ତି ମଲ୍ଟିମୋଡାଲ ଟର୍ମିନାଲ ଯୋଜନା ଅଧୀନରେ ଡ଼ଂସର ଗ୍ରୁପ୍ ଏକ ଘରୋଇ ମାଲ ପରିବହନ ଟର୍ମିନାଲରେ ୧୯୦ କୋଟି ବିନିଯୋଗ କରିବ। ଏଠାରେ ୧୬୦ ଜଣଙ୍କୁ ନିଯୁକ୍ତି ମିଳିବ।

# ରାଜ୍ୟ କଂଗ୍ରେସକୁ ଭରସା ଯୁବ ଚେହେରା

**ଭୁବନେଶ୍ୱର :** ରାଜ୍ୟ କଂଗ୍ରେସକୁ ଭରସା ଯୁବ ଚେହେରା। ବାରମ୍ବାର ହାରୁଥିବା ପ୍ରାର୍ଥୀ ଓ ବୟସ୍କ ନେତାଙ୍କୁ ନମିଳିପାରେ କଂଗ୍ରେସ। ୮୦ ପ୍ରତିଶତ ଯୁବ ନେତୃତ୍ୱଙ୍କୁ ୨୪ ମଇଦାନରେ ଓହ୍ଲାଇବା ପାଇଁ ଦଳ କସରତ ଆରମ୍ଭ କରିଛି। କଂଗ୍ରେସ ଶାସିତ ରାଜ୍ୟରେ ଦଳର ପରାଜୟ ପରେ ଓଡ଼ିଶା କଂଗ୍ରେସ ପାଇଁ ମଙ୍ଗୁଆଳ ଏପରି ଚିନ୍ତା କରିଛନ୍ତି। ନିର୍ବାଚନ ଓ ସ୍କ୍ରିନିଂ କମିଟି ଏହା ଉପରେ ନିଷ୍ପତ୍ତି ନେବ ବୋଲି ପିସିସି ସଭାପତି କହିଛନ୍ତି। ସେପଟେ ନିଜ ଭିତରେ ଲଢ଼େଇ ଯୋଗୁ କଂଗ୍ରେସ ହାରୁଛି ବୋଲି ବରିଷ୍ଠ ବିଧାୟକମାନେ ମତ ଦେଇଛନ୍ତି। ୨୪ ପାଇଁ କଂଗ୍ରେସର ଚେହେରା ଚିନ୍ତା। ବାରମ୍ବାର ପରାଜିତ ନେତାଙ୍କୁ ମିଳିବନି ଟିକେଟ୍। ଯୁବ ଓ ମହିଳା ନେତୃତ୍ୱଙ୍କୁ ଫୋକସ। ତାରା- ସୁରଙ୍କ ଦାବି ଉପରେ ଶରତଙ୍କ ଭିନ୍ନମତ। ୨୦୧୯ରେ ରାଜ୍ୟରେ କଂଗ୍ରେସର ଭୋଟ୍ ହାର ଥିଲା ୧୬ ଦଶମିକ ୧୨ ପ୍ରତିଶତ। ଗତ ପଞ୍ଚାୟତ ନିର୍ବାଚନରେ ୧୩ ଦଶମିକ ୫୭ ପ୍ରତିଶତକୁ କମିଲା। ପୌର ଓ ୮ଟି ଉପନିର୍ବାଚନରେ ଦଳର ଭୋଟ୍ ହାର ଥିଲା ଅତି ନଗଣ୍ୟ। ଏଭଳି ସ୍ଥିତିରେ ଓଡ଼ିଶା କଂଗ୍ରେସ ୨୦୨୪ ନିର୍ବାଚନ ସାମ୍ନା କରିବାକୁ ଯାଉଛି। ଗୋଷ୍ଠୀ କନ୍ଦଳ ଭିତରେ ଛନ୍ଦି ହୋଇପଡ଼ିଥିବା ରାଜ୍ୟ କଂଗ୍ରେସ ଏବେ ଯୁବ ନେତୃତ୍ୱଙ୍କୁ ନେଇ ଆଗକୁ ଯିବାକୁ ଆରମ୍ଭ କରିଛି କସରତ। ଗ୍ରାଉଣ୍ଡରେ କାମ କରୁଥିବା ଯୁବ ନେତୃତ୍ୱଙ୍କୁ ଦଳ ୨୪ରେ ଚେହେରା କରିବାକୁ ରଣନୀତି କରୁଛି। ବାରମ୍ବାର ନିର୍ବାଚନ ହାରୁଥିବା ପ୍ରାର୍ଥୀ ଓ ବୟସ୍କ ନେତାଙ୍କୁ ଟିକେଟ୍ ନଦେବାକୁ ଦୁଇ ବରିଷ୍ଠ କଂଗ୍ରେସ ବିଧାୟକ ତାରାପ୍ରସାଦ ବାହିନୀପତି ଓ ସୁରେଶ ରାଉତରାୟ ଦାବି କରିଛନ୍ତି। ଅଧିକ ଯୁବ ନେତୃତ୍ୱଙ୍କୁ ଟିକେଟ୍ ନଦେଲେ କଂଗ୍ରେସ ସ୍ଥିତିରେ ଉନ୍ନତି ହେବ ନାହିଁ ବୋଲି ଉଭୟ କହିଛନ୍ତି। ବାରମ୍ବାର ନିର୍ବାଚନ ହାରୁଥିବା ପ୍ରାର୍ଥୀ ଓ ବୟସ୍କ ନେତାଙ୍କୁ ଟିକେଟ ନଦେବା ପାଇଁ ଦଳ ଭିତରେ ଦାବି ଉଠିବା ପରେ ପିସିସି ସଭାପତି ଚିନ୍ତାରେ ପଡ଼ିଛନ୍ତି। ଜିତିବା କ୍ଷମତା ଥିବା ନେତାଙ୍କୁ ଟିକେଟ୍ ଦେବାରେ ପ୍ରାଧାନ୍ୟ ଦିଆଯିବ ବୋଲି ପିସିସି ସଭାପତି କହିଛନ୍ତି। ଏନେଇ କଂଗ୍ରେସ ନିର୍ବାଚନ ଓ ସ୍କ୍ରିନିଂ କମିଟି ନିଷ୍ପତ୍ତି ନେବ। ୨୩ ବର୍ଷ କ୍ଷମତା ବାହାରେ ଥିବା ରାଜ୍ୟ କଂଗ୍ରେସ ୨୪ ନିର୍ବାଚନକୁ ନେଇ ଅଙ୍କ କଷୁଛି। ଟିକେଟ୍ ପାଇବା ପାଇଁ କିଏ ଯୋଗ୍ୟ, ତାକୁ ନେଇ ଦଳ ଭିତରେ ଆରମ୍ଭ ହୋଇଛି ନୂଆ କଳି। ଯାହାକି ଦଳର ୯ରୁ ୯୦ ମିଶନକୁ ପାଣିଚିଆ କରିଦେଇଛି।

# ଚାଉଳ ମାଫିଆ ଓ ସରକାରୀ ବାବୁଙ୍କ ମଧୁଚନ୍ଦ୍ରିକା



**ନବରଙ୍ଗପୁର :** ଜମି ମାଫିଆ, ବାଲି ମାଫିଆ, ବିଷୟରେ ଶୁଣିଛନ୍ତି, ଦେଖିଛନ୍ତି ଯେଉଁମାନେ କି ସରକାରୀ ରାଜସ୍ୱକୁ ହାନୀ ପହଞ୍ଚାଇ ଲାଭବାନ ହେଉଛନ୍ତି। କିନ୍ତୁ ଏଠାରେ ଗରିବ ନିରୀହ ଆଦିବାସୀ ଲୋକଙ୍କୁ ଭୁଆଁ ବୁଲେଇ କିଛି ଚାଉଳ ମାଫିଆ ଗରିବଙ୍କ ପେଟରେ ଲାତମାରୀ ମାଲାମାଲ ହେଉଥିବା ଦୃଶ୍ୟ ଦେଖିବାକୁ ମିଳିଛି। ଉକ୍ତ ଖବରଟି ନବରଙ୍ଗପୁର ଜିଲ୍ଲା ଡାବୁଗାଁ ବ୍ଲକ ଅଧୀନରେ ଥିବା ଘୋଡ଼ାଖୁଣ୍ଟା ପଞ୍ଚାୟତର ଅଟେ। ଏହି ପଞ୍ଚାୟତରେ କିଭଳି କିଛି ଚାଉଳ ମାଫିଆ ଏବଂ ସରକାରୀ ବାବୁ ଲୋକଙ୍କୁ ଭୁଆଁ ବୁଲେଇ ଚାଉଳ କିପରି ହଡପ କରି ମାଲାମାଲ ହେଉଛନ୍ତି ତାହା ଦେଖିଲେ ଆଶ୍ଚର୍ଯ୍ୟ ହେବେ। ସୂଚନା ଅନୁଯାଇ; କେନ୍ଦ୍ର ଓ ରାଜ୍ୟ ସରକାର ଗତ ଅକ୍ଟୋବର, ନଭେମ୍ବର ଓ ଡିସେମ୍ବର ଏପରି ତିନି ମାସ ଚାଉଳ ମାଗଣାରେ ପ୍ରତ୍ୟେକ ପଞ୍ଚାୟତରେ ବଣ୍ଟନ କରେଇଛନ୍ତି। ସେଭଳି ଘୋଡ଼ାଖୁଣ୍ଟା ପଞ୍ଚାୟତରେ ମଧ୍ୟ ଗତ ନଭେମ୍ବର ମାସରେ ଅଗ୍ରିମ ତିନି ମାସର ଚାଉଳ ବଣ୍ଟନ କରିଛନ୍ତି। କିନ୍ତୁ ଏହି ପଂଚାୟତ ରେ କେଉଁ ଚାଉଳ ଦେବା କଥା ତାହା ସ୍ପଷ୍ଟ ହୋଇପାରୁନାହିଁ। କାରଣ ଏହି ପଂଚାୟତରେ ଏଫ୍‌ପିଏସ୍ ଡିଲର କପି ସହିତ ଇସି ନୋଟରେ କେଉଁ ଚାଉଳ କେତେ ପରିମାଣର, କେଉଁ ମିଲରୁ, କେବେ ଆସିଛି, କେତେ ଆସିଛି, କେଉଁ ଗାଡ଼ିରେ ଆସିଛି, ମିଲ ର କୋଡ଼ ନଂ ସହିତ ସମସ୍ତ ତଥ୍ୟ ଉଲ୍ଲେଖ ରହିଥାଏ। କିନ୍ତୁ ଉକ୍ତ ତଥ୍ୟ କୁ ଯୋଗାଣ ନିରୀକ୍ଷକ ରାମ ଚନ୍ଦ୍ର ଖିଲ ଲୁଚେଇ ଲୋକଙ୍କୁ ଉଷୁନା ଚାଉଳ ବାଣ୍ଟିଥିଲେ। କିନ୍ତୁ ସେହି ଚାଉଳ ଉମରକୋଟ ଅଥବା ଜିଲ୍ଲାର ଯେକୌଣସି ମିଲରୁ ଆସିବା କଥା, କିନ୍ତୁ ଉକ୍ତ ଚାଉଳ ରାମ କ୍ରିଷ୍ଣା ରାଇସ ମିଲ (ବୋରିଗୁମା )ରୁ କିପରି ଆସିଲା ଏବଂ କାହା ଅନୁମତିରେ ଆସିଲା ତାହା ଏକ ପ୍ରଶ୍ନବାଚୀ? କିଛି ଚାଉଳ ବସ୍ତାରେ ସରକାରୀ ଲୋଗୋ ନ ଥିବା ଦେଖିବାକୁ ମିଳିଛି। କିଛିଦିନ ତଳେ ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ ନବରଙ୍ଗପୁରରେ ହୋଇଥିବା ଡି ଏଲ୍ ପି ସି ମିଟିଙ୍ଗ ରେ ଡାବୁଗାଁ ବ୍ଲକ ରେ ଭେଜାଲ ଚାଉଳ ବଣ୍ଟନ କରାଯାଉଛି ବୋଲି ବାରମ୍ବାର ପ୍ରଶ୍ନ କରିଥିଲେ ଏବଂ ଏହାର ତଦନ୍ତ କରିବାକୁ ଅନୁରୋଧ କରିଥିଲେ କ୍ଷ କିନ୍ତୁ ତଦନ୍ତ ଶୂନ। ଚାଉଳ ମାଫିଆ ଓ ସରକାରୀ ବାବୁ ମିଶି ଗରିବ ଲୋକଙ୍କୁ ଭୁଆଁ ବୁଲେଇ ଅନ୍ୟ ଜିଲ୍ଲାରୁ ଗୋଡ଼ି ବାଲି ମିଶ୍ରିତ ଚାଉଳ ଆଣି ବଣ୍ଟନ କରି ମାଲାମାଲ ହେଉଥିବା ଦେଖିବାକୁ ମିଳିଛି। ଏଭଳି ଗରିବ ଲୋକଙ୍କୁ ଶୋଷଣ କରୁଥିବା କିଛି ମାଫିଆଙ୍କ ଉପରେ ଜିଲ୍ଲାପାଳଙ୍କ ନଜର କେବେ ପଡିବ? କେବେ ଏଭଳି ଲୋକଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ? ନାଁ କେବଳ କାଗଜ କଲମରେ ସୀମିତ ହୋଇ ରହିଯିବ? ଆଗାମୀ ଦିନରେ ଆଉ କିଛି ତଥ୍ୟ ସହିତ ଏଭଳି ଚାଉଳ ମାଫିଆଙ୍କ କାରନାମା ବିଷୟରେ ଲୋକ ଲୋଚନକୁ ଅଣାଯିବ।



# ମାଣବସା ଗୁରୁବାର ଝୋଟି-ଚିତା

ପ୍ରେମାନନ୍ଦ ପାଣିଗ୍ରାହୀ







ହିନ୍ଦୁ ପଞ୍ଜିକାରେ ନବମ ମାସ ହେଉଛି ମାର୍ଗଶୀର । ଭଗବାନ ବିଷ୍ଣୁ ଓ ମାଲକ୍ଷ୍ମୀଙ୍କର ପ୍ରିୟ ମାସ । ସମୁଦ୍ର ମନ୍ଥନ କାଳରେ ରତ୍ନଗର୍ଭା ରତ୍ନାକରରୁ ବାହାରିଥିବା ବିଭିନ୍ନ ବସ୍ତୁମାନଙ୍କ ମଧ୍ୟରୁ ଚଉଦଟି ମୂଲ୍ୟବାନ ବସ୍ତୁକୁ ଚତୁର୍ଦ୍ଦଶ ରତ୍ନ କୁହାଯାଏ । ସେଥିମଧ୍ୟରୁ ମହାଲକ୍ଷ୍ମୀ ଅନ୍ୟତମା । ସମୁଦ୍ର ମନ୍ଥନ ସମୟରେ ଅମୃତ ପାତ୍ର ଧରି ମାଲକ୍ଷ୍ମୀ ଧରା ପୃଷ୍ଠରେ ଅବତାର ଗ୍ରହଣ କରିଥିଲେ । ସୌଭାଗ୍ୟ,ସମୃଦ୍ଧି,ସୌନ୍ଦର୍ଯ୍ୟ ଓ ସମ୍ପଦର ଦେବୀ ହେଉଛନ୍ତି ଲକ୍ଷ୍ମୀ । ମାର୍ଗଶୀର ମାସ ଗୁରୁବାର ତାଙ୍କ ପ୍ରିୟ ମାସ । ଧନ-ଧାନ୍ୟର ଅଧିଷ୍ଠାତ୍ରୀ ଦେବୀ ମହାଲକ୍ଷ୍ମୀଙ୍କର ଆରାଧନା ପାଇଁ ମାର୍ଗଶୀରର ପ୍ରତ୍ୟେକ ଗୁରୁବାରକୁ ମାଣବସା ଗୁରୁବାର ଭାବରେ ନାମିତ କରାଯାଇଛି । ମାଣରେ ଧାନ ରଖି ପୂଜା କରାଯାଉଥିବାରୁ ଏହାକୁ ମାଣବସା କୁହାଯାଏ । ମାଣବସା ବା ମାଣ ଓଷା ଭାବରେ ପରିଚିତ ଏହି ଓଷା ଓଡିଶାର ଏକ ବଡ ପର୍ବ । ଗୁରୁବାର ହିନ୍ଦୁ



ନାରୀମାନଙ୍କ ପାଇଁ ବେଶ୍ ପବିତ୍ର ଦିନ । ମାଣବସା ଗୁରୁବାର କଥା ଉଠିଲେ ଆମ ଆଖି ଆଗରେ ଭାସିଆସେ ଗୋବରରେ ଲିପାପୋଛା ହୋଇ ଚିତା-ଝୋଟିରେ ସଜ୍ଜିତ ହୋଇଥିବା ଘର, କାନକୁ ଶୁଣାଯାଏ ଲକ୍ଷ୍ମୀପୁରାଣର ନୀତିକଥା, ମାନସପଟ୍ଟରେ ନାଚିଉଠେ ଶ୍ରୀୟା ଚଣ୍ଡାଳୁଣୀର ଅନାବିଳ ଭକ୍ତି । ଏହି ଦିନ ମହାଲକ୍ଷ୍ମୀଙ୍କୁ ଯିଏ ଆରାଧନା କରେ ତାହାର ଗୃହ ଧନଧାନ୍ୟ ଓ ଶାନ୍ତିରେ ପରିପୂର୍ଣ୍ଣ ହୋଇଯାଏ ।

ଗୁରୁବାର ଓଷା ଅବସରରେ ମା' ଲକ୍ଷ୍ମୀଙ୍କୁ ଭକ୍ତିର ସହିତ ନିମନ୍ତ୍ରଣ କରିବାପାଇଁ ଓଡିଆଣୀମାନେ ଘରର ସ୍ୱଚ୍ଛତା, ପବିତ୍ରତା ଉପରେ ବିଶେଷ ଦୃଷ୍ଟି ଦେଇଥାନ୍ତି । ମାର୍ଗଶୀର ମାସର ପ୍ରତି ଗୁରୁବାର ପୂର୍ବରୁ ଅର୍ଥାତ୍ ବୁଧବାର ରାତ୍ରୀରେ ସ୍ତ୍ରୀଲୋକମାନେ ମାଟିଚଟାଣ ଥିବା ଘର, କାନ୍ଥବାଡକୁ ମାଟି ଗୋବରରେ ଲିପାପୋଛା କରିବା ସହ ପକ୍କା ଚଟାଣକୁ ଧୂଆପୋଛା କରନ୍ତି । ଗୋବର ଲିପା ଚଟାଣ ଉପରେ ବନମାଟି ଲିପନ୍ତି । ନୂଆ ଅରୁଆ ଚାଉଳର ବଟା ପିଠୋଉରେ ଶୀତକାକରକୁ ବେଖାତିର କରି ରାତ୍ରୀ ଉଜାଗର ରହି ସେମାନେ ଦାଣ୍ଡ, ଦୁଆର, ଖଳା ଓ ଅମାର ଘରେ ବିଭିନ୍ନ ପ୍ରକାରର ଚିତା ପକାଇଥାନ୍ତି । ମାର୍ଗଶୀର ମାଣବସା ଗୁରୁବାର ଝୋଟି-ଚିତାର ସ୍ୱତନ୍ତ୍ର ପରିଚୟ ରହିଛି । ଏହି ଝୋଟି-ଚିତାକୁ ନେଇ ଏକ ପୌରାଣିକ କାହାଣୀ ପ୍ରସିଦ୍ଧି ଲାଭ କରିଛି । ମହାଲକ୍ଷ୍ମୀ ବୁଢୀ ବ୍ରାହ୍ମଣୀ ବେଶ ଧରି ଦିନେ ଶ୍ରୀମନ୍ଦିର ଛାଡି ନଗର ଭ୍ରମଣରେ ଯାଇଥିଲେ । ଶୀତର ଆଳସ୍ୟତା ହେତୁ ସେଦିନ କେହି ଶର୍ଯ୍ୟାତ୍ୟାଗ କରିନଥିବା ବେଳେ ଶ୍ରୀୟା ନାମକ ଏକ ଚଣ୍ଡାଳୁଣୀ ନିଜ ଗୃହକୁ ସୁନ୍ଦର ଭାବରେ ଶୁଚିମନ୍ତ କରି ପବିତ୍ର ମନରେ ଆକର୍ଷଣୀୟ ଷୋହଳ ପାଖୁଡା ପଦ୍ମଚିତାରେ ସଜାଇ ମହାଲକ୍ଷ୍ମୀଙ୍କ ପୂଜାପାଇଁ ପ୍ରସ୍ତୁତ ହେଉଥାଏ । ମହାଲକ୍ଷ୍ମୀ ପଦ୍ମ ଫୁଲକୁ ଭାରି ଭଲପାଆନ୍ତି । କେଉଁ ଅନାଦି କାଳରୁ ପଦ୍ମକୁ ପବିତ୍ର ଫୁଲ ତଥା ସୌନ୍ଦର୍ଯ୍ୟର ପ୍ରତୀକ ଭାବେ ଗ୍ରହଣ କରାଯାଇ ଆସୁଛି । ଶ୍ରୀୟାର ନିଷ୍ଠା ଓ ପବିତ୍ରତାରେ ମୁଗ୍ଧ ହୋଇ ମହାଲକ୍ଷ୍ମୀ ତା ଗୃହରେ ପ୍ରବେଶ କରି କରୁଣା ଅଜାଡି ଦେଲେ । ସେହି ପୌରାଣିକ କଥାବସ୍ତୁକୁ ବିଶ୍ୱାସକୁ ନେଇ ଓଡିଆଣୀମାନେ ମାର୍ଗଶୀର ଗୁରୁବାରରେ ଶ୍ରୀୟା ଚଣ୍ଡାଳୁଣୀର ଗୃହ ଭଳି ଝୋଟି-ଚିତାରେ ନିଜ ଗୃହକୁ ମଣ୍ଡନ କରନ୍ତି । ଏହି ଚିତା ଲକ୍ଷ୍ମୀଙ୍କ ପାଦର ଚିହ୍ନ । ମହାଲକ୍ଷ୍ମୀଙ୍କୁ ଅଧିକ ଆକୃଷ୍ଟ କରିବାପାଇଁ ବିଭିନ୍ନ ପ୍ରକାର ଲକ୍ଷ୍ମୀ ପାଦ ଓ ପଦ୍ମଫୁଲ ଏହି ସମୟରେ ଓଡିଆ ଝିଅବୋହୂମାନେ ଅଙ୍କନ କରିଥାନ୍ତି । ଲକ୍ଷ୍ମୀ ଆସିବେ ଘରକୁ । ଝୋଟିର ଶୃଙ୍ଗାରରେ ଲକ୍ଷ୍ମୀ ପାଦ ଅଟକି ଯିବ । ଚାଉଳବଟା ପିଠୋଉ ଗୋଳି ଡାହାଣ ହାତର ବୁଢା ଆଙ୍ଗୁଳି ଓ ପରୀ ଆଙ୍ଗୁଳି ସାହାଯ୍ୟରେ ଲକ୍ଷ୍ମୀପାଦ, ଚାରିପାଖୁଡିଆ ପଦ୍ମଫୁଲ ଠାରୁ ଆରମ୍ଭ କରି ଆଠ ପାଖୁଡିଆ, ଚଉଷଠି ପାଖୁଡିଆ ପଦ୍ମଫୁଲ, ଲତାପଦ୍ମ, ପଦ୍ମକଢି ଓ ମଣ୍ଡଳ ପଦ୍ମ , ପକାନ୍ତି । ଲତାପଦ୍ମ ସାଧାରଣତଃ ଚାଉଳ ଡୋଲି ବା ଧାନ ଘରମାନଙ୍କରେ ଚିତ୍ରିତ ହୋଇଥାଏ । ଏହାର ଚତୁଃପାର୍ଶ୍ୱରେ ଲକ୍ଷ୍ମୀପାଦ, ଶଙ୍ଖ ଓ ପଦ୍ମ ଚିତ୍ର ଅଙ୍କନ ହୋଇଥାଏ । ଏହା ଅତ୍ୟନ୍ତ ଶୁଭସୂଚକ । ପଦ୍ମ କଢି ଘରର ଅଗଣା ମଝିରେ ଅଙ୍କନ କରାଯାଇଥାଏ । ମଣ୍ଡଳ ପଦ୍ମ କବାଟମାନଙ୍କରେ ଚିତ୍ରିତ କରାଯାଇଥାଏ । ଏହାର ତଳେ ଲକ୍ଷ୍ମୀପାଦ, ଉପରେ ଚକ୍ର ଓ ଦୁଇପାର୍ଶ୍ୱରେ ଶଙ୍ଖ, ଆଳଟ, ଚାମର ଥାଏ । କୁଣ୍ଡଳ ପଦ୍ମର ଉଭୟ ପଟେ



ଚକ୍ର, ତଳେ ଲକ୍ଷ୍ମୀପାଦ ଏବଂ ଦୁଇପାର୍ଶ୍ୱରେ ଶଙ୍ଖ ଓ ଆଳଟ ଚାମର ଚିତା କରାଯାଏ । ମାଣବସା ଅବସରରେ ଧାନଶିଶାର ଚିତ୍ର ମାର୍ଗଶୀର ମାସ ପାଇଁ ଅନୁକୂଳ ହେଉଥିବାରୁ ଧାନ ଶିଶା, ଜାତି ଜାତିକା ଧାନ କୋଠି, ଧାନ ବେ□ ଘରେ ଓ ଅଗଣାରେ ଗୃହିଣୀମାନେ ଅଙ୍କନ କରନ୍ତି । ଏସବୁ ବ୍ୟତୀତ ଅରୁଆ ଚାଉଳ ବଟା ପିଠୋଉ, ହଳଦୀ ଓ ଡାଉରେ ଅଙ୍କିତ ବିଭିନ୍ନ ପ୍ରକାର ଫୁଲଫଳ, ପଶୁପକ୍ଷୀ, ମାଛ, ହାତୀ, ଶଙ୍ଖ, ଓଲଟ ଶୁଆ, ଯୋଡା ହଂସ, ଯୋଡାମାଛ, ପୂର୍ଣ୍ଣକୁମ୍ଭ, ମୟୁର ଆଦି ଆଙ୍କି ଘର ଓ ଅଗଣାକୁ ସୁନ୍ଦର କରିଥାନ୍ତି । କାନ୍ଥରେ ହାତ ଛଟା ଝୋଟି ଓ ତା' ଉପରେ ତିନୋଟି ଟିପରେ ଆପି ଆପିକା କଉଡି ଦେଖିଲେ ଆଖି ଲାଖି ରହେ । ପୂର୍ବରାତ୍ରିରୁ ଅଙ୍କନ କରାଯାଇଥିବା ଲକ୍ଷ୍ମୀପାଦ ଓ ଝୋଟିଚିତା ଉପରେ ଗୋବର, ଫୁଲ, ଦୀପ, ଧୂପ ଦେଇ ଗୁରୁବାର ଦିନ ମା' ଲକ୍ଷ୍ମୀଙ୍କୁ ଆବାହନ କରାଯାଏ ।

ଗୁରୁବାର ଝୋଟିଚିତାର ଆବଶ୍ୟକ ସାମଗ୍ରୀ ହେଉଛି ଅରୁଆ ଚାଉଳରୁ ପ୍ରସ୍ତୁତ ପିଠୋଉ ଓ ଖଣ୍ଡିଏ ଧଳାକପଡା । ହାତର ପା□ ଆଙ୍ଗୁଠି ସାହାଯ୍ୟରେ ଗୃହିଣୀମାନେ ନିଜର ଉତ୍କର୍ଷତା ପ୍ରଦର୍ଶନ କରିଥାନ୍ତି । ଝୋଟି-ଚିତା ଉତ୍କଳୀୟ କୂଳବଧୂମାନଙ୍କର କଳାତ୍ମକ ବିଶେଷତ୍ୱ । ଏହା ଉତ୍କଳୀୟ ସଂସ୍କୃତିର ସ୍ୱତନ୍ତ୍ରତା ବହନ କରିଥାଏ । ଆଧୁନିକତା ଆଳରେ ଅନେକ ହସ୍ତକଳା ଓଡିଶାରୁ ହଜି ଯାଇଥିଲେ ବି ଝୋଟି କଳାର ପରମ୍ପରା ଏବେବି ରହିଛି ।

**ଭୁଷଳ,ଭୁବନ,ଢେଙ୍କାନାଳ**
**ଦୂରଭାଷ :୯୪୩୭୭୨୯୩୮୪**



# ନ୍ୟାୟ ପାଇବାରୁ ବଞ୍ଚିତ ଅସହାୟ ଗରିବ ଓ ମଧ୍ୟବିତ୍ତ



ଆଶୁତୋଷ ନାୟକ

ସ୍ୱାଧୀନତାର ୭୬ବର୍ଷ ଅତିକ୍ରାନ୍ତ ହୋଇସାରିଥିଲେ ମଧ୍ୟ ଆଜିବି ଅନେକ ଗରିବ ଓ ମଧ୍ୟବିତ୍ତ ନ୍ୟାୟ ପାଇବାରୁ ବଞ୍ଚିତ ହେଉଛନ୍ତି । ଅତ୍ୟନ୍ତ ଦୁଃଖ ଓ ବିଡମ୍ବନାର ବିଷୟ ଏହିକି ଅନେକ ଗରିବ ଓ ମଧ୍ୟବିତ୍ତ ନ୍ୟାୟ ପାଇବାରୁ ବଞ୍ଚିତ ହୋଇ ଆତ୍ମହତ୍ୟା କରିବାକୁ ବାଧ୍ୟ ହେଉଛନ୍ତି । ଏଥିପାଇଁ ଆମ ସରକାର ଓ ପୁଲିସ ପ୍ରଶାସନର ଦାୟିତ୍ୱହୀନତା ସମ୍ବେଦନହୀନତା ଏବଂ ଭ୍ରଷ୍ଟବ୍ୟବସ୍ଥା ସମ୍ପୂର୍ଣ ଭାବେ ଉତ୍ତରଦାୟୀ । ଦୀର୍ଘ ୨୦୦ବର୍ଷରୁ ଅଧିକ ସମୟ ପ୍ରଯ୍ୟନ୍ତ ଅହଂକାରୀ ନିଷ୍ଠୁର ଅତ୍ୟାଚାରୀ ଇଂରେଜ ମାନେ ଆମ ଦେଶରେ ଆଧିପତ୍ୟ ବିସ୍ତାର କରିଥିଲେ । ଜାତିର ପିତା ମହାତ୍ମାଗାନ୍ଧୀଙ୍କ ଠାରୁ ଆରମ୍ଭ କରି ଭଗତ ସିଂ ଜୟଗୁରୁ, ଶୁକଦେବ, ସୁବାଷ ବୋଷ, ତାନ୍ତିଆଟୋପେ ରାଣୀଲକ୍ଷ୍ମୀବାଇ ଭଳି ଅନେକ ସ୍ୱାଧୀନତା ସଂଗ୍ରାମୀଙ୍କର ତ୍ୟାଗ, ବଳିଦାନ,ଆପ୍ରାଣ ଉଦ୍ୟମ,ମାତୃଭୂମି ପାଇଁ ନିସ୍ୱାର୍ଥ ଭଲପାଇବା ପାଇଁ ଆମ ଦେଶ ଇଂରେଜମାନଙ୍କ ଗୁଲାମୀରୁ ମୁକ୍ତ ହେଇଥିଲା । ଆମ ଦେଶର ସ୍ୱାଧୀନତା ସଂଗ୍ରାମୀଙ୍କର ସ୍ୱପ୍ନ, ଆଶା, ବିଶ୍ୱାସ, ଭରସା ଥିଲା ସ୍ୱାଧୀନତା ପ୍ରାପ୍ତି ପରେ ଗରିବ ଓ ମଧ୍ୟବିତ୍ତ ଅସହାୟ ଜନତା ଯେଉଁମାନେ ଖାଦ୍ୟ, ଶିକ୍ଷା, ସ୍ୱାସ୍ଥ୍ୟ ଏବଂ ନ୍ୟାୟ ପାଇବାରୁ ବଞ୍ଚିତ ହେଉଛନ୍ତୁି ସଂଘର୍ଷ କରୁଛନ୍ତି ସେମାନଙ୍କ ଜୀବନରେ ପରିବର୍ତ୍ତନ ଘଟିବ, ସେମାନଙ୍କୁ ନ୍ୟାୟ ମିଳିବ, ଉନ୍ନତ ଶିକ୍ଷା ସ୍ୱାସ୍ଥ୍ୟ ସେବା ଏବଂ ଉତ୍ତମ ପୃଷ୍ଟିକର ଖାଦ୍ୟ ମିଳିବ । କିନ୍ତୁ ଆଜିବି ଅନେକ ଗରିବ ଓ ମଧ୍ୟବିତ୍ତଙ୍କ ପାଇଁ ଏହା 'ଆକାଶ କଇଁଆ ଚିଲିକା ମାଛ' ସଦୃଶ ।

ଆମ ସରକାର ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ ଅନେକ ଯୋଜନା ପ୍ରଣୟନ କରିଛନ୍ତି । ମାଳ ମାଳ ବିଶ୍ୱସ୍ତରୀୟ ଐତିହାସିକ ଯୋଜନା ଲାଗୁ ପାଇଁ ପ୍ରଶଂସା ଏବଂ ପୁରସ୍କାର ଗୋଟାଉଛନ୍ତି । କିନ୍ତୁ ଅତ୍ୟନ୍ତ ଦୁଃଖ ଓ ପରିତାପର ବିଷୟ ଏହିକି ସ୍ୱାଧୀନତାର ୭୬ବର୍ଷ ପରେ ମଧ୍ୟ ଗରିବ ମଧ୍ୟବିତ୍ତ ଅସହାୟ ଜନତା ନ୍ୟାୟ ପାଇବା ପାଇଁ ଆଜିବି ସଂଘର୍ଷ କରୁଛନ୍ତି । 'ତେଲିଆ ମୁଣ୍ଡରେ ତେଲ' ଏହି ଉକ୍ତି ସତ୍ୟ ପ୍ରମାଣିତ ହେଉଛି ।

ଆମ ଦେଶର ପୂର୍ବତନ ଆଇନ ମନ୍ତ୍ରୀ କିରଣ ରିଜୁ ରାଜ୍ୟସଭାରେ ଦେଇଥିବା ମନ୍ତବ୍ୟ ଅନୁସାରେ ବର୍ତ୍ତମାନ ଆମ ଦେଶ ରେ ପାଖା ପାଖି ୫ କୋଟି ରୁ ଅଧିକ ମାମଲା ବିଭିନ୍ନ କୋର୍ଟରେ ବିଚାରଧୀନ ଅଛି । ଭାରତ ର ସର୍ବୋଚ୍ଚ ଅଦାଲତ ସୁପ୍ରିମକୋର୍ଟ ରେ ୬୯୦୦୦ ରୁ ଅଧିକ ମାମଲା ଏବେବି ବିଚାରଧୀନ ଅଛି । ଏହା ବ୍ୟତୀତ ଆମ ଦେଶର ୨୫ ଟି ହାଇକୋର୍ଟ ରେ ୫୯ ଲକ୍ଷ ମାମଲା ଏବେବି ବିଚାରଧୀନ ଅଛି । ଏହିସବୁ ମାମଲାର ତୁରନ୍ତ ବିଚାର ପାଇଁ ଆମ ସରକାରଙ୍କ ପକ୍ଷରୁ କୌଣସି ଆଖି ଦୃଶିଆ ପଦକ୍ଷେପ ଗ୍ରହଣ କରାଯାଇ ନାହିଁ । ଏହା ଅତ୍ୟନ୍ତ ଦୁର୍ଭାଗ୍ୟ ଓ ବିଡ଼ମ୍ବନାର ବିଷୟ । ଆମ ବ୍ୟବସ୍ଥା ର ତ୍ରୁଟି ପାଇଁ ଲକ୍ଷ ଲକ୍ଷ ଗରିବ ଓ ମଧ୍ୟବିତ୍ତ ସାଧାରଣ ଜନତା ନ୍ୟାୟ ପାଇବାରୁ ବଞ୍ଚିତ ହେଉଛନ୍ତି । ଦିନକୁ ଦିନ ସାଧାରଣ ଜନତା ଆମ ସରକାର, ପ୍ରଶାସନ ଏବଂ ନ୍ୟାୟ ବ୍ୟବସ୍ଥା ଉପରୁ ଆସ୍ଥା ହରାଉଛନ୍ତି ।

ରାଜଧାନୀ ଭୁବନେଶ୍ୱର ଏବଂ ବ୍ୟସ୍ତବହୁଳ ସର୍ବପୁରାତନ କଟକ ସହରକୁ ଅପରାଧୀ ଏବଂ ଅସାମାଜିକ ବ୍ୟକ୍ତିଙ୍କ କବଳରୁ ମୁକ୍ତ କରିବା ପାଇଁ ଓଡିଶା ସରକାର ୨୦୦୮ରେ କମିଶନରେଟ ପୁଲିସ କଟକ ଓ ଭୁବନେଶ୍ୱରରେ କାର୍ଯ୍ୟକ୍ରମ ହୋଇଥିଲା । କମିଶନରେଟ ପୁଲିସର ଅଫିସିଆଲ ଲୋଗୋରେ 'ଆମେ ଯତ୍ନବାନ -ଆମେ ସାହସୀ' ସ୍ଲୋଗାନ ସ୍ଥାନିତ ହୋଇଛି । କିନ୍ତୁ ନେତା, ମନ୍ତ୍ରୀ, ରାଜନୈତିକଦଳର ବ୍ୟକ୍ତିବିଶେଷ ଏବଂ ତାଙ୍କର ଛତ୍ରଛାୟାରେ ଗଢି ଉଠିଥିବା ଅସାମାଜିକ ତତ୍ତ୍ୱ, ଗୁଣ୍ଡା, କ୍ରିମିନାଲ,ଅପରାଧୀ, ଗ୍ୟାଙ୍ଗଷ୍ଟାର ଭଳି ପ୍ରଭାବଶାଳୀ କୋଟିପତି ଯେଉଁମାନେ ବିଭିନ୍ନ ଅପରାଧ ଯେପରି ଧର୍ଷଣ, ଗଣଧର୍ଷଣ, ହତ୍ୟା,ଲୁଣ୍ଠନ, ଦଙ୍ଗା, ଗ୍ୟାଙ୍ଗୱ୍ୱାର,ଡକାୟତି ଭଳି ଜଘନ୍ୟ କାର୍ଯ୍ୟରେ ସଂଶିଷ୍ଟ ସେମାନଙ୍କ ବିରୁଦ୍ଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ନେବାରେ କମିଶନରେଟ ପୁଲିସ ପଛଘୁଞ୍ଚା ଦେଉଛି । ଏହା ଅତ୍ୟନ୍ତ ଦୁର୍ଭାଗ୍ୟ ଓ ବିଡମ୍ବନାର ବିଷୟ । କେତେକ ଅସାଧୁ ଭ୍ରଷ୍ଟାଚାରୀ ପୋଲିସ ଅଫିସର ମାନଙ୍କ ସହିତ ଅପରାଧୀ ଅସାମାଜିକ ବ୍ୟକ୍ତିଙ୍କ ମଧୁଚନ୍ଦ୍ରିକା ରହିଥିବାର ବାରମ୍ବାର ଅଭିଯୋଗ ହୁଏ ଏବଂ ଅନେକାଂଶରେ ଏହା ସତ୍ୟ ପ୍ରମାଣିତ ହୁଏ । କମିଶନରେଟ ପୁଲିସ ଅଣ୍ଡରରେ ଏବେ କଟକ ଓ ଭୁବନେଶ୍ୱରର ୪୩ଟିପୁଲିସ ଷ୍ଟେସନ କାର୍ଯ୍ୟ କରୁଛି । ଓଡିଶା ସରକାରଙ୍କ ଗୃହ ରାଜ୍ୟମନ୍ତ୍ରୀ ବିଧାନସଭାରେ ଦେଇଥିବା ତଥ୍ୟ ଅନୁସାରେ ୨୦୨୧ରେ ୧,୫୫୪୨୦ଟି ମାମଲା କମିଶନରେଟ ପୁଲିସ ପଞ୍ଜିକୃତ କରିଥିଲା ଏବଂ ୨୦୨୨ରେ ଏହା ରେକର୍ଡ ସ୍ତର ରେ ପହଞ୍ଚିଥିଲା ଯାହାକି ୧,୭୮୧୯୦ଟି ମାମଲା । ଏହି ରିପୋର୍ଟ ଅତ୍ୟନ୍ତ ଚିନ୍ତାଜନକ ଥିଲା ।

ଏହିଭଳି ପରିସ୍ଥିତିର ବାରମ୍ବାର ପୁନରାବୃତ୍ତି ଘଟିଲେ ଏହା ଆମ ସ୍ମାର୍ଟ ସିଟି ରାଜଧାନୀ ଭୁବନେଶ୍ୱର ଓ କଟକ ସହର କ୍ରାଇମ୍ କ୍ୟାପିଟାଲରେ ପରିଗଣିତ ହେବ ।ନ୍ୟାସନାଲ କ୍ରାଇମ ରେକର୍ଡ ବ୍ୟୁରର ୨୦୨୧ତଥ୍ୟ ଅନୁସାରେ ଅପରାଧୀ ମାନଙ୍କ ବିରୁଦ୍ଧରେ ଚାର୍ଜସିଟ ଫାଇଲ କରିବାରେ ଆମ ରାଜ୍ୟ ଓଡିଶା ଅନ୍ୟ ରାଜ୍ୟ ତୁଳନାରେ ବହୁ ପଛରେ ରହିଛି । ଓଡିଶାର କନଭିକସନ ରେଟ ମାତ୍ର ୧୧.୨% ରହିଛି । ଏହା ଅତ୍ୟନ୍ତ ନୈରାଶ୍ୟଜନକ ଅଟେ । ଓଡିଶା ହାଇକୋର୍ଟଙ୍କ ଅଫିସିଆଲ ଡାଟା ଅନୁସାରେ ୦୯-ସେପ୍ଟେମ୍ବର -୨୩ ସୁଦ୍ଧା ସମୁଦାୟ ୧,୪୫୨୮୧ଟି ମାମଲା ହାଇକୋର୍ଟରେ ବିଚାର ନହୋଇ ଏବେବି ପଡିରହିଛି । ବିଭିନ୍ନ କୋର୍ଟରେ ବିଚାରଧୀନ ମାମଲା ଆମରାଜ୍ୟ ଓଡିଶାରେ ୯୮.୭% । ୨୦୨୧ରେ ପଞ୍ଜିକୃତ ହୋଇଥିବା ମାମଲା ମଧ୍ୟରୁ ୬,୯୫,୧୯୮ଟି ମାମଲା ଏବେବି ବିଚାର ନହୋଇ ପଡ଼ିରହିଛି । ସେହି ମାମଲା ଗୁଡ଼ିକର ଟ୍ରାଇଲ ଆଜି ପ୍ରଯ୍ୟନ୍ତ ଆରମ୍ଭ ହୋଇନାହିଁ । ଏପରି ଅନେକ ଘଟଣା ଯାହାକି ପୁଲିସର କାର୍ଯ୍ୟଦକ୍ଷତା ଏବଂ ପାରିବାପଣିଆ ଉପରେ ଗମ୍ଭୀର ପ୍ରଶ୍ନବାଚୀ ସୃଷ୍ଟି କରିଛି । ଗତ କିଛି ବର୍ଷ ହେବ ଆମ ସ୍ମାର୍ଟସିଟି ରାଜଧାନୀ ଭୁବନେଶ୍ୱରରେ ଅସାମାଜିକ ବ୍ୟକ୍ତି,ମଦ୍ୟପ, ପେଶାଦାର ଦୃଦାନ୍ତ ଅପରାଧୀ ଓ ଡକାୟତ ମାନଙ୍କର ଭୂସ୍ୱର୍ଗ ପାଲଟିଛି । ସେମାନେ ଅତ୍ୟନ୍ତ ଚତୁରତାର ସହ ବେଫିକର ହୋଇ ଅପରାଧ ଘଟାଇ ଫେରାର ହୋଇଯାଉଛନ୍ତି । ଏପରିକି ରାଜଧାନୀରେ ଏବେ ଅସାମାଜିକ ବ୍ୟକ୍ତିଙ୍କ ପାଦୁର୍ଭାବ ଏତେ ମାତ୍ରାରେ ବଢ଼ିଯାଇଛି ସେମାନେ ଏବେ ପୁଲିସ ଅଫିସରମାନଙ୍କୁ ମଧ ଆକ୍ରମଣ କରିବାକୁ ପଛଘୁଞ୍ଚା ଦେଉନାହାନ୍ତି ।

ହକି ବିଶ୍ୱକପ ଅବ୍ୟାହତି ପୂର୍ବରୁ ଘଟିଥିଲା ଏକ ଅଭାବନୀୟ ଘଟଣା । ଭୁବନେଶ୍ୱର ମହିଳା ଥାନାରେ ଥିବା ସବ୍‌ଇନସ୍ପେକ୍ଟର ଶୁଭଶ୍ରୀ ନାୟକ ଡ୍ୟୁଟି ସାରି ଆଚାର୍ଯ୍ୟ ବିହାର ସାଇନ୍ସ ପାର୍କ ପାର୍ଶ୍ୱରେ ଥିବା ରିଜର୍ବ ଅଫିସ କ୍ୱାଟର୍ସକୁ ଫେରୁଥିଲେ । ସେତେବେଳେ ରାତି ୧:୩୦ ହୋଇଥିଲା । ସେହି ସମୟରେ ଇନୋଭା ଗାଡିରେ ଥିବା ୩ଜଣ ଅସାମାଜିକ ବ୍ୟକ୍ତି ତାଙ୍କୁ ପିଛା କରିଥିଲେ ଏବଂ ଅସଭ୍ୟ ଭାଷାରେ ଗାଳିଗୁଲଜ କରିଥିଲେ । ଗାଡିରେ ଥିବା ୩ଜଣ ଅସାମାଜିକ ବ୍ୟକ୍ତି ମଧ୍ୟରୁ ଜଣେ ଖଣ୍ଡା ଧରି ଚିତ୍କାର କରିଥିଲା । ପ୍ରାଣ ବିକଳରେ ସେହି ମହିଳା ଅଫିସର ସାହାଯ୍ୟ ପାଇଁ ନିଜର ସ୍ୱାମୀ ଓ ଭାଇଙ୍କୁ ଡାକିଥିଲେ । ଏବେ କିଛିଦିନ ପୂର୍ବରୁ ଏୟାରଫିଲଡ ଥାନା ଅଞ୍ଚଳରେ ଗୋଟିଏ ଦିନରେ ୩ଟି ହୃଦୟ ବିଦାରକ ଘଟଣା ପୁଣି ଥରେ କମିଶନରେଟ ପୁଲିସର କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନଚିହ୍ନ ଲଗାଇଛି । ଯୌତୁକ ପାଇଁ ଜଣେ ନିରୀହ ବଧୂ ଉପରେ ବର୍ବରତା ଓ ନିଷ୍ଠୁରତାର ସହ ହତ୍ୟା କରାଯାଇଛି । ଆଉ ଜଣେ ଅସାମାଜିକ ବ୍ୟକ୍ତି ୪ବର୍ଷର ଶିଶୁ କନ୍ୟାକୁ ବର୍ବରତାର ସହ ଦୁଷ୍କର୍ମ କରିବା ପରେ ଅତି ଜଘନ୍ୟ ଭାବେ ତଣ୍ଟିକାଟି ହତ୍ୟା କରିଥିଲା । ଏହା ଅତ୍ୟନ୍ତ ହୃଦୟ ବିଦାରକ ଓ ଲୋମହର୍ଷଣକାରୀ ଘଟଣା । ଆଉ ଜଣେ ବ୍ୟକ୍ତି ଯିଏକି ସଦାସର୍ବଦା ନିଶାଦ୍ରବ୍ୟ ସେବନ କରେ, ସେ ନିଜର ପ୍ରେମିକାକୁ ହତ୍ୟା କରି ଝୁଲାଇ ଦେଇଥିଲା । ଗୋଟିଏ ଦିନରେ ଭୁବନେଶ୍ୱର ଏୟାରଫିଲଡ୍ ଅଞ୍ଚଳରେ ତିନିଜଣ ମହିଳାଙ୍କୁ ହତ୍ୟା କମିଶନରେଟ ପୁଲିସର ଦାୟିତ୍ୱହୀନତା ଓ କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନଚିହ୍ନ ଲଗାଇଛି ।

ତେଣୁ ସମୟ ଆସିଛି ଆମ ସରକାର ଏବଂ ପୁଲିସ ପ୍ରଶାସନ ଅପରାଧୀଙ୍କ ବିରୁଦ୍ଧରେ ଦୃଷ୍ଟାନ୍ତମୂଳକ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ତତ୍ପରତା ଓ ସମ୍ବେଦନତା ପ୍ରକାଶ କରନ୍ତୁ । ସମସ୍ତଙ୍କ ମିଳିତ ଉଦ୍ୟମରେ ଏହା ସମ୍ଭବ ହୋଇପାରିବ ଏଥିରେ ସନ୍ଦେହର କୌଣସି ଅବକାଶ ନାହିଁ । ଆମ ଭାରତୀୟ ଆଇନ ବ୍ୟବସ୍ଥାରେ ଏହା ଉଲ୍ଲେଖ ଅଛି ଯେ ଆଇନର ଉର୍ଦ୍ଧରେ କେହି ନୁହଁନ୍ତି । ଅପରାଧୀ ଯେତେବି ଶକ୍ତିଶାଳୀ, ପ୍ରଭାବଶାଳୀ, କ୍ଷମତାର ଅଧିକାରୀ ହୋଇଥିଲେବି ଆଇନି ଅନୁସାରେ ସେ ନିଶ୍ଚିତ ଦଣ୍ଡିତ ହେବେ । କିନ୍ତୁ ବାସ୍ତବରେ ଆମ ସମାଜରେ ଏହାର ବ୍ୟତିକ୍ରମ ପରିଲକ୍ଷିତ ହୁଏ । ଯାହା ପାଖରେ ଅଜସ୍ର ଅର୍ଥ, କ୍ଷମତା, ପଦପଦବୀ ଥାଏ ସେ ଆଇନକୁ ପ୍ରଭାବିତ କରିପାରେ । 'ପଣ୍ଡିତଙ୍କ ପୁଅ ମାଙ୍କଡ଼ ମାରିଲେ ଦୋଷ ନାହିଁ' ଏହି ଉକ୍ତି ସତ୍ୟ ପ୍ରମାଣିତ ହୁଏ । ଏବେ ଘଟିଥିବା ରେଞ୍ଜରୋଭର ଦୁର୍ଘଟଣା ମାମଲା ଏହାର ଜ୍ୱଳନ୍ତ ଉଦାହରଣ । କମିଶନରରେଟ ମୁଖ୍ୟାଳୟ ନିକଟ ପାୱାରହାଉସ ଛକରେ ପୂର୍ବତନ ମନ୍ତ୍ରୀ ନବଦାସଙ୍କ ପୁଅ ବିଶାଲ ଦାସଙ୍କ ରେଞ୍ଜରୋଭର ଗାଡି ଧକ୍କାରେ ଜଣେ ନିରୀହ ଯୁବତୀ ଲୋପାମୁଦ୍ରାଙ୍କ ଜୀବନ ପ୍ରଦୀପ ଲିଭିଯାଇଛି ଏବଂ ଆଉ ଜଣେ ଅବସରପ୍ରାପ୍ତ ସିଆଇଏସଫ୍ ଯବାନ ଏବେ ଜୀବନ ମୃତ୍ୟୁ ସହ ସଂଗ୍ରାମ କରୁଛନ୍ତି । କିନ୍ତୁ ଅତ୍ୟନ୍ତ ବିଡମ୍ବନାର ବିଷୟ ଏହାକି କମିଶନରେଟ ପୁଲିସ ପ୍ରକୃତ ଦୋଷୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନେବାରେ ପଛଘୁଞ୍ଚା ଦେଉଛି ।

**ଗୋପାଳପୁର, ବାଲେଶ୍ୱର**
**ମୋବାଇଲ -୭୦୨୦୬୧୧୩୦୦**



**୫-ଟି' ଓ ନବୀନ ଓଡିଶା ଅଧ୍ୟକ୍ଷଙ୍କ ସମୀକ୍ଷା**

# ଗଙ୍ଗୁଆ ଓ ଦୟାର ସଂଯୋଗ ସ୍ଥାନରେ ହେବ ବିଶୋଧନ ପ୍ଲାଣ୍ଟ

**ଭୁବନେଶ୍ୱର :** ଦୟା ନଦୀ ପାଣିକୁ ପ୍ରଦୂଷଣମୁକ୍ତ ରଖାଯିବା ଉପରେ ୫ଟି ତଥା ନବୀନ ଓଡିଶାର ଅଧ୍ୟକ୍ଷ ଭି.କେ. ପାଣ୍ଡିଆନ ଗୁରୁତ୍ୱାରୋପ କରିଛନ୍ତି ଏବଂ ଏ ସମ୍ପର୍କରେ ତୁରନ୍ତ ପଦକ୍ଷେପ ଗ୍ରହଣ କରିବା ପାଇଁ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ନଗର ଉନ୍ନୟନ ବିଭାଗ ଏବଂ ଭୁବନେଶ୍ୱର ମହାନଗର ନିଗମକୁ ସେ ନିର୍ଦ୍ଦେଶ ଦେଇଛନ୍ତି। ଦୟା ନଦୀର ଜଳକୁ ବିଶୁଦ୍ଧ ରଖିବା ସଂକ୍ରାନ୍ତରେ ୫ଟି ତଥା ନବୀନ ଓଡିଶାର ଅଧ୍ୟକ୍ଷ ଭି.କେ. ପାଣ୍ଡିଆନଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ନିଆଯାଇଥିବା ନିଷ୍ପତ୍ତି ଅନୁଯାୟୀ ଭୁବନେଶ୍ୱର ମହାନଗର ନିଗମ ଅଞ୍ଚଳରେ ଥିବା ବିଭିନ୍ନ ପ୍ରତିଷ୍ଠାନର ଦୂଷିତ ଜଳକୁ ସ୍ୱେରେଜ ଲାଇନ୍ ସହିତ ସଂଯୋଗ କରିବା ପାଇଁ ବ୍ୟାଧତାମୂଳକ କରାଯାଇଛି। ଏହା ସହିତ ବିଏମ୍‌ସିର ସବୁ ଘର ଯେପରି ସ୍ୱେରେଜ ଲାଇନ୍




ସହିତ ଶୀଘ୍ର ସଂଯୁକ୍ତ ହୋଇପାରିବ ସେ ଦିଗରେ ମଧ୍ୟ ସଚେତନତା ସୃଷ୍ଟି କରିବାପାଇଁ ଶ୍ରୀ ପାଣ୍ଡିଆନ ନିର୍ଦ୍ଦେଶ ଦେଇଥିଲେ। ଭୁବନେଶ୍ୱରରେ ୱାଟ୍‌କୋ ପକ୍ଷରୁ ବିଭିନ୍ନ ଅଞ୍ଚଳରେ ସ୍ୱେରେଜ କାମ ଚାଲିଛି। ବିଭିନ୍ନ ଏଜେନ୍ସି ସହ ସମନ୍ୱୟ ରକ୍ଷାକରି କାମ କଲେ ଜନସାଧାରଣଙ୍କ ବିଶେଷ ଅସୁବିଧା ହେବ ନାହିଁ ବୋଲି ଶ୍ରୀ ପାଣ୍ଡିଆନ ମତଦେବା ସହିତ ସ୍ୱେରେଜ କାମ ତ୍ୱରାନ୍ୱିତ କରି ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ଶେଷ କରିବା ଏବଂ ବସ୍ତି ସମେତ ସହରର ସବୁ ଅଞ୍ଚଳ ଯେପରି ସ୍ୱେରେଜ ବ୍ୟବସ୍ଥା ସହିତ ସଂଯୁକ୍ତ ହେବ ସେଦିଗରେ ପଦକ୍ଷେପ ନେବା ପାଇଁ ଶ୍ରୀ ପାଣ୍ଡିଆନ ୱାଟ୍‌କୋକୁ ନିର୍ଦ୍ଦେଶ ଦେଇଥିଲେ। ଦୟା ନଦୀର ଜଳକୁ ବିଶୁଦ୍ଧ କରିବା ପାଇଁ ଦୟା ଓ ଗଙ୍ଗୁଆର ସଂଯୋଗ ସ୍ଥଳରେ ୱାଟ୍‌କୋ ପକ୍ଷରୁ ଅତ୍ୟାଧୁନିକ ବୈଷୟିକ ଜ୍ଞାନକୌଶଳଯୁକ୍ତ ଏକ ବିଶୋଧନ ପ୍ଲାଣ୍ଟ ନିର୍ମାଣ କରିବା ପାଇଁ ବୈଠକରେ ନିଷ୍ପତ୍ତି ହୋଇଥିଲା। ଭୁବନେଶ୍ୱର ସହରରେ ବିଭିନ୍ନ ଶିକ୍ଷାନୁଷ୍ଠାନ ମଧ୍ୟ ରହିଛି। ସେମାନଙ୍କର ବର୍ଜ୍ୟବସ୍ତୁ ଓ ଜଳର କିପରି ଉପଯୁକ୍ତ ବିଶୋଧନ କରାଯାଇପାରିବ ସେଥିପାଇଁ ଇଡ୍‌କୋ, ଷ୍ଟେଟ୍ ପଲ୍ୟୁସନ କଣ୍ଟ୍ରୋଲ ବୋର୍ଡ ଓ ବିଏମ୍‌ସି ପକ୍ଷରୁ ନିୟମିତ ଯାଞ୍ଚ କରାଯିବ। ଭୁବନେଶ୍ୱର ସହରର ବିଭିନ୍ନ ନର୍ଦ୍ଦମା ଜଳ ବିଶୋଧନ ପ୍ଲାଣ୍ଟରେ ପହଞ୍ଚିବା ପୂର୍ବରୁ ସେଗୁଡିକର ୱାଟ୍‌କୋ ଓ ଏସ୍‌ପିସିବି ପକ୍ଷରୁ ନିୟମିତ ବୈଷୟିକ ଯାଞ୍ଚ ପାଇଁ ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ଦୟା ନଦୀର ଜଳକୁ ବିଶୁଦ୍ଧ ରଖିବାପାଇଁ, ବିଏମ୍‌ସି ଅଞ୍ଚଳର ବର୍ଜ୍ୟବସ୍ତୁ ସୃଷ୍ଟିକାରୀ ଶିଳ୍ପ ତଥା ଅନ୍ୟ ପ୍ରତିଷ୍ଠାନଗୁଡିକ ଉପରେ ତୀକ୍ଷ୍ଣ ନଜର ରଖି ଏହାର ନିୟନ୍ତ୍ରଣ ପାଇଁ ପଦକ୍ଷେପ ନେବାକୁ ବିଏମ୍‌ସିକୁ ଶ୍ରୀ ପାଣ୍ଡିଆନ ନିର୍ଦ୍ଦେଶ ଦେଇଥିଲେ। ବିଡିଏର ଉପାଧ୍ୟକ୍ଷ ବଲୱନ୍ତ ସିଂ ଅଧ୍ୟକ୍ଷତାରେ ଗଠିତ ଦୟା ଟାସ୍କ ଫୋର୍ସ ଦୟା ନଦୀ ପାଣିକୁ ବିଶୁଦ୍ଧ ରଖିବା ପାଇଁ ବିଭିନ୍ନ ଏଜେନ୍ସି ସହିତ ସମନ୍ୱୟ ରଖି ପଦକ୍ଷେପ ନେଇଛି। ବୈଠକରେ ବଳବନ୍ତ ସିଂହ ନିଆ ଯାଇଥିବା ପଦକ୍ଷେପ ସମ୍ପର୍କରେ ଏକ ଉପସ୍ଥାପନା ଉପସ୍ଥାପିତ କରିଥିଲେ।

# ଶିଳ୍ପ ନଗରୀ ଚୌଦ୍ୱାରରେ ପ୍ରତିଷ୍ଠା ହେବ ନୂଆ ଶିଳ୍ପ

**କଟକ :** ପୁଣି ହସିବ ଶିଳ୍ପ ନଗରୀ ଚୌଦ୍ୱାର। ପୂର୍ବ ସ୍ଥିତିକୁ ଫେରିବ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକ ସ୍ୱପ୍ନର ନଗରୀ। ରାଜ୍ୟ ସରକାରଙ୍କ ପକ୍ଷରୁ ଆରମ୍ଭ ହେଲା ଉଦ୍ୟମ। ୩ହଜାର କୋଟି ନିବେଶ କରିବ ୱେଲ୍ ସ୍ୱନ୍ କମ୍ପାନୀ। ସ୍ୱାଧୀନ ପୂର୍ବ ଭାରତର କମ୍ପାନୀ ହେଉଛି ଓଡ଼ିଆ ଟେକ୍ସଟାଇଲ ମିଲ୍। ଇଂରେଜ ଶାସନକାଳରେ ୧୯୪୬ ମସିହା ଓଟିମକୁ ସ୍ଥାପନ କରିଥିଲେ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକ। ଯାହାର ଉତ୍ପାଦନ ୧୯୫୦ ମସିହାରେ ପ୍ରଥମେ ଆରମ୍ଭ ହୋଇଥିଲା। ୧୯୮୦ ଦଶକରେ ଓଟିମ୍ ସରକାରଙ୍କ ଅଧିନକୁ ଆସିଥିଲା। ଦୀର୍ଘ ବର୍ଷ ଚାଲିବା ପରେ ଏହି କାରଖାନା ୨୦୦୧ ଜୁଲାଇ ୩୧ ବିଧିବଦ୍ଧ ଭାବେ ବନ୍ଦ ହୋଇଯାଇଛି। କମ୍ପାନୀ ବନ୍ଦ ହେବା ପରେ ୪୦ ହଜାର ହଜାରରୁ ଉର୍ଦ୍ଧ୍ୱ ଶ୍ରମିକ ରୋଜଗାର ହରାଇଥିଲେ। କିନ୍ତୁ ପୁଣି ଏହି ଶିଳ୍ପ ନଗରୀକୁ ଫେରିଛି ଶିଳ୍ପ। ଯାହା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପାଇଁ ସମ୍ଭବ ହୋଇପାରିଛି। ରାଜ୍ୟ ସରକାରଙ୍କ ପ୍ରଚେଷ୍ଟାରେ ପୁଣି ଚୌଦ୍ୱାରରେ ୩ ହଜାର କୋଟି ନିବେଶ କରିବାକୁ ଯାଉଛି ୱେଲ୍ ସ୍ୱନ୍ କମ୍ପାନୀ। ନୂତନ ଶିଳ୍ପ ପ୍ରତିଷ୍ଠା ନେଇ କ୍ୟାବିନେଟରେ ମଞ୍ଜୁରୀ ହୋଇଥିବାରୁ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଛନ୍ତି ଚୌଦ୍ୱାରବାସୀ। ଏସିଆ ମହାଦେଶର ସର୍ବବୃହତ୍ତ କପଡା କାରଖାନା ଏବେ ପୁନଃଜୀବିତ ହେବ। ୫୦ ଦଶକରେ ଏହି କମ୍ପାନୀରେ ମୋଟ ୯ ହଜାରରୁ ଉର୍ଦ୍ଧ୍ୱ ଶ୍ରମିକ କାମ କରୁଥିଲେ। ପରବର୍ତ୍ତୀ ପର୍ଯ୍ୟାୟରେ ଅଟୋ ମେସିନ୍ ହେବା ପରେ ଶ୍ରମିକଙ୍କ ସଂଖ୍ୟା ୪ ହଜାର ଥିଲା। ଏହି କମ୍ପାନୀର ୬୦ ପ୍ରତିଶତ ମାଲ୍ ବିଦେଶକୁ ରପ୍ତାନି ହେଉଥିବା ବେଳେ ରାଜ୍ୟର ଏକ ପ୍ରମୁଖ ଶିଳ୍ପାନୁଷ୍ଠାନର ମାନ୍ୟତା ପାଇଥିଲା। ୫ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ଚୌଦ୍ୱାର ଗସ୍ତ ସମୟରେ ସ୍ଥାନୀୟ ଲୋକ, ପ୍ରତିନିଧି ସମସ୍ୟା ବିଷୟରେ ଅବଗତ କରାଇଥିଲେ। କ୍ୟାବିନେଟ୍ ସ୍ତରରେ ଆଲୋଚନା ପରେ ଚୌଦ୍ୱାରରେ ପୁଣି ନୂତନ ଶିଳ୍ପକୁ ନେଇ ଆଶା ସଞ୍ଚାର ହୋଇଛି।

# ପଦାରେ ପଡ଼ିଲା ଝୋଟ ଚାଷୀଙ୍କ ପ୍ରତି କେନ୍ଦ୍ରର ଅବହେଳା

**ଭୁବନେଶ୍ୱର :** ପଦାରେ ପଡ଼ିଲା ଝୋଟ ଚାଷୀଙ୍କ ପ୍ରତି କେନ୍ଦ୍ରର ଅବହେଳା। ଜୁଟ କର୍ପୋରେସନ୍ ଅଫ ଇଣ୍ଡିଆ ବନ୍ଦ କରି ଦେଇଛି ବାଲିଆପାଳ ଝୋଟ ପ୍ରୋକିୟୋରମେଣ୍ଟ ସେଣ୍ଟର। ଫଳରେ ଝୋଟ ସଂଗ୍ରହରେ ବଧା ଉପୁଜି ଚାଷୀ ହସ୍ତସନ୍ତ ହେଉଛନ୍ତି। ଏନେଇ ଜୁଟ କର୍ପୋରେସନ ଅଫ ଇଣ୍ଡିଆ ସହ କୃଷି ମନ୍ତ୍ରୀ ରଣେନ୍ଦ୍ର ସ୍ୱାଇଁ ଗୁରୁତ୍ୱପୂର୍ଣ୍ଣ ବୈଠକ ବସିଥିଲା। ସେପଟେ ବାଲିଆପାଳରେ ଝୋଟ ପ୍ରୋକିୟୋରମେଣ୍ଟ ସେଣ୍ଟର ଖୋଲିବାକୁ ଜେସିଆଇକୁ ପ୍ରସ୍ତାବ ଦେଇଛନ୍ତି କୃଷି ମନ୍ତ୍ରୀ। ହେଲେ ଜେସିଆଇ ପାଖରୁ ମିଳିନି ସନ୍ତୋଷଜନକ ଉତ୍ତର। କଟକ, ଜଗତସିଂହପୁର, କେନ୍ଦ୍ରାପଡ଼ା, ଯାଜପୁର, ଢେଙ୍କାନାଳ, ଭଦ୍ରକ ଓ ବାଲେଶ୍ୱର, ମୟୂରଭଞ୍ଜ। ଓଡ଼ିଶାର ଏହି ୮ଜିଲ୍ଲାରେ ହୁଏ ଝୋଟ ଚାଷ। ହେଲେ ୨୦୦୮ରୁ ବନ୍ଦ ପଡ଼ିଛି ବାଲେଶ୍ୱର ଜିଲ୍ଲା ବାଲିଆପାଳ ଝୋଟ ପ୍ରୋକିୟୋରମେଣ୍ଟ ସେଣ୍ଟର। କେନ୍ଦ୍ର ସରକାରଙ୍କ ଅଧୀନସ୍ଥ ଜୁଟ କର୍ପୋରେସନ୍ ଅଫ ଇଣ୍ଡିଆ ଏହାକୁ ବନ୍ଦ କରି ଦେଇଛି। ଏଥିପାଇଁ ହଜାର ହଜାର ଚାଷୀ ପ୍ରଭାବିତ



ହେଉଛନ୍ତି। ସେମାନଙ୍କୁ ୧୨୦କିଲୋମିଟର ଦୂର ଭଦ୍ରକ ଆସି ପ୍ରକ୍ରିୟାକରଣ କେନ୍ଦ୍ରରେ ଝୋଟ ଦେବାକୁ ପଡୁଛି। ଏଥିପାଇଁ ସେମାନେ ଆର୍ଥିକସ୍ତରରେ କ୍ଷତି ସହୁଛନ୍ତି। ଏହାକୁ ତୁରନ୍ତ ପୁନଃକାର୍ଯ୍ୟକ୍ଷମ କରିବାକୁ ଜରୁରିକାଳୀନ ବୈଠକରେ ଜୁଟ କର୍ପୋରେସନ୍ ଅଫ ଇଣ୍ଡିଆ ପାଖରେ ପ୍ରସ୍ତାବ ରଖିଛନ୍ତି ରାଜ୍ୟ ସରକାର। ସେହିପରି ନୂଆ ଫାର୍ମ ମେକାନାଇଜେସନ୍, ଇଣ୍ଟର କ୍ରପିଂ, ସଠିକ୍ ଏମଏସପିରେ ଝୋଟ କିଣା, ଦ୍ୱିଗୁଣ ଚାଷ, ଋଣ ଉପରେ ବି ଗୁରୁତ୍ୱ ଦେବାକୁ କେନ୍ଦ୍ର ସହ ବୈଠକରେ ଆଲେଚନା ହୋଇଛି। କାରଣ କେନ୍ଦ୍ର ଦ୍ୱାରା ନିର୍ଦ୍ଧାରିତ କ୍ୱିଣ୍ଟାଲ ପିଛା ୫୦୫୦ ଟଙ୍କା ଏମଏସପି ଝୋଟ ଚାଷୀଙ୍କ ପାଇଁ ପର୍ଯ୍ୟାପ୍ତ ହେଉନି। ଝୋଟ କର୍ପୋରେସନ୍ ଅଫ ଇଣ୍ଡିଆ କଥାରୁ ଟାଳଟୁଳ ନୀତି ସ୍ପଷ୍ଟ ବାରି ହେଉଛି। ଏନେଇ କେନ୍ଦ୍ର ଟେକ୍ସଟାଇଲ ମନ୍ତ୍ରଣାଳୟକୁ ଅବଗତ କରିବା ଉପରେ ଜୋର ଦେଉଛି ଜେସିଆଇ। ହେଲେ ବାଲିଆପାଳ ଝୋଟ ପ୍ରୋକିୟୋରମେଣ୍ଟ ସେଣ୍ଟର ଖୋଲିବା ନେଇ ସେମାନେ କୌଣସି ସ୍ପଷ୍ଟ ଉତ୍ତର ଦେଉନାହାନ୍ତି। କେବଳ ସମବାୟ ସଂସ୍ଥା ଜରିଆରେ ଏହାକୁ ଚଳାଇବାକୁ ଚିନ୍ତା କରାଯାଉଥିବା ମତ ଦେଉଛି ଜେସିଆଇ। ଝୋଟ ଚାଷରେ ପଶ୍ଚିମବଙ୍ଗ ଏକ ନମ୍ବରରେ ରହିଛି। ଓଡ଼ିଶାର ୮ ଜିଲ୍ଲାର ୭ହଜାର ହେକ୍ଟର ଜମିରୁ ଏକ ଲକ୍ଷ ୭୦ ହଜାର କ୍ୱିଣ୍ଟାଲ ଝୋଟ ଚାଷ ହେଉଛି। ରାଜ୍ୟରେ ବାଲେଶ୍ୱର ରୁପସା ଝୋଟକଳ ଓ ଢେଙ୍କାନାଳ କଳିଙ୍ଗ ଝୋଟ କଳ ରହିଛି। ଏହି ସଂଖ୍ୟା ବୃଦ୍ଧି କରି ପଶ୍ଚିମବଙ୍ଗ ପରି ବ୍ୟାପକ କପା ଚାଷ କରିବା ପାଇଁ ସ୍ୱୀକୃତିପ୍ରାପ୍ତ ନୂଆ ବିହନ, ଲାଇନ୍ ସ୍ୱିଇଂ ଓ ରେଟିଂ ଆକ୍ସିଲେଟର ବ୍ୟବସ୍ଥା କରିବା ଦିଗରେ କାମ କରିବାକୁ ଯାଉଛନ୍ତି ରାଜ୍ୟ ସରକାର।

**ଆହୁରି ଶୃଙ୍ଖଳିତ ହେବ ଜଗା ଦର୍ଶନ**

# ଟନେଲ ନୁହେଁ, ହେବ ସେଡ୍ ବ୍ୟବସ୍ଥା


**ପୁରୀ :** ଆହୁରି ଶୃଙ୍ଖଳିତ ହେବ ଜଗା ଦର୍ଶନ। ଶ୍ରୀକ୍ଷେତ୍ରରେ ଶ୍ରଦ୍ଧାଳୁଙ୍କୁ ମିଳିବ ସର୍ବୋତ୍ତମ ସୁବିଧା। ଟନେଲ ନୁହେଁ, ଭକ୍ତଙ୍କ ପାଇଁ ନିର୍ମାଣ ହେବ ସେଡ୍। ଏଥିପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ବଡ଼ଦାଣ୍ଡରେ ଟେନ୍ସିଲ ଫାବ୍ରିକ ଶୀତତାପ ନିୟନ୍ତ୍ରିତ ସେଡେଡ ଚଲାପଥ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି। ମରିଚିକୋଟ ଛକ ଠାରୁ ପାପୁଡ଼ିଆ ମଠ ପର୍ଯ୍ୟନ୍ତ ଉଠାଦୋକାନୀଙ୍କୁ ଖାଲି କରାଯାଇଛି। ପ୍ରାଥମିକ ପର୍ଯ୍ୟାୟରେ ୮୪ ମିଟର ଲମ୍ବର ଏହି ଚଲାପଥ ୧୨ ମିଟର ଚଉଡା ରହିବା ସହିତ ଏଥିରେ ୧୦ଟି ଧାଡି ରହିବ। ପ୍ରତି ଧାଡିରେ ଭକ୍ତଙ୍କ ସୁବିଧାକୁ ନଜରରେ ରଖି ବସିବାର ବ୍ୟବସ୍ଥା ସହ ପିଇବା ପାଣି, ଆଲୋକ



ତଥା ଶୀତତାପ ବ୍ୟବସ୍ଥା ରହିବ। ସାଧାରଣ ଭକ୍ତଙ୍କ ଭିଡ଼କୁ ନଜରରେ ରଖି ପ୍ରଶାସନ ପକ୍ଷରୁ ଏପରି ବ୍ୟବସ୍ଥା ଗ୍ରହଣ କରାଯାଇଥିବା ବେଳେ ବିସ୍ଥାପିତ ହୋଇଥିବା ଉଠାଦୋକାନୀ ମାନେ ସେମାନଙ୍କ ପାଇଁ ବ୍ୟବସ୍ଥା କରିବାକୁ ନିବେଦନ କରିଛନ୍ତି। ଯାତ୍ରୀ ଓ ଗମନା ଗମନ ସୁବିଧା ନେଇ ପ୍ରଶାସନ ପକ୍ଷରୁ ନିଆଯାଇଥିବା ଏପରି ପଦକ୍ଷେପକୁ ସାଧାରଣରେ ସ୍ୱାଗତ କରାଯାଇଛି। ବ୍ୟାରିକେଡ ତୁଳନାରେ ସେଡ଼ରେ ରହିବ ଅନେକ ସୁବିଧା। ଯାହାକୁ ନେଇ ପର୍ଯ୍ୟଟକ ସ୍ୱାଗତ କରିବା ସହ ଏପରି ଏକ ଅଭିନବ ପରିକଳ୍ପନାକୁ ପ୍ରଶଂସା କରିଛନ୍ତି। ତେବେ ଏହି ନୂତନ ସେଡ଼ ନିର୍ମାଣ ଦ୍ୱାରା ବଡ଼ଦାଣ୍ଡ ପାର୍ଶ୍ୱରେ ଥିବା ଦୋକାନୀ ଯେପରି ବିଶେଷ ପ୍ରଭାବିତ ନ ହୁଅନ୍ତି ସେ ଦିଗରେ ଧ୍ୟାନ ଦେବାକୁ ମତ ପ୍ରକାଶ ପାଇଛି। ଶ୍ରୀକ୍ଷେତ୍ରର ବିକାଶ ତଥା ଭକ୍ତ ଓ ଶ୍ରଦ୍ଧାଳୁଙ୍କ ସୁବିଧା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ କରାଯାଉଥିବା ଏହି ଶୀତତାପ ସେଡେଡ଼ ଚଲାପଥ ବଡଦାଣ୍ଡର ଡ୍ରେନ ଠାରୁ ପ୍ରାୟ ୫ମିଟର ପରେ ନିର୍ମାଣ ହେଉଛି।

# ଯୁବ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ

**ପଡ଼ିଆ :** ପଡ଼ିଆ ଆଞ୍ଚଳିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ ପରମାନନ୍ଦ ମହାପାତ୍ରଙ୍କ ନେତୃତ୍ୱରେ ଯୁବ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ପଡ଼ିଆ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅଭିମନ୍ୟୁ କବି ଶତପଥୀ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ପୂର୍ବତନ ସାଂସଦ ପ୍ରତିନିଧି ଏନ୍ ନୁକାଲ ରାଜୁ, ପୂର୍ବତନ ସରପଞ୍ଚ ସତ୍ୟନାରାୟଣ ମାଝୀ, ସମାଜ ସେବୀ ଏନ୍ ଡଃ ରାଘବ ରାଓ, ବରିଷ୍ଠ ନାଗରିକ ଦେବେନ୍ଦ୍ର ରାଓ ପ୍ରମୁଖ ଯୋଗ ଦେଇଥିଲେ। ଉଦ୍‌ଘାଟନୀ ଅବସରରେ ଅଧ୍ୟକ୍ଷ ପରମାନନ୍ଦ



ମହାପାତ୍ର ସଭାପତିତ୍ୱ କରିଥିଲେ। ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମରେ ଯୁବକମାନଙ୍କୁ ଉତ୍ସାହିତ ଏବଂ ନୂତନ ଓଡ଼ିଶା ନବୀନ ଓଡ଼ିଶା ଉପରେ ବ୍ୟକ୍ତିତ୍ୱ ରଖିଥିଲେ। ଯୋଗ ଦେଇଥିବା ଅତିଥି ମାନେ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ନବୀନ ଓଡ଼ିଶାର ସ୍ୱପ୍ନ କିପରି ସାକାର ହେବ ଛାତ୍ରଛାତ୍ରୀ ମାନଙ୍କୁ ପ୍ରେରଣା ଦେଇଥିଲେ। ୮ ଦିନ ଧରି ଏହି କାର୍ଯ୍ୟକ୍ରମ କରାଯିବ। ଆସନ୍ତା ୧୩ ତାରିଖ ରେ ଉଦଯାପନୀ ଉତ୍ସବ ପାଳନ କରାଯିବ ବୋଲି ଅଧ୍ୟକ୍ଷ ମହାପାତ୍ର କହିଛନ୍ତି।

**କମିଶନରେଟ ପୋଲିସକୁ ବଡ଼ ସଫଳତା**

# ଦୋଷୀ ସାବ୍ୟସ୍ତରେ ସର୍ବକାଳୀନ ରେକର୍ଡ

**ଭୁବନେଶ୍ୱର :** ୨୦୨୩ରେ କମିଶନରେଟ ପୋଲିସକୁ ବଡ଼ ସଫଳତା। ଦୋଷୀ ସାବ୍ୟସ୍ତରେ ସର୍ବକାଳୀନ ରେକର୍ଡ କରିଛି କମିଶନରେଟ ପୋଲିସ। ସାକ୍ଷୀ ସୁରକ୍ଷା, ଉଚ୍ଚକୋଟୀର ତଦନ୍ତ, ଉତ୍ତମ ଜ୍ଞାନ କୌଶଳକୁ ଡିସିପି ଗୁରୁତ୍ୱ ଦେଉଥିବା ବେଳେ ଟୁଇନସିଟିରେ ୧୦୯ ମାମଲାରେ ଦଣ୍ଡବିଧାନ ହୋଇଛି। ଟୁଇନସିଟିରେ ଦଣ୍ଡବିଧାନ ହାର ବଢ଼ିଲା ୬୨୫ ପ୍ରତିଶତ। ଡିସେମ୍ବର ୧ ସୁଦ୍ଧା ୧୦୯ ମାମଲାର ସରିଲା ଦଣ୍ଡ ବିଧାନ। ଭୁବନେଶ୍ୱରରେ ୬୩, କଟକରେ ୪୬ଟି ମାମଲାରେ ଦଣ୍ଡବିଧାନ। ତ୍ୱରିତ ତଦନ୍ତ, ସଠିକ ସମୟରେ ଚାର୍ଜସିଟ ଦାଖଲ ଯୋଗୁଁ ଅପରାଧୀଙ୍କ ସଜା ହାର ବଢ଼ିଛି। ଦ୍ୱୈତ ନଗରୀରେ ୨୦୨୩ ମସିହାରେ ୧୦୯ ମାମଲାରେ ଦଣ୍ଡବିଧାନ ହୋଇଛି। ଭୁବନେଶ୍ୱରରେ ୬୩ ଓ କଟକରେ ୪୬ ଟି ମାମଲାର ଶୁଣାଣି ହୋଇଛି। ୪ଟି ହତ୍ୟା, ୨ ଟି ଦୁଷ୍କର୍ମ ମାମଲାରେ ଭୁବନେଶ୍ୱର ପୋଲିସ ସଜା ଶୁଣାଇଛି। ହତ୍ୟା ମାମଲାରେ ରାମମୂର୍ତ୍ତି ଗାମାଙ୍ଗଙ୍କୁ ସଜା ହୋଇଛି। ଆନ୍ତଃରାଜ୍ୟ ଇରାନୀ ଗ୍ୟାଙ୍ଗ, ବାୱରିଆ ଗ୍ୟାଙ୍ଗ, ଗାଡି କାଚ ଭାଙ୍ଗି ଲୁଟୁଥିବା ଗ୍ୟାଙ୍ଗକୁ ସଜା ଶୁଣାଯାଇଛି। ଆଉ କିଛି ବଡ଼ ଧରଣର ଅପରାଧିକ ମାମଲାର ଶୁଣାଣି ପ୍ରକ୍ରିୟା ଅଦାଲତରେ ଚାଲୁ ଥିବା କହିଛନ୍ତି ଡିସିପି। ମାମଲା ଗୁଡିକର ତ୍ୱରିତ ବିଚାର ପାଇଁ ତଦନ୍ତକାରୀ ଅଧିକାରୀ, ସରକାରୀ ଆଇନଜୀବୀ, ସାକ୍ଷୀମାନଙ୍କ ସହ ସମନ୍ୱୟ ରକ୍ଷା ଦିଗରେ ଗୁରୁତ୍ୱ ଦିଆଯାଇଛି। ସଠିକ ପ୍ରମାଣ ସଂଗ୍ରହ ଓ କୋର୍ଟରେ ଚାର୍ଜସିଟ ଦାଖଲ କରିବାକୁ ତଦନ୍ତକାରୀ ଅଧିକାରୀଙ୍କ ଫୋକସ ରହୁଛି। କୋର୍ଟରେ ଟ୍ରାଏଲ ଉପରେ ନଜର ରଖିବା ଓ ଆବଶ୍ୟକୀୟ ନଥିପତ୍ରର ବ୍ୟବସ୍ଥା ପାଇଁ ନୋଡାଲ ଅଧିକାରୀଙ୍କୁ ନିଯୁକ୍ତ କରାଯାଇଛି। କେବଳ କ୍ରାଇମ ଡିଟେକ୍ସନ ନୁହେଁ, ବରଂ ଏଭିଡ଼େନ୍ସକୁ ଗୁରୁତ୍ୱ ଯୋଗୁ ପେଶାଦାର ଅପରାଧୀଙ୍କ କାର୍ଯ୍ୟକଳାପ କମୁଥିବା ଦେଖାଯାଉଛି।

# ପରିବାର ନିୟୋଜନରେ ଯୋଡ଼ି ହେଲା ଦୁଇ ନୂଆ ଗର୍ଭ ନିରୋଧକ

**ଭୁବନେଶ୍ୱର :** ନୂଆ ଗର୍ଭନିରୋଧକ ପଦ୍ଧତି ଆସିବ। ରାଜ୍ୟ ପରିବାର ନିୟୋଜନରେ ଦୁଇ ନୂଆ ଗର୍ଭନିରୋଧକ ଯୋଡି ହୋଇଯାଇଛି। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଭୁବନେଶ୍ୱରରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଏହାର ଉନ୍ମୋଚନ ହୋଇଛି। ଏହି ଦୁଇ ପଦ୍ଧତି ହେଉଛି ସବ ଡର୍ମାଲ ଇମ୍ପ୍ଲାଣ୍ଟ ଓ ଅନ୍ତରା ଇଞ୍ଜେକସନ୍। ସବ ଡର୍ମାଲ ଇମ୍ପ୍ଲାଣ୍ଟ ପଦ୍ଧତିରେ ମହିଳାଙ୍କ ବାମ ହାତର ଉପର ଭାଗରେ ଚର୍ମ ତଳେ ନିଡିଲ ଆକାରର ଏକ ରଡ ରଖାଯିବ। ଏହା ତିନି ବର୍ଷ ପର୍ଯ୍ୟନ୍ତ ଶରୀରରେ ରହିବ। ସେଥିରୁ ଏକ ହର୍ମନ କ୍ଷରିତ ହେବ, ଯାହା ଗର୍ଭଧାରଣ ରୋକିବାରେ ସହାୟକ ହେବ। ଏହାଛଡା ଅନ୍ତରା ଇଞ୍ଜେକ୍ସନ ଦ୍ୱାରା ମହିଳାମାନେ ୩ ମାସ ପର୍ଯ୍ୟନ୍ତ ଗର୍ଭଧାରଣ ରୋକିପାରିବେ। ପ୍ରାରମ୍ଭିକ ଭାବେ ଏହି ଦୁଇ ନୂଆ ପଦ୍ଧତିକୁ କଟକ, ଗଜପତି, ବାଲେଶ୍ୱର ଏବଂ ଗଞ୍ଜାମ ଜିଲ୍ଲାରେ ଆରମ୍ଭ କରାଯାଇଛି। ଏହି ଅବସରରେ ଫାମିଲି ପ୍ଲାନିଂ ୨୦୩୦ ରୋଡମ୍ୟାପ୍ ଉନ୍ମୋଚନ ହୋଇଛି। ଏନେଇ ରାଜ୍ୟ ପରିବାର କଲ୍ୟାଣ ନିର୍ଦ୍ଦେଶକ ଡାକ୍ତର ବିଜୟ ପାଣିଗ୍ରାହୀ କହିଛନ୍ତି, ଏବେ ରାଜ୍ୟର ଫର୍ଟିଲିଟି ହାର ୧.୮ ରହିଛି, ଯାହାକି ଅନୁକୂଳ ଫର୍ଟିଲିଟି ହାର ୨.୧ ତୁଳନାରେ କମ୍ ରହିଛି।

# ଶିକ୍ଷକଙ୍କ କଳାକାରନାମାର ଗୁମର ଖୋଲୁଛି

**ଭଦ୍ରକ :** ବିବି ଦାସ ନୋଡାଲ ସ୍କୁଲର ପ୍ରଧାନ ଶିକ୍ଷକ ଏକେ ପୃଷ୍ଟି ଚାକିରି କାଳରୁ ଆଜି ପର୍ଯ୍ୟନ୍ତ ଅନିୟମିତତା କରିଚାଲିଛନ୍ତି। ଧନତରା ପ୍ରାଇମେରୀ ସ୍କୁଲରେ ଥିଲା ବେଳେ ସେଠାରେ ଜଣେ ଶିକ୍ଷୟିତ୍ରୀଙ୍କ ସଙ୍ଗରେ ଆପତ୍ତିଜନକ କାର୍ଯ୍ୟ କରି ଧରାପଡି ତଡା ଖାଇଥିଲେ। ତା' ପରେ ତାଙ୍କୁ ବସନ୍ତିଆ ମ.ଇ. ସ୍କୁଲକୁ ପଠାଗଲା। ସେଠାରେ ମଧ୍ୟ ବିଦ୍ୟାଳୟକୁ ଆସିଥିବା ଖେଳ ବାବଦ ଟଙ୍କା ଉଠାଇ ତାକୁ ହଡପ କରିବା ସହିତ ଡାକ ବିଭାଗ ଟଙ୍କା ମଧ୍ୟ ହଡପ କରିଥିଲେ। ତେଣୁ ତତ୍କାଳୀନ ଡିଇଓ କପିଳେନ୍ଦ୍ର ମିଶ୍ର ଉକ୍ତ ଶିକ୍ଷକଙ୍କୁ ନିଲମ୍ବନ କରିଥିଲେ। ପରେ ତଦନ୍ତ କରାଗଲା ଏବଂ ସେ ଦୋଷୀ ସାବ୍ୟସ୍ତ ହୋଇଥିଲେ। ବନ୍ତ ବିଇଓ ମହୋଦୟା ଅତି ସଚ୍ଚୋଟତାର ସହିତ ଏହି ତଦନ୍ତ କରି ତଥ୍ୟ ପ୍ରଦାନ କରିଥିଲେ। ତେଣୁ ପ୍ରଶ୍ନ ଉଠୁଛି ଏଭଳି ଜଣେ ଅସାଧୁ ଶିକ୍ଷକଙ୍କୁ କଭିଳି ରାଷ୍ଟ୍ରପତି ପୁରସ୍କାର ପ୍ରଦାନ କରାଗଲା। ଉକ୍ତ ଶିକ୍ଷକଙ୍କ ବିରୁଦ୍ଧରେ ଆହୁରି ଅନେକ ସଙ୍ଗୀତ ଅଭିଯୋଗ ରହିଛି। ହେଲେ ଏବିଇଓ ହେବା ପାଇଁ ସେ ମସୁଧା ଚଳାଇଛନ୍ତି। ହେଲେ ତାଙ୍କ ବିରୁଦ୍ଧରେ ବିଭାଗୀୟ ସଚିବ, ଜିଲ୍ଲାପାଳ, ଡିଇଓଙ୍କୁ ସୂଚନା ଅଧିକାର କର୍ମୀ ତଥା ଜିଲ୍ଲା ସାମ୍ବାଦିକ ବିକାଶ କୁମାର ଧଳ ଜଣାଇଛନ୍ତି। ପୁରସ୍କାର ପ୍ରତ୍ୟାହାର ନହେଲେ ଶ୍ରୀ ଧଳ ରାଷ୍ଟ୍ରପତିଙ୍କ ନିକଟରେ ଅଭିଯୋଗ କରିବେ ବୋଲି କହନ୍ତା ସହ କହିଛନ୍ତି ଯେ, ଶିକ୍ଷା ଭଳି ଏକ ଆଦର୍ଶ ବୃତ୍ତିକୁ ଏଭଳି ଶିକ୍ଷକମାନେ କଳୁଷିତ କରିବା ଅତ୍ୟନ୍ତ ଲଜ୍ଜାଜନକ। ତେଣୁ ଏହାର ଉଚ୍ଚସ୍ତରୀୟ ତଦନ୍ତ ଦାବି ହେଉଛି।






# ଯୋଗେଶଙ୍କ ନେତୃତ୍ୱରେ ଔଷଧୀୟ ଉଦ୍ଭିଦ ସନ୍ଧାନ ଯାତ୍ରା ଶେଷ

**ବରଗଡ :** ଗତ ୧ ଓ ୨ ତାରିଖରେ ଯୋଗେଶ କୁମାର ବାଡାଇଙ୍କ ନେତୃତ୍ୱରେ ଦୁଇ ଦିନିଆ ଔଷଧୀୟ ବୃକ୍ଷ ସନ୍ଧାନ ଯାତ୍ରା ଆୟୋଜିତ ହୋଇଥିଲା। ଯାହା ନିକଟସ୍ଥ ଗାନ୍ଧାମର୍ଦ୍ଧନ ପର୍ବତ ନରସିଂହନାଥ ପାଇକମଲ, ଜିଲ୍ଲା ବରଗଡରେ ବସନା ଅନ୍ତର୍ଗତ ହୋଇଥିଲା। ଯେଉଁଥିରେ ଅନେକ ଔଷଧୀୟ ଉଦ୍ଭିଦ ଚିହ୍ନଟ କରାଯାଇଛି ଯେଉଁଥିରେ ବାଡିଚାଙ୍ଗ, ମୋଚକୁଣ୍ଡ, ଗୁଡମାରି, ଭୁଲିମ୍ବ, ମହାଜାଲ, ଭ୍ରିଙ୍ଗରାଜ, ବଚ, ଗୁଞ୍ଜ, ଭର୍ବମାଲ, ଇନସୁଲିନ, ତିହୁଦି, ଧଳା ମୁଶଳି, ପାତାଳ କୁମ୍ଡା, ଜଷ୍ଟିମଧୁ, ହାଡଜୁଡି, ଜଙ୍ଗଲିତ ଭେଣ୍ଡି, ଭୁଲେନ, ଲେମ୍ବୁ ଘାସ, କଳା କଦଳୀ, ଆଦି ଅନେକ ଔଷଧୀୟ ଉଦ୍ଭିଦ ଚିହ୍ନଟ କରାଯାଇଛି ଓ ଏହାର ଉପଯୋଗିତା ସୁରକ୍ଷିତ ରହିଛି। ଏହି ଔଷଧୀୟ ଉଦ୍ଭିଦ ସନ୍ଧାନରେ ବଦ୍ୟନାଥ ତ୍ରିଲୋଚନ ବାରିହା, ବନପାଳ ଉଦଭ ପ୍ରଧାନ, ରାଜେନ୍ଦ୍ର ଭୋଇ, ବନ ପରିସର



ଅଧିକାରୀ ପାଇକମଲ ଏବଂ ଶ୍ରୀ ଶ୍ରୀ ନରସିଂହ ଆୟୁର୍ବେଦିକ ମହାବିଦ୍ୟାଳୟର ପ୍ରଫେସର ଡକ୍ଟର ଗଜେନ୍ଦ୍ର ପାତ୍ରା ଏବଂ ଅନୁସନ୍ଧାନ କେନ୍ଦ୍ର ପାଇକମାଲ୍ ଏବଂ ଡକ୍ଟର ଜସବନ୍ତ ସାହୁ ବିଶେଷ ସହାୟତା ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଯୋଗେଶ କୁମାର ବଡାଇ ସହକାରୀ ଶିକ୍ଷକ ଗ୍ରାମ ମୋହଗାଁଙ୍କ ନେତୃତ୍ୱରେ ଯୋଗେଶ କୁମାର ପ୍ରଧାନଶିକ୍ଷକ, ହେମରାଜ ନିଶାଦ ଅଧ୍ୟାପକ, ଲକ୍ଷ୍ମଣ ପଟେଲ ଅଧ୍ୟାପକ, ନବୀନ କୁମାର ସାଓ ସହକାରୀ ଶିକ୍ଷକ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ଔଷଧୀୟ ଉଦ୍ଭିଦ ସନ୍ଧାନ ଯାତ୍ରା କାର୍ଯ୍ୟକ୍ରମରେ ପୂର୍ବତନ ପାଦମପୁର ବିଧାୟକ ପ୍ରଦୀପ ପୁରୋହିତ, ଲୋଚନ ପ୍ରଧାନ, ବନାଞ୍ଚଳ ଅଧିକାରୀ ବାସନା ଏସ୍.ଆର.ନିରାଲା, ବ୍ଲକ ଶିକ୍ଷା ଅଧିକାରୀ ଜେ.ଆର. ଡାହରିଆ, ବନ ସୁରକ୍ଷା ଅଧିକାରୀ ପାଇକମଲ ରାଜେନ୍ଦ୍ର ଭୋଇ, ଫରେଷ୍ଟର ଉଦବ ପ୍ରଧାନ,ପ୍ରହରି ରୂପାନନ୍ଦ ମାଝୀ, ବୈଦ୍ୟରାଜ ତ୍ରିଲୋଚନ ବାରିହା ସହଯୋଗ କରିଥିଲେ।







Printed, Published and Owned by **Lingaraj Dash**, Published at Plot No.-4233, Sulochana Bhawan, Behind Badagada High School, Badagada, Bhubaneswar-751018, Dist-Khordha, Odisha & Printed at **Radhakrushna Publication Pvt. Ltd.**, Plot No-H/18, Mancheswar Industurial Estate, Bhubaneswar-10, Odisha ● OFFICE : Plot No.186, Lane-2, Aerodrome Area, Bhubaneswar, Odisha, PIN-751020, Cell : 9338225930 (O), Email : ekamaatra@gmail.com / lingaraj@gmail.com

Managing Editor : **Laxmipriya Dash**
ପରିଚାଳନା ସମ୍ପାଦିକା : **ଲକ୍ଷ୍ମୀପ୍ରିୟା ଦାଶ**

Editor : **Tarak Mohanty**
ସମ୍ପାଦକ : **ତାରକ ମହାନ୍ତି**